ବର୍ଷ-୨୬, ସଂଖ୍ୟା-୧୯୮
ଭୁବନେଶ୍ୱର
୨୪, ଜୁଲାଇ ୨୦୨୬ ଶୁକ୍ରବାର
ପୃଷ୍ଠା-୦୮, ମୂଲ୍ୟ : ୨ଟଙ୍କା

Vol.-26, Issue No. 198
Bhubaneswar
24 July, 2026, Friday
Page-08, Rs.: 2.00

# ମହାଭାରତ

RNI Regd. No.: ODIODI2000/03863
Website : www.mahabharataepaper.com

Mahabharat

ରିଲିଜ୍ ହେଲା ବିଜୟଙ୍କ ଫିଲ୍ମ



# ଆଜି ବାହୁଡ଼ା ଯାତ୍ରା



ପୁରୀ, ୨୩।୭(ମହାଭାରତ):ସରି ଆସିଲାଣି ନବଦିନାତ୍ମକ ଯାତ୍ରା। ଆଡପ ଦର୍ଶନ ପାଇଁ ବଢ଼ିଲାଣି ଗହଳି। ନବଦିନାତ୍ମକ ଶ୍ରୀଗୁଣ୍ଡିଚା ଯାତ୍ରାରେ ବାହାରିଥିବା ମହାପ୍ରଭୁଙ୍କ ଜନ୍ମବେଦିରେ ଏହା ଶେଷ ଦର୍ଶନ। ପ୍ରତିବର୍ଷ ସନ୍ଧ୍ୟା ଦର୍ଶନରେ ଭକ୍ତଙ୍କ ପ୍ରବଳ ସମାଗମ ଦୃଷ୍ଟିରୁ ଶୃଙ୍ଖଳିତ ଦର୍ଶନ ପାଇଁ ବ୍ୟାପକ ସୁରକ୍ଷା ବ୍ୟବସ୍ଥା କରାଯାଇଛି। ଗୁଣ୍ଡିଚା ମନ୍ଦିର ସିଂହଦ୍ୱାର ଦେଇ ଭକ୍ତମାନେ ପ୍ରବେଶ କରି ମହାପ୍ରଭୁଙ୍କ ସନ୍ଧ୍ୟା ଦର୍ଶନ ସାରି ନାକଚଣା ଦ୍ୱାର ଦେଇ ବାହାରିବାର ବ୍ୟବସ୍ଥା କରାଯାଇଛି। ବ୍ୟବସ୍ଥାବଳୀ ମୁତାବକ, ଭକ୍ତମାନେ ଭୋର୍ ୫ଟାରୁ କେବଳ ବାହାରକାଠରେ ଦର୍ଶନ କରୁଛନ୍ତି। ସନ୍ଧ୍ୟା ୬ଟା ପର୍ଯ୍ୟନ୍ତ ସନ୍ଧ୍ୟା ଦର୍ଶନ କରିପାରିବେ। ଏହା ପରେ ଦର୍ଶନ ବନ୍ଦ କରାଯାଇ ଗୁଣ୍ଡିଚା ମନ୍ଦିର ଶୋଧ କରାଯିବ। ଏଥିସହ ବାହୁଡା ପହଣ୍ଡି ପାଇଁ ପ୍ରସ୍ତୁତି ଆରମ୍ଭ ହେବ।

ପୂର୍ବ ସୂଚନା ମୁତାବକ ସନ୍ଧ୍ୟା ୬ ଟା ସୁଦ୍ଧା ବନ୍ଦ୍ ହୋଇଗଲା ସିଂହଦ୍ୱାର ।ଶେଷ ଆଡ଼ପ ଦର୍ଶନ ପାଇଁ ବ୍ୟାକୁଳ ଭକ୍ତ ଙ୍କ ଆଖିରେ ଲୁହ ଧାର ଛୁଟି ଆସିଲା ।କିଏ ଘଣ୍ଟାଏ ,କିଏ ଦୁଇ ଘଣ୍ଟା ଲାଇନ୍ ରେ ଛିଡା ହୋଇ ଯେତେବେଳେ ଭିତରକୁ ଯିବା ପାଇଁ ଆଉ ଅନୁମତି ପାଇଲେ ନାହିଁ ।ସେଇଠି ଅଦ୍ଭୁତ ଭାବ ବିହ୍ୱଳତା ଦେଖିବାକୁ ମିଳିଲା ।କିଏ ,ନଡ଼ିଆ ବାଡେଇ ଦେଇ ପାଣିକୁ ଠାକୁରଙ୍କ ଉଦ୍ଦେଶ୍ୟରେ ଟେକି ଦଉଥାଏ ।କିଏ ପୁଣି କାନ୍ଦି କାନ୍ଦି ଅଣ ନିଶ୍ୱାସୀ ହେଉଥାଏ ।ହେଲେ ଖବର ପ୍ରସାରଣ ପରେ ଯେତେବେଳେ କିଛି ମୁହୂର୍ତ୍ତ ପାଇଁ ସିଂହଦ୍ୱାର ଖୋଲି ଭକ୍ତ ଙ୍କୁ ଭିତରକୁ ଯିବାକୁ ଅନୁମତି ମିଳିଲା,ସେତେବେଳେ ଦେଖିବାକୁ ମିଳିଥିଲା ଭାବବିହ୍ୱଳ ଦୃଶ୍ୟ। ପାଗଳ ପରି ଦୌଡି ଥିଲେ ଭକ୍ତ ।ବ୍ୟାରିକେଡ଼ ଭିତରେ ଥିବା ଭକ୍ତ ମାନଙ୍କୁ ଦର୍ଶନ ପାଇଁ ଭିତରକୁ ଯିବାକୁ ଅନୁମତି ମିଳିଥିଲା ।ଆଉ ଦୃଶ୍ୟ ମହାପ୍ରଭୁଙ୍କ ମହନୀୟତା ଆଉ ଲୀଳା କୁ ଜୀବନ୍ତ କରୁଥିଲା ।

ମଙ୍ଗଳ ଆଳତୀ – ଭୋର୍ ୪ଟା, ମଇଲମ – ୪ ଟା ୧୫, ତଡ଼ପଲାଗି – ୪ ଟା ୩୦, ରୋଷହୋମ – ୪ ଟା ୩୦, ଅବକାଶ – ୫ ଟା, ସୂର୍ଯ୍ୟପୂଜା – ୫ ଟା ୧୫, ଦ୍ୱାରପାଳ ପୂଜା – ୫ ଟା ୩୦, ବେଶ ଶେଷ – ୫ଟା ୩୦, ଗୋପାଳବଲ୍ଲଭ ଓ ସକାଳ ଧୂପ ଖେଚୁଡ଼ି – ୫ ଟା ୪୫ ରୁ ୬ ଟା ୪୫, (ସେନାପଟା ଲାଗି – ୭ ଟା ରୁ ୧୧ ଟା ୩୦), ମଙ୍ଗଳାର୍ପଣ – ୧୧ ଟା ୪୫ ବାହୁଡ଼ା ପହଣ୍ଡି – ଦିବା ୧୨ ଟା ରୁ ୨ ଟା ୩୦ଙ୍କ, ବେଶ ଶେଷ – ୧ ଟା ରୁ ୨ ଟା ୩୦,ଗଜପତି ମହାରାଜାଙ୍କ ଦ୍ୱାରା ରାଜନୀତି ଓ ଛେରା ପହଁରା – ଅପରାହ୍ନ ୨ ଟା ୩୦ ରୁ ୩ ଟା ୩୦, ଚାରମାଳ ଫିଟା ଓ ଘୋଡ଼ା ଲାଗିବା – ଅପରାହ୍ନ ୩ ଟା ୪ ଟା ଓ ରଥ ଟଣା ଆରମ୍ଭ – ଅପରାହ୍ନ ୪ ଟା।

# ପୋଖରୀରେ ପଶିଗଲା ବରଯାତ୍ରୀ କାର୍; ୫ ମୃତ

ଢେଙ୍କାନାଳ ୨୩।୭(ମହାଭାରତ): ପୋଖରୀରେ ପଶିଗଲା ବରଯାତ୍ରୀ କାର୍। ୫ ଜଣଙ୍କ ମୃତ୍ୟୁ ହୋଇଥିବା ବେଳେ ୨ ଜଣ ଗୁରୁତର ଆହତ ହୋଇଛନ୍ତି। ଢେଙ୍କାନାଳ ସଦର ଥାନା ଛାଟିଆ ଗାଁ ନିକଟରେ ଗତକାଲି ବିଳମ୍ବିତ ରାତିରେ ଘଟିଛି ଏହି ଦୁର୍ଘଟଣା।

୭ ଜଣ ଯୁବକ ସେମାନଙ୍କର ଜଣେ ସାଙ୍ଗର ବାହାଘରରେ ଯୋଗ ଦେବାକୁ କାରରେ ଢେଙ୍କାନାଳ ସଦର ଥାନା ଅନ୍ତର୍ଗତ ଇନ୍ଦିପୁର ଗାଁକୁ ଯାଇଥିଲେ। ବାହାଘର ସରିବା ପରେ ବିଳମ୍ବିତ ରାତିରେ ସେମାନେ ସେଠାରୁ ଫେରୁଥିବା ବେଳେ ଥାକିଆ ଗାଁ ନିକଟରେ ଏକ ବୁଲାଣିରେ କାରଣଟି ଭାରସାମ୍ୟ ହରାଇ ରାସ୍ତାରୁ ଖସି ପୋଖରୀରେ ପଶି ଯାଇଥିଲା।

ବର୍ଷା ଦିନ ହେତୁ ପୋଖରୀରେ ପାଣି ଭର୍ତ୍ତି ହୋଇଥିବା ବେଳେ କାରଟି ପୂରା ବୁଡ଼ି ଯାଇଥିଲା। ସ୍ଥାନୀୟ ଲୋକଙ୍କ କହିବାନୁସାରେ କାରଣଟି ବାହାରକୁ ମାତ୍ର ୭/୮ ଇଞ୍ଚ ଦେଖାଯାଉଥିଲା। ୨ ଜଣ କାରରୁ ବାହାରିବାରେ ସଫଳ ହୋଇଥିବା ବେଳେ ଅନ୍ୟମାନେ ଫସି ଯାଇଥିଲେ। ସ୍ଥାନୀୟ ଲୋକେ ପହଞ୍ଚି ଉଦ୍ଧାର କାର୍ଯ୍ୟ ଆରମ୍ଭ କରିଥିଲେ। ୨ ଜଣଙ୍କୁ ଜୀବନ୍ତ ଉଦ୍ଧାର କରାଯାଇଥିବା ବେଳେ ଅନ୍ୟ ୫ ଜଣଙ୍କର ମୃତ୍ୟୁ ହୋଇସାରିଥିଲା।

ମୃତାହତମାନଙ୍କୁ ଢେଙ୍କାନାଳ ଜିଲ୍ଲା ମୁଖ୍ୟ ଚିକିତ୍ସାଳୟକୁ ନିଆଯାଇଥିଲା। ସେଠାରେ ଦୁଇ ଆହତଙ୍କ ଚିକିତ୍ସା ଚାଲିଛି। ମୃତକଙ୍କ ମଧ୍ୟରୁ କିଏ ବର୍ଷ ? କି ଦେଢ଼ ବର୍ଷ ହେବ ବାହା ହୋଇଥିବା ବେଳେ ଆଉ କାହାର କୁନି କୁନି ଛୁଆ ଅଛନ୍ତି।

ଅନ୍ୟ ପକ୍ଷରେ ଗତକାଲି ରାତି ପ୍ରାୟ ୧୦ଟା ବେଳେ କେନ୍ଦୁଝର ଜିଲ୍ଲା ଚମ୍ପୁଆର ରଜିଆ ନିକଟରେ ଏକ ତାର ଭାରସାମ୍ୟ ହରାଇ ଗଛରେ ପିଟି ହେବାରୁ ୩ ଜଣଙ୍କର ମୃତ୍ୟୁ ଘଟିଛି। ଆଉ ୨ ଜଣ ଗୁରୁତର ଆହତ ହୋଇଛନ୍ତି। ମୃତାହତମାନେ ଗୋଟିଏ ପରିବାରର। ସେମାନଙ୍କ ଘର ସିଜୁକଳା ଗାଁରେ ବୋଲି ଜଣାପଡ଼ିଛି।ସୂଚନା ଅନୁଯାୟୀ, ଏହି ପରିବାରର ଜଣେ ବ୍ୟକ୍ତି ହଠାତ୍ ଅସୁସ୍ଥ ହୋଇପଡ଼ିଥିଲେ। ତେଣୁ ତାଙ୍କ ସ୍ତ୍ରୀ ଓ ପୁଅ ସମେତ ଆଉ ଦୁଇ ଜଣ ସଦସ୍ୟ ମିଶି ତାଙ୍କୁ ତାର ଗାଡ଼ିରେ ଚମ୍ପୁଆ ଡାକ୍ତରଖାନାକୁ ନେଉଥିବା ବେଳେ ଘଟିଥିଲା ଦୁର୍ଘଟଣା। ମୃତକଙ୍କ ମଧ୍ୟରେ ଅଛନ୍ତି ଅସୁସ୍ଥ ବ୍ୟକ୍ତିଙ୍କ ସ୍ତ୍ରୀ। ସେହିପରି ତାଙ୍କ ପୁଅଙ୍କ ଅବସ୍ଥା ଗୁରୁତର ରହିଛି।



## ଅବସରପ୍ରାପ୍ତ ଆଇଏଏସ୍ ଉପେନ୍ଦ୍ର ନାଥ ବେହେରାଙ୍କୁ ନୋଟିସ୍; ହାଜର ହୋଇନଥିବା ରାଜେଶ ବର୍ମାଙ୍କୁ ପୁଣି ନୋଟିସ୍

ଭୁବନେଶ୍ୱର, ୨୩।୭(ମହାଭାରତ):ମୁଖ୍ୟମନ୍ତ୍ରୀଙ୍କ କାର୍ଯ୍ୟାଳୟରୁ ଦୁଇଟି ଗୁରୁତ୍ୱପୂର୍ଣ୍ଣ ତଦନ୍ତ କମିଶନ ଫାଇଲ ଗାଏବ ହେବା ଘଟଣାରେ ଗୁରୁବାର ଆଉ ଜଣେ ଅବସରପ୍ରାପ୍ତ ଆଇଏଏସ ଅଫିସରଙ୍କ ନିକଟକୁ ନୋଟିସ୍ ପଠାଇଛି କ୍ୟାପିଟାଲ ଥାନା ପୁଲିସ ।ଜୁଲାଇ ୨୬ ତାରିଖ ପୂର୍ବାହ୍ନ ୧୧ଟା ବେଳେ ଭୁବନେଶ୍ୱର ୟୁପିଡି ଅଧୀନସ୍ଥ ଏସିପି ଜୋନ୍-୧ କାର୍ଯ୍ୟାଳୟରେ ତଦନ୍ତ ଅଧିକାରୀ ବିପିନ ବିହାରୀ ହୋତା (ଅତିରିକ୍ତ ଆଇଆଇସି, କ୍ୟାପିଟାଲ ଥାନା)ଙ୍କ ନିକଟରେ ହାଜର ହେବାକୁ ପୂର୍ବତନ ଆଇଏଏସ୍ ଅଫିସର ଶ୍ରୀ ବେହେରାଙ୍କୁ କୁହାଯାଇଛି ।ତଦନ୍ତ ଅଧିକାରୀ ତଥା କ୍ୟାପିଟାଲ ଥାନା ଅତିରିକ୍ତ ଆଇଆଇସି ଶ୍ରୀ ହୋତା ଏହି ନୋଟିସ୍ ପଠାଇଥିବା ବେଳେ ସେ ଏଥିରେ ଉଲ୍ଲେଖ କରିଛନ୍ତି ଯେ ତଦନ୍ତ ବେଳେ ସଂଗ୍ରହ କରାଯାଇଥିବା ତଥ୍ୟରୁ ଜଣାପଡୁଛି ଯେ ଉକ୍ତ ମାମଲାର ତଥ୍ୟ ଓ ପରିସ୍ଥିତି ସମ୍ପର୍କରେ ଆପଣ ଅବଗତ ଥାଇପାରନ୍ତି। ତେଣୁ ଆପଣଙ୍କୁ ତଦନ୍ତରେ ପଚରାଉଚରା ଏବଂ ପୂର୍ଣ୍ଣ ସହଯୋଗ ପାଇଁ ୨୬ ତାରିଖ ଦିନ ସକାଳ ୧୧ଟା ସମୟରେ






ଭୁବନେଶ୍ୱର ୟୁପିଡି ଏସିପି ଜୋନ୍-୧ କାର୍ଯ୍ୟାଳୟରେ ହାଜର ହେବାକୁ ନିର୍ଦ୍ଦେଶ ଦିଆଯାଉଛି ।ଏହି ମାମଲା ସମ୍ବନ୍ଧୀୟ ଯେକୌଣସି ଦଲିଲ, ରେକର୍ଡ, ଇଲେକ୍ଟ୍ରୋନିକ୍ସ ଉପକରଣ କିମ୍ବା ଅନ୍ୟାନ୍ୟ ପ୍ରାସଙ୍ଗିକ ସାମଗ୍ରୀ ଯାହା ନିଜ ପାଖରେ ଥିବ, ତାହା ସାଙ୍ଗରେ ଆଣିବାକୁ ପୁଲିସ ଶ୍ରୀ ବେହେରାଙ୍କ ନିକଟକୁ ପଠାଇଥିବା ନୋଟିସରେ ସ୍ପଷ୍ଟ ଭାବରେ ଦର୍ଶାଇଛି। ଏହି ନୋଟିସଟି ଜୁଲାଇ ୨୩ ତାରିଖରେ (ଆଜି) ତାଙ୍କର ପଟିଆର ଶିଶୁ ବିଭାଗର ସ୍ଥିତ ବାସଭବନ ଠିକଣାରେ ଜାରି କରାଯାଇଛି। ମୁଖ୍ୟମନ୍ତ୍ରୀଙ୍କ କାର୍ଯ୍ୟାଳୟରୁ ୨ଟି ଗୁରୁତ୍ୱପୂର୍ଣ୍ଣ ତଦନ୍ତ କମିଶନ ଫାଇଲ ଗାଏବ ହେବା ଘଟଣାରେ ଗତକାଲି ବିଜେଡିର ସର୍ବେସର୍ବା କୁହାଯାଉଥିବା ତଥା ପୂର୍ବତନ ମୁଖ୍ୟମନ୍ତ୍ରୀଙ୍କ ପୂର୍ବତନ ବ୍ୟକ୍ତିଗତ ସଚିବ ଭିକେ ପାଣ୍ଡିଆନଙ୍କୁ ନୋଟିସ୍ ଜାରି କରି ହାଜର ପାଇଁ ନିର୍ଦ୍ଦେଶ ଦେଇଛି କମିଶନରେଟ ପୁଲିସ। ଜୁଲାଇ ୨୫ ତାରିଖ ପୂର୍ବାହ୍ନ ୧୧ଟାରେ ଭୁବନେଶ୍ୱର ୟୁପିଡି ଅଧୀନସ୍ଥ ଏସିପି ଜୋନ୍-୧ କାର୍ଯ୍ୟାଳୟରେ ହାଜର ହେବା ପାଇଁ ତାଙ୍କୁ ନିର୍ଦ୍ଦେଶ ଦିଆଯାଇଛି।

### ହେଲିକପ୍ଟର ଗସ୍ତ ମାମଲା

# କୋର୍ଟରେ ଜବାବ ଦାଖଲ କଲେ ନବୀନ-ପାଣ୍ଡିଆନ

ଭୁବନେଶ୍ୱର, ୨୩।୭(ମହାଭାରତ):ବିଜେଡିର ଅଘୋଷିତ ସର୍ବେସର୍ବା ଭିକେ ପାଣ୍ଡିଆନଙ୍କ ହେଲିକପ୍ଟର ଗସ୍ତ ମାମଲାକୁ ନେଇ ରାଜ୍ୟ ରାଜନୀତି ପୁଣିଥରେ ସରଗରମ ହୋଇଛି। ଖୋର୍ଦ୍ଧା ଜିଲ୍ଲା ଦୌରା ଜଜଙ୍କ କୋର୍ଟରେ ଉଭୟ ପାଣ୍ଡିଆନ ଓ ପୂର୍ବତନ ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକ ନିଜର ଓକିଲଙ୍କ ମାଧ୍ୟମରେ ପୃଥକ ପୃଥକ୍ ଭାବେ ଜବାବ ଦାଖଲ କରିଛନ୍ତି।

ଜୁଲାଇ ୧୫ତାରିଖ ସୁଦ୍ଧା ପକ୍ଷ ରଖିବାକୁ ଉଭୟଙ୍କୁ କୋର୍ଟ ନିର୍ଦ୍ଦେଶ ଦେଇଥିଲେ। ଓକିଲ ସୁଧୀର ଚରଣ ମହାନ୍ତିଙ୍କ ଦ୍ୱାରା ଦାଏର ରିଭିଜନ୍ ପିଟିସନ ଆଧାରରେ ନବୀନ ଓ ପାଣ୍ଡିଆନଙ୍କୁ କୋର୍ଟ ସମନ ଜାରି କରିଥିଲେ। ଏହି ମାମଲାର ପରବର୍ତ୍ତୀ ଶୁଣାଣି ଜୁଲାଇ ୩୧ତାରିଖରେ ହେବ ବୋଲି ଜଣାପଡିଛି।

ନବୀନଙ୍କ ପକ୍ଷରୁ ଦାଖଲ ଜବାବରେ ତାଙ୍କ ଓକିଲ ଦର୍ଶାଯାଇଛନ୍ତି ଯେ,ଦୀର୍ଘ ୨୪ବର୍ଷ ଧରି ସେ କ୍ରମାଗତ ୫ଥର ଓଡିଶାର ମୁଖ୍ୟମନ୍ତ୍ରୀ ଭାବେ ସେବା କରିଛନ୍ତି ।ଏବେ ବିଧାନସଭାରେ ବିରୋଧୀ ଦଳ ନେତା ଅଛନ୍ତି। ଅଭିଯୋଗକାରୀଙ୍କ ପିଟିସନରେ ନବୀନ ପଟ୍ଟନାୟକଙ୍କ ବିରୋଧରେ କୌଣସି ନିର୍ଦ୍ଦିଷ୍ଟ ପ୍ରମାଣ କିମ୍ବା ତଥ୍ୟ ନାହିଁ, କେବଳ ସେ 'ନିର୍ଦ୍ଦେଶ ଦେଇଥିଲେ' ବୋଲି ଏକ ସାଧାରଣ ଅଭିଯୋଗ କରାଯାଇଛି। କେବଳ ରାଜନୈତିକ ଉଦ୍ଦେଶ୍ୟ ରଖି ଓ ତାଙ୍କର ସୁନାମ କ୍ଷୁଣ୍ଣ କରିବା ପାଇଁ ଏହି ମାମଲାରେ ତାଙ୍କ ନାମ ଯୋଡାଯାଇଛି ବୋଲି ଓକିଲ ସୀତାଂଶୁ ମୋହନ ଦ୍ୱିବେଦୀ କୋର୍ଟଙ୍କୁ ଜଣାଇଛନ୍ତି।

ସେହିପରି ପାଣ୍ଡିଆନଙ୍କ ପକ୍ଷ ରଖି ଓକିଲ ଶ୍ରୀ ଦ୍ୱିବେଦୀ ଦର୍ଶାଇଛନ୍ତି ଯେ, ତାଙ୍କ ମହକିଲ ଦୁଇ ଦଶନ୍ଧିରୁ ଅଧିକ ସମୟଧରି ଭାରତୀୟ ପ୍ରଶାସନିକ ସେବାରେ ନିଷ୍ଠାର ସହ କାର୍ଯ୍ୟ କରିବା ପରେ ଜନସେବା ପାଇଁ ବିଜେଡିରେ ଯୋଗ ଦେଇଥିଲେ। ଅଭିଯୋଗକାରୀ ନିଜ ଆବେଦନରେ ହେଲିକପ୍ଟର ଗସ୍ତର କୌଣସି ତାରିଖ, ସ୍ଥାନ କିମ୍ବା ଖର୍ଚ୍ଚ ବହନ କରିଥିବା କୌଣସି ସଂସ୍ଥାର ନାଁ ଦେଇପାରିନାହାନ୍ତି। ପ୍ରତାରଣା, ଜାଲିଆତି କିମ୍ବା ବିଶ୍ୱାସଘାତକତା ଭଳି ଆଇନଗତ ଦଫାର କୌଣସି ଆଧାର ଏଠାରେ ଗ୍ରହଣଯୋଗ୍ୟ ନୁହେଁ।

ତେଣୁ ଏସଡିଜେଏମ୍ କୋର୍ଟଙ୍କ ଆଦେଶ ସମ୍ପୂର୍ଣ୍ଣ ଆଇନସମ୍ମତ ଥିଲା ଓ ସୁପ୍ରିମକୋର୍ଟଙ୍କ ବିଭିନ୍ନ ରାୟ ଅନୁସାରେ ଅସ୍ପଷ୍ଟ ଅଭିଯୋଗ ଉପରେ ପୁଲିସକୁ ତଦନ୍ତ ନିର୍ଦ୍ଦେଶ ଦିଆଯାଇପାରିବ ନାହିଁ। ତେଣୁ ସୁଧୀର ଚରଣ ମହାନ୍ତିଙ୍କ ଦ୍ୱାରା ଦାଖଲ ରିଭିଜନ୍ ପିଟିସନକୁ ସମ୍ପୂର୍ଣ୍ଣ ଭିତ୍ତିହୀନ, ଅସ୍ପଷ୍ଟ, ରାଜନୈତିକ ଉଦ୍ଦେଶ୍ୟ ପ୍ରଣୋଦିତ ଓ ଆଇନର ଅପବ୍ୟବହାର ବୋଲି ଦର୍ଶାଇ ଏହାକୁ ଖାରଜ କରିବା ପାଇଁ ଶ୍ରୀ ଦ୍ୱିବେଦୀ କୋର୍ଟଙ୍କୁ ନିବେଦନ କରିଛନ୍ତି।

## 'କୁଶା'ର ସଫଳ ଉଡାଣ ପରୀକ୍ଷଣ କଲା ଡିଆରଡିଓ

ନୂଆଦିଲ୍ଲୀ/ଭୁବନେଶ୍ୱର: ପ୍ରତିରକ୍ଷା ଗବେଷଣା ଓ ବିକାଶ ସଂଗଠନ (ଡିଆରଡିଓ) ୨୩ ଜୁଲାଇ ୨୦୨୬ରେ ଓଡିଶା ଉପକୂଳ ଏପିଜେ ଅବଦୁଲ କଲାମ୍ ଦ୍ୱୀପରୁ ଲମ୍ବା ଦୂରଗାମୀ କ୍ଷେପଣାସ୍ତ୍ର 'କୁଶା'ର ପ୍ରଥମ ସଫଳ ଉଡାଣ ପରୀକ୍ଷଣ କରିଛି। ଏହି ପ୍ରଥମ ପରୀକ୍ଷଣ ଏକ ଉଚ୍ଚ-ଗତି, ଉଚ୍ଚ-ଉଚ୍ଚତା ବିଶିଷ୍ଟ ଆକାଶମାର୍ଗ ବିପଦକୁ ଅନୁକରଣ କରୁଥିବା ଏକ ଇଲେକ୍ଟ୍ରୋନିକ୍ ଲକ୍ଷ୍ୟ ବିରୁଦ୍ଧରେ କରାଯାଇଥିଲା। କ୍ଷେପଣାସ୍ତ୍ର ପ୍ରଣାଳୀ ଦ୍ୱାରା ଲକ୍ଷ୍ୟକୁ ସଫଳତାର ସହ ଇଣ୍ଟରସେପ୍ଟ (ନଷ୍ଟ) କରି ଦିଆଯାଇଥିଲା।'କୁଶା' କ୍ଷେପଣାସ୍ତ୍ର ପ୍ରଣାଳୀ ଲଢୁଆ ବିମାନ, କ୍ଷେପଣାସ୍ତ୍ର, ମାନବିହୀନ ବିମାନ (ୟୁଏଭି) ଏବଂ ବଡ଼ ଶତ୍ରୁ ବିମାନ ସମେତ ଭିନ୍ନ ଭିନ୍ନ ପରିସର ଓ ଉଚ୍ଚତାରେ ଆକାଶ ମାର୍ଗରୁ ଆସୁଥିବା ବିଭିନ୍ନ ପ୍ରକାରର ବିପଦକୁ ନଷ୍ଟ କରିବାରେ ସକ୍ଷମ।

### ମହାନଦୀ ଜଳ ବିବାଦ ମାମଲା

# କେନ୍ଦ୍ର ସରକାର-କେନ୍ଦ୍ର ଜଳ କମିଶନ ହେବେ ମଧ୍ୟସ୍ଥତା

ଭୁବନେଶ୍ୱର, ୨୩।୭(ମହାଭାରତ): ଟ୍ରିବୁନାଲରେ ମହାନଦୀ ଜଳବିବାଦର ଗୁରୁବାର ଶୁଣାଣି ହୋଇଛି। ମହାନଦୀ ଜଳ ଆବଣ୍ଟନର ସମାଧାନ ପାଇଁ କେନ୍ଦ୍ର ଜଳ କମିଶନ ଏବଂ କେନ୍ଦ୍ର ସରକାରଙ୍କ ଜଳ ଶକ୍ତି ବିଭାଗକୁ ମଧ୍ୟସ୍ଥତା କରିବାକୁ ନିର୍ଦ୍ଦେଶ ଦେଇଛନ୍ତି। ଏଥିପାଇଁ ଏକ ଯୁଗ୍ମ କମିଟି ଗଠନ କରିବାକୁ ନିର୍ଦ୍ଦେଶ ଦେଇଛନ୍ତି ଟ୍ରିବ୍ୟୁନାଲ। ଏହି କମିଟିରେ ଛତିଶଗଡ ଏବଂ ଓଡ଼ିଶାର ବୈଷୟିକ ଟିମ୍ ସଦସ୍ୟ ରହିବେ। ଉଭୟ ରାଜ୍ୟକୁ ଏନେଇ ଡ୍ରାଫ୍ଟ ତିଆରି କରି ଟ୍ରିବ୍ୟୁନାଲରେ ଦାଖଲ କରିବାକୁ କହିଥିବା ଏଜି ପିତାମ୍ବର ଆଚାର୍ଯ୍ୟ ସୂଚନା ଦେଇଛନ୍ତି ।ଗତ ୨୦୨୫ ଜୁଲାଇ ୨୫ ରେ ଛତିଶଗଡ଼ ମୁଖ୍ୟମନ୍ତ୍ରୀଙ୍କୁ ଓଡ଼ିଶା ସରକାର ଦେଇଥିବା ଚିଠିର ଉତ୍ତର ୨୦୨୬ ଜୁଲାଇ ୨୨ ରେ ଛତିଶଗଡ଼ ମୁଖ୍ୟମନ୍ତ୍ରୀ ଦେଇଛନ୍ତି। ସେ ଚିଠିର ନକଲ ଟ୍ରିବ୍ୟୁନାଲ ଆଗରେ ଉପସ୍ଥାପନ କରାଯାଇଛି। ବିବାଦର ସମାଧାନ ପାଇଁ ୨୦ ରୁ ଅଧିକ ବୈଠକ ମାଧ୍ୟମରେ ଉଭୟ ପକ୍ଷ ଅନେକ ବିଷୟରେ ସମାଧାନ ପାଇଁ ବିଭିନ୍ନ ପ୍ରସଙ୍ଗ ରେ ସହମତି ପ୍ରକାଶ ପାଇଛି। ମହାନଦୀ ଜଳ ବିବାଦ ର ଉଭୟ ରାଜ୍ୟ ର ମଧ୍ୟରେ ହୋଇଥିବା ବୈଠକ ଏବଂ ପ୍ରୟାସ କୁ ପ୍ରଶଂସା କରିଛନ୍ତି ଟ୍ରିବ୍ୟୁନାଲ। ପରବର୍ତ୍ତି ଶୁଣାଣି ଅଗଷ୍ଟ ୨୧ରେ ହେବ ବୋଲି ଆଡଭୋକେଟ୍ ଜେନେରାଲ ପିତାମ୍ବର ଆଚାର୍ଯ୍ୟ କହିଛନ୍ତି।



### ମୁଖ୍ୟମନ୍ତ୍ରୀଙ୍କୁ ଭେଟିଲେ ବିଭିନ୍ନ ଶିଳ୍ପପତି, ଶିଳ୍ପ ପ୍ରତିନିଧି ଓ ଶିଳ୍ପ ସଂଘର କର୍ମକର୍ତ୍ତା

# ଅର୍ଥନୈତିକ ଅଭିବୃଦ୍ଧିରେ ମଧ୍ୟ ଶ୍ରେଷ୍ଠ ୫ ରାଜ୍ୟରେ ଆମ ଲକ୍ଷ୍ୟ : ମୁଖ୍ୟମନ୍ତ୍ରୀ

ଭୁବନେଶ୍ୱର, ୨୩।୭(ମହାଭାରତ): ନୀତି ଆୟୋଗ ଦ୍ୱାରା ପ୍ରକାଶିତ ଇନ୍‌ଭେଷ୍ଟମେଣ୍ଟ ଫ୍ରେଣ୍ଡ୍ଲିନେସ୍ ଇଣ୍ଡେକ୍ସ-୨୦୨୬ରେ ଓଡିଶା ଦେଶର ଶୀର୍ଷ ୫ଟି ରାଜ୍ୟ ମଧ୍ୟରେ ସ୍ଥାନ ପାଇଛି। ଏଥିସହ ପୂର୍ବ ଓ ଉତ୍ତର ଭାରତରୁ ଓଡିଶା ଏକମାତ୍ର ରାଜ୍ୟ ଭାବେ ସ୍ଥାନିତ ହୋଇଛି। ଏଥିପାଇଁ ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀଙ୍କୁ ଲୋକସେବା ଭବନଠାରେ ରାଜ୍ୟର ବିଭିନ୍ନ ଶିଳ୍ପପତି, ଶିଳ୍ପ ପ୍ରତିନିଧି ଓ ଶିଳ୍ପ ସଂଘର କର୍ମକର୍ତ୍ତାମାନେ ଭେଟି ସମ୍ବର୍ଦ୍ଧିତ କରିଛନ୍ତି।



ନୀତି ଆୟୋଗ ଇନ୍‌ଭେଷ୍ଟମେଣ୍ଟ ଫ୍ରେଣ୍ଡ୍ଲିନେସ୍ ଇଣ୍ଡେକ୍ସ-୨୦୨୬ରେ ଗୁଜୁରାଟ ୫୬.୬ ପଏଣ୍ଟ ପାଇ ଶୀର୍ଷ ସ୍ଥାନ ଅଧିକାର କରିଥିବା ବେଳେ ଓଡିଶା ୫୨.୪ ପଏଣ୍ଟ ସହିତ ପଞ୍ଚମ ସ୍ଥାନ ଅଧିକାର କରିଛି। ଦ୍ୱିତୀୟ ସ୍ଥାନରେ ମହାରାଷ୍ଟ୍ର, ତୃତୀୟରେ ତାମିଲନାଡୁ ଏବଂ ଚତୁର୍ଥରେ ଗୋଆ ରହିଛି। ବୃହତ ରାଜ୍ୟମାନଙ୍କ ମଧ୍ୟରେ ଦେଖିବାକୁ ଗଲେ ଓଡିଶାର ସ୍ଥାନ ଚତୁର୍ଥରେ ରହିଛି। ଶ୍ରେଷ୍ଠ ୫ଟିରେ ପଶ୍ଚିମ ଭାରତର ଗୁଜୁରାଟ, ଗୋଆ ଓ ମହାରାଷ୍ଟ୍ର ସ୍ଥାନ ପାଇଥିବା ବେଳେ ଦକ୍ଷିଣ ଭାରତରୁ ତାମିଲନାଡୁ ସ୍ଥାନ ପାଇଛି। ଦେଶର ଉତ୍ତର ଓ ପୂର୍ବ ରାଜ୍ୟ ମାନଙ୍କ ମଧ୍ୟରୁ କେବଳ ଓଡିଶା ହିଁ ଟପ୍ ପର୍ଫର୍ମର ଭାବେ ସ୍ଥାନିତ ହୋଇଛି।

ଏହି ଅବସରରେ ଶିଳ୍ପୋଦ୍ୟୋଗୀମାନଙ୍କୁ ପ୍ରଶଂସା କରି ମୁଖ୍ୟମନ୍ତ୍ରୀ କହିଥିଲେ ଯେ, ନୀତି ଆୟୋଗର ଏହି ମାନ୍ୟତା ଆମ ପାଇଁ ଖୁବ୍ ଉତ୍ସାହଜନକ। ଏହାଦ୍ୱାରା ଟିମ୍ ଓଡିଶା ଓ ଉଦ୍ୟୋଗୀମାନଙ୍କର ମନୋବଳ ବୃଦ୍ଧି ପାଇଛି। କେବଳ ଶିଳ୍ପ କ୍ଷେତ୍ରରେ ନୁହେଁ, ଅର୍ଥନୈତିକ ଅଭିବୃଦ୍ଧି କ୍ଷେତ୍ରରେ ମଧ୍ୟ ଓଡିଶାକୁ ଶ୍ରେଷ୍ଠ ୫ଟି ରାଜ୍ୟ ମଧ୍ୟରେ ସ୍ଥାନିତ କରିବା ଆମର ଲକ୍ଷ୍ୟ ।ସେ କହିଥିଲେ ଯେ, ଗତ ଦୁଇ ବର୍ଷ ମଧ୍ୟରେ ଆପଣମାନଙ୍କ ସହଯୋଗରେ ରାଜ୍ୟରେ ଯେଉଁ ଗତିରେ ଶିଳ୍ପ ବିକାଶ ହେଉଛି, ତାହା ପୂର୍ବରୁ କେବେ ହୋଇନଥିଲା।୫ ବର୍ଷରେ ୫ ଲକ୍ଷ କୋଟି ଟଙ୍କାର ପୁଞ୍ଜିନିବେଶ ପାଇଁ ଆମେ କଥା ଦେଇଥିଲୁ। ମାତ୍ର ୨ ବର୍ଷରେ ୩ ଲକ୍ଷ କୋଟି ଟଙ୍କା ଟପି ଗଲାଣି।

୨ ବର୍ଷ ମଧ୍ୟରେ ଆମେ ୨୦ ଲକ୍ଷ କୋଟି ଟଙ୍କାର ପୁଞ୍ଜି ଆକର୍ଷଣ କରିପାରିଛୁ। ବର୍ତ୍ତମାନ ସୁଦ୍ଧା ରାଜ୍ୟରେ ଶିଳ୍ପ ସ୍ଥାପନ ପାଇଁ ୪୫୩ଟି ପ୍ରକଳ୍ପକୁ ମଞ୍ଜୁରୀ ପ୍ରଦାନ କରାଯାଇଛି। ଏହାଦ୍ୱାରା ୯.୫୦ ଲକ୍ଷ କୋଟି ଟଙ୍କା ନିବେଶ ଆସିବ । ଗତ ଦୁଇ ବର୍ଷରେ ଆମେ ୩.୧୧ ଲକ୍ଷ କୋଟି ଟଙ୍କାର ୧୫୨ଟି ପ୍ରକଳ୍ପର ଉଦଘାଟନ ଓ ଶିଳାନ୍ୟାସ କରିଛୁ। ଏହା ଦ୍ୱାରା ୨.୫୦ ଲକ୍ଷ ଯୁବକଯୁବତୀଙ୍କ ପାଇଁ ନିଯୁକ୍ତି ସୁଯୋଗ ସୃଷ୍ଟି ହୋଇଛି। ଶିଳ୍ପ ମନ୍ତ୍ରୀ ସମ୍ପଦ ସ୍ୱାଇଁ କହିଥିଲେ ଯେ, ଏହି ସମ୍ମାନ କେବଳ ଆମ ପାଇଁ ଏକ ଜବଭଳ ନୁହେଁ, ଏହା ଓଡିଶାକୁ ନିବେଶକମାନଙ୍କ ଭଲପାଇବାକୁ ଦର୍ଶାଉଛି। ମୁଖ୍ୟମନ୍ତ୍ରୀଙ୍କ ବଳିଷ୍ଠ ନେତୃତ୍ୱରେ ଏବେ ଓଡିଶା ଆଉ ସମ୍ଭାବନାର ରାଜ୍ୟ ଭାବେ ନୁହେଁ, ବରଂ ସଫଳତା ପ୍ରଦର୍ଶନର ରାଜ୍ୟ ଭାବେ ପରିଣତ ହୋଇଛି ।ଇଲେକ୍ଟ୍ରୋନିକ୍ସ ଓ ସୂଚନା ପ୍ରଯୁକ୍ତି ମନ୍ତ୍ରୀ ଡ. ମୁକେଶ ମହାଲିଙ୍ଗ କହିଥିଲେ ଯେ, ଗତ ଦୁଇ ବର୍ଷ ମଧ୍ୟରେ ଓଡିଶା ଏବେ ଦେଶର ଆଇଟି ମାନଚିତ୍ରରେ ସ୍ଥାନିତ ହୋଇଛି।

### ସରକାରୀ ମେଡିକାଲ କଲେଜ ଏବଂ ହସ୍ପିଟାଲରେ ନୂତନ ପଦବୀକୁ ମଞ୍ଜୁରୀ

# ନିଯୁକ୍ତ ହେବେ ପ୍ରଫେସର, ଆସୋସିଏଟ ପ୍ରଫେସର

ଭୁବନେଶ୍ୱର, ୨୩।୭(ମହାଭାରତ):: ରାଜ୍ୟର ସ୍ୱାସ୍ଥ୍ୟ ସେବାକୁ ସୁଦୃଢ଼ କରିବା ନିମନ୍ତେ ସ୍ୱାସ୍ଥ୍ୟ ବିଭାଗ ଏକ ଗୁରୁତ୍ୱପୂର୍ଣ୍ଣ ପଦକ୍ଷେପ ନେଇଛି । ସରକାରୀ ମେଡିକାଲ କଲେଜ ଏବଂ ହସ୍ପିଟାଲରେ ନୂତନ ପଦବୀକୁ ସ୍ୱାସ୍ଥ୍ୟ ଓ ପରିବାର କଲ୍ୟାଣ ବିଭାଗ ତରଫରୁ ମଞ୍ଜୁରୀ ମିଳିଛି। ସ୍ୱାସ୍ଥ୍ୟ ଓ ପରିବାର କଲ୍ୟାଣ ବିଭାଗ ତରଫରୁ ୧୫୨ଟି ପ୍ରଫେସର, ଆସୋସିଏଟ ପ୍ରଫେସର, ଆସିଷ୍ଟାଣ୍ଟ ପ୍ରଫେସର ,ସିନିୟର ରେସିଡେଣ୍ଟ ପଦବୀ ଗୁଡିକ ବିଭିନ୍ନ ସରକାରୀ ମେଡିକାଲ କଲେଜ ପାଇଁ ଅନୁମୋଦିତ ହୋଇଛି ।

ମଞ୍ଜୁର ପଦବୀ ଗୁଡିକ ମଧ୍ୟରେ ଭୁବନେଶ୍ୱର ସ୍ଥିତ କ୍ୟାପିଟାଲ ହସ୍ପିଟାଲରେ ହୃତପିଣ୍ଡ ବିଜ୍ଞାନ ବିଭାଗ,ସ୍ନାୟୁ ବିଜ୍ଞାନ ବିଭାଗ ,ସ୍ନାୟୁ ଶଲ୍ୟ ଚିକିତ୍ସା ବିଭାଗ , ପ୍ଲାଷ୍ଟିକ ସର୍ଜରୀ ବିଭାଗ, ବୃକକ ଚିକିତ୍ସା ବିଭାଗ, ହୃତପିଣ୍ଡ ଓ ରକ୍ତନଳୀ ଶଲ୍ୟ ଚିକିତ୍ସା ବିଭାଗ,କୋରାପୁଟ ସ୍ଥିତ ସହିଦ ଲକ୍ଷଣ ନାୟକ ମେଡିକାଲ କଲେଜ ଏବଂ ହସ୍ପିଟାଲରେ ହୃତପିଣ୍ଡ ବିଜ୍ଞାନ ବିଭାଗ,ସ୍ନାୟୁ ବିଜ୍ଞାନ ବିଭାଗ,ସ୍ନାୟୁ ଶଲ୍ୟ ଚିକିତ୍ସା ବିଭାଗ, ପ୍ଲାଷ୍ଟିକ ସର୍ଜରୀ ବିଭାଗ, ବୃକକ ଚିକିତ୍ସା ବିଭାଗ,ବାରିପଦା ସ୍ଥିତ ପଣ୍ଡିତ ରଘୁନାଥ ମୁର୍ମୁ ମେଡିକାଲ କଲେଜ ଏବଂ ହସ୍ପିଟାଲରେ ହୃତପିଣ୍ଡ ବିଜ୍ଞାନ ବିଭାଗ,ସ୍ନାୟୁ ବିଜ୍ଞାନ ବିଭାଗ,ସ୍ନାୟୁ ଶଲ୍ୟ ଚିକିତ୍ସା ବିଭାଗ, ପ୍ଲାଷ୍ଟିକ ସର୍ଜରୀ ବିଭାଗ, ବୃକକ ଚିକିତ୍ସା ବିଭାଗ, ବଲାଙ୍ଗିର ସ୍ଥିତ ଭୀମଭୋଇ ମେଡିକାଲ କଲେଜ ଏବଂ ହସ୍ପିଟାଲରେ ହୃତପିଣ୍ଡ ବିଜ୍ଞାନ ବିଭାଗ,ସ୍ନାୟୁ ବିଜ୍ଞାନ ବିଭାଗ,ସ୍ନାୟୁ ଶଲ୍ୟ ଚିକିତ୍ସା ବିଭାଗ, ପ୍ଲାଷ୍ଟିକ ସର୍ଜରୀ ବିଭାଗ, ବୃକକ ଚିକିତ୍ସା ବିଭାଗ, ବାଲେଶ୍ୱର ସ୍ଥିତ ଫକୀରମୋହନ ମେଡିକାଲ କଲେଜ ଏବଂ ହସ୍ପିଟାଲରେ ହୃତପିଣ୍ଡ ବିଜ୍ଞାନ ବିଭାଗ,ସ୍ନାୟୁ ବିଜ୍ଞାନ ବିଭାଗ,ସ୍ନାୟୁ ଶଲ୍ୟ ଚିକିତ୍ସା ବିଭାଗ, ପ୍ଲାଷ୍ଟିକ ସର୍ଜରୀ ବିଭାଗ, ବୃକକ ଚିକିତ୍ସା ବିଭାଗ, ବ୍ରହ୍ମପୁର ସ୍ଥିତ ଏମକେସିଜି ମେଡିକାଲ କଲେଜ ଏବଂ ହସ୍ପିଟାଲର ରକ୍ତ ଚିକିତ୍ସା ବିଭାଗ, ବୁର୍ଲା ସ୍ଥିତ ଭୀମସାର ହୃତପିଣ୍ଡ ଓ ରକ୍ତନଳୀ ଶଲ୍ୟ ଚିକିତ୍ସା ବିଭାଗ, ଶଲ୍ୟ ଗ୍ୟାଷ୍ଟ୍ରଏଣ୍ଟ୍ରୋଲୋଜୀ ବିଭାଗ, କଟକ ସ୍ଥିତ ଏସସିବି ମେଡିକାଲ କଲେଜ ଏବଂ ହସ୍ପିଟାଲରେ ହୃତପିଣ୍ଡ ଓ ରକ୍ତନଳୀ ଶଲ୍ୟ ଚିକିତ୍ସା, ତାଳଚେର ସ୍ଥିତ ପବିତ୍ରମୋହନ ପ୍ରଧାନ ମେଡିକାଲ କଲେଜ ଏବଂ ହସ୍ପିଟାଲରେ ହୃତପିଣ୍ଡ ବିଜ୍ଞାନ ବିଭାଗ,ସ୍ନାୟୁ ବିଜ୍ଞାନ ବିଭାଗ,ସ୍ନାୟୁ ଶଲ୍ୟ ଚିକିତ୍ସା ବିଭାଗ , ପ୍ଲାଷ୍ଟିକ ସର୍ଜରୀ ବିଭାଗ, ପୁରୀ ସ୍ଥିତ ଶ୍ରୀ ଜଗନ୍ନାଥ ମେଡିକାଲ କଲେଜ ଏବଂ ହସ୍ପିଟାଲରେ ହୃତପିଣ୍ଡ ବିଜ୍ଞାନ ବିଭାଗ,ସ୍ନାୟୁ ବିଜ୍ଞାନ ବିଭାଗ,ସ୍ନାୟୁ ଶଲ୍ୟ ଚିକିତ୍ସା ବିଭାଗ, ପ୍ଲାଷ୍ଟିକ ସର୍ଜରୀର ସମସ୍ତ ବିଭାଗରେ ପ୍ରଫେସର, ଆସୋସିଏଟ ପ୍ରଫେସର, ଆସିଷ୍ଟାଣ୍ଟ ପ୍ରଫେସର ,ସିନିୟର ରେସିଡେଣ୍ଟ ପଦବୀ ମଞ୍ଜୁର ହୋଇଛି । ଏହି ନିଯୁକ୍ତି ମାଧ୍ୟମରେ ରାଜ୍ୟର ବିଭିନ୍ନ ସରକାରୀ ଚିକିତ୍ସାଳୟ ଓ ସ୍ୱାସ୍ଥ୍ୟ ପ୍ରତିଷ୍ଠାନ ଗୁଡିକରେ ଉନ୍ନତମାନର ଚିକିତ୍ସା ଆହୁରି ସହଜ ହେବ ।

## ମାଣ୍ଡିଆ ରସାବଳି



**ଆବଶ୍ୟକ ସାମଗ୍ରୀ:** ରାବିଡି ପାଇଁ ନିଅନ୍ତୁ ଗୋଟିଏ ଲିଟର କ୍ଷୀର, ମାଣ୍ଡିଆ ୩ ଚାମଚ, ସୁଜି ଗୋଟେ ଚାମଚ, ଚିନି ଗୋଟେ ଚାମଚ, ତିନୋଟି ଗୁଜୁରାତ

**ପ୍ରସ୍ତୁତି ପ୍ରଣାଳୀ:** ମାଣ୍ଡିଆ, ସୁଜି, ଚିନିକୁ ପକାଇ ମିଶାନ୍ତୁ । ଏବେ ଏଥିରେ ପାଣି ଦେଇ ଗୋଳାନ୍ତୁ । ଏବେ ସେଥିରେ ଗୁଜୁରାତି ୩ଟି ଗୁଣ୍ଡ କରି ପକାଇ ଦିଅନ୍ତୁ । ଏବେ ଏଥିରେ ଟିକେ ଲୁଣ ପକାଇ ମିଶାନ୍ତୁ ।

ଗ୍ୟାସରେ ଗୋଟେ ପ୍ୟାନ ବସାନ୍ତୁ । ଏବେ ଏଥିରେ ଦୁଇ ଚାମଚ ତେଲ ପକାଇବେ । ତେଲ ଗରମ ହୋଇଗଲେ ଏଥିରେ ମାଣ୍ଡିଆକୁ ଛୋଟ ଛୋଟ ପିଠା ଭଳି ପ୍ୟାନରେ ପକାଇବେ । ତେଲ ଗରମ ହୋଇଗଲେ ଏଥିରେ ମାଣ୍ଡିଆକୁ ଗୋଟେ ପ୍ଲେଟ ଉପରେ କାଢି ଦିଅନ୍ତୁ । ଏହା ଉପରେ ରାବିଡିକୁ ଢାଳି ଦିଅନ୍ତୁ । ଏବେ ପ୍ରସ୍ତୁତ ହୋଇଗଲା ମାଣ୍ଡିଆ ରସାବଳି ।

## ମହାପ୍ରଭୁଙ୍କର ସବୁଠୁ ପ୍ରୀତିପଦ ସ୍ଥାନ 'ଗୁଣ୍ଡିଚା ବାଡ଼ି'

ମହାପ୍ରଭୁଙ୍କର ସବୁଠୁ ପ୍ରୀତିପଦ ସ୍ଥାନ 'ଗୁଣ୍ଡିଚା ବାଡ଼ି' । ଚତୁର୍ଦ୍ଧା ବିଗ୍ରହ ଗୁଣ୍ଡିଚା ମନ୍ଦିରରେ ଆର୍ବିଭାବ ହୋଇଥିବାରୁ ଏହା ଜନ୍ମସ୍ଥାନ ବୋଲି କଥିତ ରହିଛି । ତେଣୁ ମହାପ୍ରଭୁ ଗୁଣ୍ଡିଚା ଯାତ୍ରାରେ ଏଠାକୁ ନଅ ଦିନ ବ୍ୟାପୀ ଯାତ୍ରାରେ ଆସନ୍ତି । ରାଜର୍ଷି ତଥା ମିଥିଳାପୁରର ରାଜା ଜନକ ଏହିଠାରେ ଯଜ୍ଞ କରି ଦେବୀ ସୀତାଙ୍କୁ କନ୍ୟା ରୂପରେ ପାଇଥିବା ନେଇ ଅବତାରଣା କରାଯାଇଛି । ପଣ୍ଡିତ ସୂର୍ଯ୍ୟ ନାରାୟଣ ଦାଶ କ୍ଷେତ୍ରର ପ୍ରାଚୀନତା ସମ୍ପର୍କରେ ତାଙ୍କ ପୁସ୍ତକରେ ବାଲ୍ମିକୀ ରାମାୟଣର ଆଦ୍ୟକାଣ୍ଡର ବର୍ଣ୍ଣନା ମତେ ଏହି ଯଜ୍ଞ ଭୂମିକୁ ରାଜା ଜନକଙ୍କ ଯଜ୍ଞସ୍ଥଳ ଭାବେ ଅଭିହିତ କରିଛନ୍ତି ।ଗୁଣ୍ଡିଚା ମନ୍ଦିର ପ୍ରତିଷ୍ଠା ନେଇ ଭିନ୍ନ ମତ ରହିଛି । ପ୍ରାବନ୍ଧିକ ଗେରୀ କୁମାର ବ୍ରହ୍ମା ତାଙ୍କ ରଚିତ 'ଶ୍ରୀକ୍ଷେତ୍ର ଭ୍ରମଣ' ପୁସ୍ତକରେ ଏହାର କିଂବଦନ୍ତି ବାଢିଛନ୍ତି । ଅବନ୍ତୀ ରାଜା ଇନ୍ଦ୍ରଦ୍ୟୁମ୍ନ ବିଷ୍ଣୁଙ୍କୁ ପ୍ରାର୍ଥନା କରିବାରୁ ତାଙ୍କୁ ସ୍ୱପ୍ନରେ ଆଦେଶ ହେଲା, ତୁମେ ଯାଇ ଚକ୍ରତୀର୍ଥ ନିକଟ ସମୁଦ୍ରକୂଳରେ ଛିଡ଼ା ହେବ । ସେଠାରେ ଏକ



କାଠଖଣ୍ଡ ଭାସି ଆସୁଥିବା ଦେଖିବା ପରେ ତାକୁ ଆଣି ସେଥିରେ ମୋର ମୂର୍ତ୍ତି ତିଆରି କରି ପୂଜା କରିବ । ରାଜା ସ୍ୱପ୍ନାଦେଶ ପୂର୍ବକ ସେୟା କଲେ । ତେବେ ବିଗ୍ରହ ନିର୍ମାଣ ପାଇଁ ବଢେଇମାନଙ୍କୁ କୁହାଯିବାରୁ ସେମାନେ କହିଲେ, ଆମେ ତ ବିଷ୍ଣୁଙ୍କୁ ଦେଖିନାହୁଁ, ତାଙ୍କ ମୂର୍ତ୍ତି କେମିତି ଗଢିବା । ଚରିଆଡ଼େ ଏନେଇ ଭାଳେଣି ପଡ଼ିଗଲା ।ଦିନେ ଜଣେ ବଢେଇ ଆସି କହିଲେ, ମୁଁ ବିଷ୍ଣୁଙ୍କୁ ଦେଖିଛି । ତାଙ୍କ ମୂର୍ତ୍ତି ମୁଁ ତିଆରି କରିବି । କିନ୍ତୁ ଗୋଟିଏ ଘରେ କବାଟ ଝରକା ସବୁ ବନ୍ଦ ହୋଇ ରହିବ । ତା' ଭିତରେ ମୁଁ ମୂର୍ତ୍ତି ତିଆରି କରିବି । ୨୧ ଦିନ ପର୍ଯ୍ୟନ୍ତ ସେ ଘରର ଝରକା କବାଟ କେହି ଖୋଲିବ ନାହିଁ । ତାହା ହିଁ ହେଲା । କାମ ଚାଲିଲା । କିନ୍ତୁ ଇନ୍ଦ୍ରଦ୍ୟୁମ୍ନ ରାଜାଙ୍କ ରାଣୀ ଭାରି ଦୟାବତୀ ଥିଲେ । ସେ ଭାବିଲେ, କାଳେ ଉକ୍ତ ବଢ଼େଇ ଜଣକ ବନ୍ଦ ଘର ଭିତରେ ରୁନ୍ଧି ହୋଇ ମରିଯିବେ । ତେଣୁ କ□ ପୂରିବା ପୂର୍ବରୁ କବାଟ ଖୋଲି ଦେବାକୁ କହିଲେ । କବାଟ ଖୋଲାଗଲା । କିନ୍ତୁ ଘର ଭିତରେ ବଢ଼େଇକୁ କେହି ପାଇଲେ ନାହିଁ । ବଢ଼େଇ ରୂପରେ ଯେ ସ୍ୱୟଂ ମହାପ୍ରଭୁ ଆସିଥିଲେ, ଏକଥା ବୁଝିସାରିଥିଲେ । ତିନି ବିଗ୍ରହ ଅପୂର୍ଣ୍ଣ ଅବସ୍ଥାରେ ଥିବା ଦେଖିବାକୁ ପାଇଲେ । ରାଜା ଗୋଟିଏ ବେଦି ଓ ଛୋଟ ମନ୍ଦିରଟିଏ ନିର୍ମାଣ କରି ତିନି ବିଗ୍ରହଙ୍କୁ ପୂଜା କଲେ । ସେଇଠାରେ ଆର୍ବିଭାବ ହୋଇଥିବା ଯୋଗୁଁ ଗୁଣ୍ଡିଚା ଘରକୁ ଜଗନ୍ନାଥଙ୍କର ଜନ୍ମସ୍ଥାନ ଭାବେ ବିବେଚନା କରାଯାଉଛି ।ବ୍ରହ୍ମପୁରାଣର ଲେଖା ମୁତାବକ, ଗୁଣ୍ଡିଚା ହେଉଛି ଗତିମୁକ୍ତି ଫଳପ୍ରଦା । କିଂବଦନ୍ତି ମୁତାବକ, ଇନ୍ଦ୍ରଦ୍ୟୁମ୍ନ ମହାରାଜାଙ୍କର ପାଟମହିଷୀ ଗୁଣ୍ଡିଚା ଦେବୀଙ୍କ ଅନୁରୋଧ କ୍ରମେ ଗୁଣ୍ଡିଚା ଯାତ୍ରା ପ୍ରଚଳିତ ହୋଇଥିଲା । ସ୍ୱୟଂ ମହାପ୍ରଭୁ ଜଗନ୍ନାଥ ଗୁଣ୍ଡିଚା ରାଣୀଙ୍କୁ ଦର୍ଶନ ଦେବା ପାଇଁ ଆଷା ଶୁକ୍ଳ ଦ୍ୱିତୀୟାରେ ଏହି ଯାତ୍ରା କରନ୍ତି । ଗବେଷକ ଗୟାଚନ୍ଦ ତ୍ରିପାଠୀଙ୍କ ଏହି ଆଧାରରେ କହିଛନ୍ତି, ଇନ୍ଦ୍ରଦ୍ୟୁମ୍ନଙ୍କ ମହାରାଣୀଙ୍କ ନାମ ଗୁଣ୍ଡିଚା ହୋଇଥିବାରୁ ଏହି ଯାତ୍ରା ତାଙ୍କ ନାମରେ ଅଭିହିତ ହୋଇଛି । ଡ. ହରିହର କାନୁନଗୋଙ୍କ ପ୍ରବନ୍ଧ ମୁତାବକ, ଚୋଡ଼ଗଙ୍ଗ ଦେବଙ୍କ ସମୟରେ ଗୁଣ୍ଡିଚା ମଣ୍ଡପକୁ ପୁରୁଷୋତ୍ତମଙ୍କୁ ସ୍ଥାନାନ୍ତରିତ କରାଗଲା । ବର୍ତ୍ତମାନ ସେଇ ସ୍ଥାନାନ୍ତରଣ ଯାତ୍ରାର ସ୍ମୃତିକୁ ଗୁଣ୍ଡିଚା ଯାତ୍ରା କୁହାଯାଉଛି ।



## ଭଗବାନଙ୍କ ଦିବ୍ୟ ପ୍ରକୃତ

ଭଗବାନ ଶ୍ରୀକୃଷ୍ଣ ଗୀତାରେ କହିଛନ୍ତି, ଯିଏ ମୋର ଆବିର୍ଭାବ ତଥା କର୍ମର ଦିବ୍ୟ ପ୍ରକୃତିକୁ ଜାଣି ନେଇଥାଏ, ସେ ଏହି ଶରୀରକୁ ଛାଡ଼ିବା ପରେ ଭୌତିକ ସଂସାରରେ ପୁଣି ଥରେ ଜନ୍ମ ନିଏ ନାହିଁ । ସେ ସନାତନ ଧାମ ପ୍ରାପ୍ତ କରିଥାଏ । ଭଗବାନଙ୍କ ଆବିର୍ଭାବର ସତ୍ୟକୁ ବୁଝି ପାରୁଥିବା ବ୍ୟକ୍ତି ଭବବନ୍ଧନରୁ ମୁକ୍ତ ହୋଇଥାଏ ଏବଂ ଏହି ଶରୀର ଛାଡ଼ି ପରେ ତୁରନ୍ତ ଭଗବାନଙ୍କ ଧାମକୁ ଫେରି ଯାଇଥାଏ । ନିର୍ବିଶେଷବାଦୀ ତଥା ଯୋଗୀଜନ ପର୍ଯ୍ୟାପ୍ତ କଷ୍ଟ ଏବଂ ଜନ୍ମଜନ୍ମାନ୍ତରର ଯାତନା ସହି ମୁକ୍ତି ପ୍ରାପ୍ତ କରିଥାନ୍ତି । ଭଗବାନଙ୍କ ଶରୀରର ଦିବ୍ୟ ପ୍ରକୃତି ତଥା ତାଙ୍କ କାର୍ଯ୍ୟକଳାପକୁ ବୁଝି ପାରୁଥିବା ଭକ୍ତ ଏହି ଶରୀର ଛାଡ଼ିବା ପରେ ପୁନଃ ଜନ୍ମଜନ୍ମାନ୍ତର ଚକ୍ରରେ ପଡ଼େ ନାହିଁ । ପୁଣି ଥରେ ଏହି ମୋହ ମାୟା ଭରା ଦୁନିଆକୁ ଫେରିବାର ଭୟ ଏଭଳି ଆତ୍ମା ନିକଟରେ ନଥାଏ । ଭଗବାନଙ୍କ ଅନେକ ଦିବ୍ୟ ସ୍ୱରୂପ ରହିଛି । ତଥାପି ସେ ଅଦ୍ୱୈୟ । ଏହି ତଥ୍ୟକୁ ବିଶ୍ୱାସପୂର୍ବକ ବୁଝି ପାରୁଥିବା ବିଦ୍ୱାନ ଜ୍ଞାନ ଯୋଗୀରେ ପରିଣତ ହୋଇଥାଏ । ଏଭଳି ଭକ୍ତ ସହ ଭଗବାନ ସର୍ବଦା ସମ୍ବନ୍ଧ ସ୍ଥାପନ କରିଥାନ୍ତି । ଏ ସମ୍ପର୍କରେ ସ୍ୱୟଂ ଭଗବାନ ଭଗବତ୍ ଗୀତାରେ ବର୍ଣ୍ଣନା କରିଛନ୍ତି । ଏହି ସତ୍ୟକୁ ସ୍ୱୀକାର କରୁଥିବା ଭକ୍ତ ବୃଥା ଚିନ୍ତନରେ ସମୟ ନଷ୍ଟ ନକରି ମୁକ୍ତି ନିମନ୍ତେ ଚରମ ସିଦ୍ଧି ପ୍ରାପ୍ତ କରିଥାଏ ।



## ଆନନ୍ଦ ରାମାୟଣରେ ସୀତାଙ୍କ କଥା

ଆନନ୍ଦ ରାମାୟଣରେ କେତେକ ରୋଚକ ପ୍ରସଙ୍ଗ ବର୍ଣ୍ଣନା କରାଯାଇଛି । ଦେବୀ ସୀତାଙ୍କ ଜନ୍ମର ପୂର୍ବବର୍ତ୍ତୀ ପ୍ରସଙ୍ଗ ମଧ୍ୟ ଏଥିରେ ବର୍ଣ୍ଣିତ । ମର୍ତ୍ତ୍ୟରେ ପଦ୍ମାକ୍ଷ ନାମରେ ଜଣେ ରାଜା ରାଜୁତି କରୁଥିଲେ । ସେ ଦେବୀ ଲକ୍ଷ୍ମୀଙ୍କର ଜଣେ ପରମ ଭକ୍ତ ଥିଲେ । ଦିନେ ସେ ତପସ୍ୟା କରି ଲକ୍ଷ୍ମୀଙ୍କୁ ପ୍ରସନ୍ନ କଲେ । ଦେବୀ ଲକ୍ଷ୍ମୀ ପ୍ରକଟ ହେବାରୁ ତାଙ୍କୁ କନ୍ୟା ରୂପରେ ପ୍ରାପ୍ତ କରିବା ଲାଗି ରାଜା ବିନତି କଲେ । ଲକ୍ଷ୍ମୀ କହିଲେ, କେବଳ ଶ୍ରୀବିଷ୍ଣୁଙ୍କ ଆଜ୍ଞା ପ୍ରାପ୍ତ କରିବା ପରେ ଯାଇ ମୁଁ ଯାହା କରିପାରିବି । ଏହା କହି ସେ ଅଦୃଶ୍ୟ ହୋଇଗଲେ । ଏହାପରେ ରାଜା ପଦ୍ମାକ୍ଷ ଭଗବାନ ବିଷ୍ଣୁଙ୍କୁ ପ୍ରସନ୍ନ କରିବା ଲାଗି କଠୋର ତପସ୍ୟା ଆରମ୍ଭ କରିଦେଲେ । ବିଷ୍ଣୁ ପ୍ରକଟ ହେବାରୁ ରାଜା ତାଙ୍କୁ



ନିଜ ମନର କଥା କହିଲେ । ଏହାପରେ ଶ୍ରୀବିଷ୍ଣୁ ରାଜାଙ୍କୁ ଏକ ଫଳ ଦେଇ ଅଦୃଶ୍ୟ ହୋଇଗଲେ । ସେହି ଫଳ ମଧ୍ୟରେ ଏକ ଛୋଟ ଶିଶୁକନ୍ୟା ରହିଥିଲା । ରାଜା ସେହି କନ୍ୟାକୁ ନିଜ ଝିଅ ଭାବେ ପାଳିଲେ । ବଡ଼ ହେବା ପରେ ରାଜା ପଦ୍ମାକ୍ଷ ଝିଅର ସ୍ୱୟଂବର କରିବା ଲାଗି ବାହାରିଲେ । ସ୍ୱୟଂବରର ସର୍ତ୍ତ ଥିଲା- ଯେଉଁ ପୁରୁଷ ନିଜ ଶରୀର କୃଷ୍ଣବର୍ଣ୍ଣ କରିପାରିବ, ତା'କୁ ହିଁ ରାଜାଙ୍କ କନ୍ୟା ବରଣମାଳା ପିନ୍ଧାଇବେ । ତେବେ ସେହି କନ୍ୟାକୁ ପାଇବା ଲାଗି ଦେବ, ରାକ୍ଷସ ଏବଂ ମନୁଷ୍ୟଙ୍କ ମଧ୍ୟରେ ଘମାଘୋଟ ଲଢ଼େଇ ହେଲା । ରାକ୍ଷସମାନେ କନ୍ୟାକୁ ଅପହରଣ କରି ନେବାକୁ ରାଜା ପଦ୍ମାକ୍ଷଙ୍କ ରାଜ୍ୟ ଉପରେ ଆକ୍ରମଣ କଲେ । ସେମାନେ କନ୍ୟାକୁ ପାଇଲେ ନାହିଁ, କିନ୍ତୁ ରାଜାଙ୍କୁ ହତ୍ୟା କଲେ, ତାଙ୍କ ରାଜ୍ୟକୁ ଧ୍ୱଂସ କରିଲେ । ସେତେବେଳେ ରାଜକନ୍ୟା ଅଗ୍ନି ମଧ୍ୟରେ ଲୁଚିଯାଇଥିଲେ । ସମସ୍ତେ ଚାଲିଯିବା ପରେ ରାଜକନ୍ୟା ଅଗ୍ନି ମଧ୍ୟରୁ ବାହାରକୁ ବାହାରି ଆସିଲେ । ବାହାରକୁ ବାହାରିବା କ୍ଷଣି ଆକାଶମାର୍ଗରେ ଉଡ଼ିଯାଉଥିବା ରାବଣ ସେହି କନ୍ୟାଙ୍କୁ ଦେଖିନେଲା । ରାବଣ ତାଙ୍କୁ ନେଇଯିବା ଲାଗି ପ୍ରୟାସ କରିବାରୁ କନ୍ୟା ପୁଣିଥରେ ନିଆଁ ଭିତରକୁ ଡେଇଁ ପଡ଼ିଲେ । ରାବଣ ନିଆଁ ଲିଭାଇଲା, କିନ୍ତୁ କନ୍ୟାଙ୍କୁ ପାଇଲା ନାହିଁ । ତା'କୁ ପାଉଁଶ ମଧ୍ୟରୁ ୫ଟି ମୂଲ୍ୟବାନ ପଥର ମିଳିଲା । ରାବଣ ସେହି ପଥରକୁ ଏକ ବାକ୍ସରେ ପୂରାଇ ଲଙ୍କା ନେଇଗଲା । ସେହି ବାକ୍ସ ଉପରେ ନଜର ରଖିବା ଲାଗି ପତ୍ନୀ ମନ୍ଦୋଦରୀଙ୍କୁ କହିଲା । ମନ୍ଦୋଦରୀ ସେହି ବାକ୍ସ ଖୋଲିବା ମାତ୍ରେ ସେଥିରେ ଜଣେ କନ୍ୟା ଥିବା ଦେଖିବାକୁ ପାଇଲେ । କନ୍ୟା ଅତି ସୁନ୍ଦର ଥିଲେ । ମନ୍ଦୋଦରୀ ଭାବିଲେ, ଏହି କନ୍ୟା ସମସ୍ତ ଅସୁର କୁଳକୁ ଧ୍ୱଂସ କରିଦେବ । ତେଣୁ ସେହି କନ୍ୟାକୁ ଜଙ୍ଗଲରେ ଛାଡ଼ିଦେଇ ଆସିବା ଲାଗି ସେ ସୈନିକଙ୍କୁ ନିର୍ଦ୍ଦେଶ ଦେଲେ । ତାହାହିଁ ହେଲା । ସୈନିକମାନେ କନ୍ୟାକୁ ନେଇ ଜଙ୍ଗଲରେ ଛାଡ଼ିଦେଇ ଆସିଲେ । କିନ୍ତୁ ଜଙ୍ଗଲକୁ ନେବା ସମୟରେ ରାଜକନ୍ୟା ଚେତାବନୀ ଦେଇଗଲେ- "ମୁଁ ପୁଣିଥରେ ଲଙ୍କା ଫେରିବି । ରାବଣ ଏବଂ ତା'ର ପରିବାରକୁ ଧ୍ୱଂସ କରିଦେବି ।" ଏହାଶୁଣି ରାବଣ ଡରିଗଲା । ସେ ଉକ୍ତ କନ୍ୟାକୁ ମାରିଦେବା ଲାଗି ଚାହିଁଲା । ମାତ୍ର ମନ୍ଦୋଦରୀ ତା'କୁ ଅଟକାଇଲେ । ବାକ୍ସ ସହ ସେହି କନ୍ୟାକୁ ଲଙ୍କା ଠାରୁ ବହୁଦୂରରେ ଥିବା ଏକ ଭୂମିରେ ପୋତି ଦିଆଗଲା । ସେହି ଭୂମିରେ ହଳ କରୁଥିବା ସମୟରେ ସେହି ବାକ୍ସକୁ ପାଇଲେ । ତା'ଭିତରୁ କନ୍ୟାକୁ ବାହାର କଲେ । ସୀତାଙ୍କ ଜୀବନ ମିଥିଳାରେ ପୁଣିଥରେ ଆରମ୍ଭ ହେଲା ।

## ଶ୍ରୀଜଗନ୍ନାଥଙ୍କ କିମ୍ବଦନ୍ତୀ



ଜଗନ୍ନାଥ ମନ୍ଦିର ଓଡ଼ିଶାର ପୁରୀ ସହରର ମଧ୍ୟଭାଗରେ ଅବସ୍ଥିତ ଶ୍ରୀଜଗନ୍ନାଥ, ଶ୍ରୀବଳଭଦ୍ର, ଦେବୀ ସୁଭଦ୍ରା ଓ ଶ୍ରୀସୁଦର୍ଶନ ପୂଜିତ ହେଉଥିବା ଏକ ପୁରାତନ ଦେଉଳ । ଓଡ଼ିଶାର ସଂସ୍କୃତି ଏବଂ ଜୀବନ ଶୈଳୀ ଉପରେ ଏହି ମନ୍ଦିରର ସବିଶେଷ ସ୍ଥାନ ରହିଅଛି । କଳିଙ୍ଗ ସ୍ଥାପତ୍ୟ କଳାରେ ନିର୍ମିତ ଏହି ଦେଉଳ ବିଶ୍ୱର ପୂର୍ବ-ଦକ୍ଷିଣରେ ଭାରତ, ଭାରତର ଅଗ୍ନିକୋଣରେ ଓଡ଼ିଶା, ଓଡ଼ିଶାର ଅଗ୍ନିକୋଣରେ ଅବସ୍ଥିତ ପୁରୀ, ପୁରୀର ଅଗ୍ନିକୋଣରେ ଶ୍ରୀବତ୍ସଖଣ୍ଡଶାଳ ରୀତିରେ ନିର୍ମିତ ବଡ଼ଦେଉଳ ଏବଂ ବଡ଼ଦେଉଳର ଅଗ୍ନିକୋଣରେ ରୋଷଶାଳା, ଯେଉଁଠାରେ ମନ୍ଦିର ନିର୍ମାଣ କାଳରୁ ଅଗ୍ନି ପ୍ରଜ୍ୱଳିତ ହୋଇଥାଏ । ଏହା ମହୋଦଧିତୀରେ ଥିଲେ ହେଁ ଏଠାରେ କୂଅ ଖୋଳିଲେ ଲୁଣପାଣି ନ ଝରି ମଧୁରଜଳ ଝରିଥାଏ । ୧୯୭୫ ମସିହାରେ ଶ୍ରୀମନ୍ଦିରକୁ ଜାତୀୟ କୀର୍ତ୍ତି ରୂପେ ଘୋଷଣା କରାଯାଇଛି ।ଦ୍ୱାଦଶ ଶତାବ୍ଦୀରେ ଗଙ୍ଗ ବଂଶର ରାଜା ଅନଙ୍ଗବର୍ମା ଚୋଡ଼ଗଙ୍ଗ ଦେବ ବର୍ତ୍ତମାନ ବଡ଼ଦାଣ୍ଡ ପତନ ଠାରୁ ୨୧୪ ଫୁଟ ୮ ଇଞ୍ଚ ଉଚ୍ଚତା ବିଶିଷ୍ଟ ଶ୍ରୀମନ୍ଦିର କାର୍ଯ୍ୟ ଆରମ୍ଭ କରିଥିଲେ ଓ ଅନଙ୍ଗ ଭୀମଦେବ ଏହି କାର୍ଯ୍ୟକୁ ସମ୍ପୂର୍ଣ୍ଣ କରି ଶ୍ରୀବିଗ୍ରହମାନଙ୍କୁ ଅଧିଷ୍ଠିତ କରାଇଥିଲେ । ଏହା ଦଶ ଏକର ଆୟତନ ବିଶିଷ୍ଟ ଜମି ଉପରେ ଅବସ୍ଥିତ ।୧୪୫୨ ଖ୍ରୀଷ୍ଟାବ୍ଦରେ ଗଜପତି କପିଳେନ୍ଦ୍ର ଦେବ ଶ୍ରୀମନ୍ଦିର ଚତୁଃପାର୍ଶ୍ୱରେ ମେଘନାଦ ପାଚେରୀର ନିର୍ମାଣ କରାଇଥିଲେ । ଏହାର ଦୈର୍ଘ୍ୟ ୬୬୫ ଫୁଟ ଓ ପ୍ରସ୍ଥ ୬୪୦ ଫୁଟ, ଉଚ୍ଚତା ୨୨ ଫୁଟ ଓ ସ୍ଥାନେ ସ୍ଥାନେ ୨୦ରୁ ୨୪ ଫୁଟ ଉଚ୍ଚତା ମଧ୍ୟ ରହିଥିବା ଦେଖାଯାଇଛି । ମେଘନାଦ ପାଚେରି ପରେ କୂର୍ମ ବେଢାର ଦୈର୍ଘ୍ୟ ୪୨୦ ଫୁଟ,୩୫୦ ଫୁଟ ପ୍ରସ୍ଥ ଓ ୨୦ ଫୁଟ ଉଚ୍ଚତାରେ ନିର୍ମିତ ହୋଇଛି ।ଶ୍ରୀମନ୍ଦିରର ଶୋଭା ନୀଳଚକ୍ର ବୃଦ୍ଧି କରୁଛି ଓ ଏହା ଉପରେ ପତିତପାବନ ବାନା ଫର ଫର ହୋଇ ଉଡି ଅଗଣିତ ଭକ୍ତ, ପାପୀ ତପୀଙ୍କୁ ନିଜ ପାଖକୁ ଟାଣି ଆଣି ଅଭୟ ଦେଉଛି ଓ ଶରଣ ପଞ୍ଜର ନାମକୁ ସାର୍ଥକ କରୁଛି । ବର୍ତ୍ତମାନର ଶ୍ରୀମନ୍ଦିର ଗଙ୍ଗବଂଶୀୟ ରାଜା ଚୋଡ଼ଗଙ୍ଗଙ୍କଦ୍ୱାରା ନିର୍ମିତ ଓ ଏହା ଏକାଦଶ ଶତାବ୍ଦୀର ବିଷୟ । ଏଥିପୂର୍ବରୁ ଶ୍ରୀମନ୍ଦିରର ନାଭିକଟା ମଣ୍ଡପ ଓ ଶ୍ରୀଜଗନ୍ନାଥଙ୍କ ପାଦୁକାନଳା ମଧ୍ୟବର୍ତ୍ତୀ ସ୍ଥାନରେ ଦକ୍ଷିଣାଭିମୁଖୀ ଭାବେ ଅବସ୍ଥିତ ଥିବା ଜଣାଯାଏ । ଉକ୍ତ ମନ୍ଦିରର କଳା ଓ ଭାସ୍କର୍ଯ୍ୟ ଖ୍ରୀଷ୍ଟୀୟ ଦ୍ୱିତୀୟ କିମ୍ବା ତୃତୀୟ ଶତକର ବୋଲି କେହିକେହି ପ୍ରତ୍ନ□ିକ ପରିଦୃଶ୍ୟମାନ ଭଗ୍ନ ମନ୍ଦିରର ମୂଳଭିତ୍ତିରୁ ଅନୁମାନ କରନ୍ତି । ଏହି ମନ୍ଦିରର ମୂଳଭିତ୍ତି ଉପରେ ବର୍ତ୍ତମାନ ଅମୁହିଁ ଦେଉଳ ବା ଶ୍ରୀଜଗନ୍ନାଥଙ୍କ ରତ୍ନଭଣ୍ଡାର ଅବସ୍ଥିତ । ବର୍ତ୍ତମାନ ମଧ୍ୟ ଏହି ମନ୍ଦିରର ମୁଖ ଶ୍ରୀଜଗନ୍ନାଥଙ୍କ ବାହାର ଗମ୍ଭୀରା ବା ଜଗମୋହନ ଦିଗକୁ ରହିଅଛି । ପୂର୍ବ ଦିଗସ୍ଥ ଜୟବିଜୟ ଦ୍ୱାର ବ୍ୟତୀତ ଭକ୍ତ ଗମ୍ଭୀରାକୁ ଗମନାଗମନର ଅପର ଏକ ଦ୍ୱାର ଦକ୍ଷିଣାଭିମୁଖରେ ଅବସ୍ଥିତ । ବେଢ଼ା ମଧ୍ୟରୁ ଭକ୍ତ ଦ୍ୱାର ଦେଇ ପ୍ରବେଶ କରିବାକୁ ହେଲେ ଦ୍ୱାରଦେଶରେ ପହଞ୍ଚିବାନିମନ୍ତେ କେତୋଟି ପାହାଚ ଚଢ଼ିବାକୁ ପଡେ । ଉକ୍ତ ପାବଚ୍ଛ ଶ୍ରେଣୀର ଉଭୟ ପାର୍ଶ୍ୱରେ ଦୁଇଟି ସିଂହମୂର୍ତ୍ତି ବିଦ୍ୟମାନ । ତେଣୁ ଏହାକୁ ଏକ ସିଂହଦ୍ୱାର କୁହାଯାଇପାରେ । ଯଦ୍ୱାର ପ୍ରବେଶ ପଥର ପୂର୍ବରେ ମାଜଣା ମଣ୍ଡପ ଓ ପଶ୍ଚିମରେ ଦକ୍ଷିଣି ଘର ଅବସ୍ଥିତ । ଭକ୍ତ ପ୍ରବେଶ ପଥର ଅନତି ଦୂରର ଦକ୍ଷିଣରେ ମୁକ୍ତିମଣ୍ଡପ, ଯେଉଁ ସ୍ଥାନରେ କି ଝୁଲଣଯାତ୍ରା ଅନୁଷ୍ଠିତ ହୋଇଥାଏ । ମୁକ୍ତି ମଣ୍ଡପର ପଶ୍ଚିମ ଦିଗରେ ଶ୍ରୀନୃସିଂହ ମନ୍ଦିର ବା ପୁରୁଷୋତ୍ତମ ମନ୍ଦିର ଏବଂ ପୂର୍ବ ଦିଗରେ କ୍ଷେତ୍ରପାଳ ମନ୍ଦିର ରହିଅଛି । କ୍ଷେତ୍ରପାଳ ମନ୍ଦିରର ମୁଖ ଦକ୍ଷିଣ ଦିଗକୁ ଏବଂ ଏହି ମନ୍ଦିରରେ ଶକ୍ତି ଯୁକ୍ତ ଶିବଲିଙ୍ଗ ପୂଜା ପାଉଥିଲେ ମଧ୍ୟ ବିଗ୍ରହର ପଶ୍ଚାତ ଭାଗର ଭିତ୍ତିଚିତ୍ର ଶିବଙ୍କର ନହୋଇ ଭୈରବ ନାମରେ ଅଭିହତି । ମନ୍ଦିରର ତିନି ପାର୍ଶ୍ୱରେ କାର୍ତ୍ତିକ, ପାର୍ବତୀ ଓ ଗଣେଶଙ୍କ ପରିବର୍ତ୍ତେ ନୃମୁଣ୍ଡମାଳିନୀ ଖଡ୍ଗଧାରିଣୀ ଭୈରବୀ ମୂର୍ତ୍ତିମାନ ରହିଛନ୍ତି । ଏଥି ମଧ୍ୟରୁ ପୂର୍ବ ପାର୍ଶ୍ୱଗତା ଭୈରବୀ କୁତାମଚଣ୍ଡୀ ରୂପେ ସର୍ବଜନ ପରିଚିତା ଓ ଆରାଧିତା ଅଟନ୍ତି । ମନ୍ଦିରର ପୂର୍ବଦିଗରେ ଅନନ୍ତଶୟନ ବାସୁଦେବ, ଦକ୍ଷିଣ ପଶ୍ଚିମ କୋଣରେ ମୁକ୍ତେଶ୍ୱର ମହାଦେବ, ପଶ୍ଚିମରେ ମୁକ୍ତିମଣ୍ଡପ ଏବଂ ଉତ୍ତର ଦିଗରେ ସୂର୍ଯ୍ୟ ପୂଜା ମଣ୍ଡପାଦିଦ୍ୱାରା ପରିବେଷ୍ଟିତ ରହି ଏକ ପ୍ରକାର ଅବହେଳିତ ତଥା ଲୋକଲୋଚନର ଅଗୋଚରରେ ରହିଅଛି ।





ନଗରନକ୍ସା
ମହାନଗରର ନିଜ ଭାଷା





# ବନ୍ଦୀମାନଙ୍କ ପାଇଁ ବହୁମୁଖୀ ପଦକ୍ଷେପ ନେବାକୁ ନିର୍ଦ୍ଦେଶ

**ଭୁବନେଶ୍ୱର,୨୩।୭ (ମହାଭାରତ):** ରାଜ୍ୟ କାରାଗାର ବିକାଶ ବୋର୍ଡ (ପିଡିବି) ର ୪ ର୍ଥ ବୈଠକ ମଙ୍ଗଳବାର ମୁଖ୍ୟ ଶାସନ ସଚିବ ଶ୍ରୀମତୀ ଅନୁ ଗର୍ଗ ଙ୍କ ଅଧ୍ୟକ୍ଷତାରେ ଲୋକସେବା ଭବନସ୍ଥିତ ସମ୍ମିଳନୀ କକ୍ଷରେ ଅନୁଷ୍ଠିତ ହୋଇଯାଇଛି । ବୈଠକରେ କାରାଗାର ବିକାଶ ସମ୍ବନ୍ଧୀୟ ବିଭିନ୍ନ ପ୍ରସଙ୍ଗ ଉପରେ ବିସ୍ତୃତ ଆଲୋଚନା ହୋଇଥିଲା । ବୈଠକରେ ମୁଖ୍ୟ ଶାସନ ସଚିବ ଶ୍ରୀମତୀ ଗର୍ଗ ଆଧୁନିକ ସୁରକ୍ଷା ବ୍ୟବସ୍ଥାକୁ ସୁଦୃଢ଼ କରିବା ସହ କାଗାଗାର ସଂସ୍କାର, ବନ୍ଦୀମାନଙ୍କ କଲ୍ୟାଣ ପାଇଁ ଶିକ୍ଷା, ଦକ୍ଷତା ବିକାଶ କାର୍ଯ୍ୟକ୍ରମ, କାଗାଗାରରୁ ମୁକ୍ତି ପରେ ସେମାନେ ସମାଜର ମୁଖ୍ୟ ସ୍ରୋତରେ ସାମିଲ ପାଇଁ ସମନ୍ୱିତ ଭାବେ କାର୍ଯ୍ୟ କରିବାକୁ କାରାଗାର କର୍ତ୍ତୃପକ୍ଷଙ୍କ ସମେତ ସମ୍ପୃକ୍ତ ବିଭିନ୍ନ ବିଭାଗଗୁଡ଼ିର ସହଯୋଗ କାମନା କରି ଆବଶ୍ୟକ ନିର୍ଦ୍ଦେଶ ଓ ପରାମର୍ଶ ଦେଇଥିଲେ ।

କାରାଗାର ମହାନିର୍ଦ୍ଦେଶକ ତଥା ସଂଶୋଧନାତ୍ମକ ସେବା ନିର୍ଦ୍ଦେଶକ ସୁଶାନ୍ତ କୁମାର ନାଥ, କାରାଗାରଗୁଡ଼ିକର ସୁରକ୍ଷା ବ୍ୟବସ୍ଥାକୁ ଅଧିକ ସୁଦୃଢ଼ କରିବା ଉଦ୍ଦେଶ୍ୟରେ କାରାଗାରରେ ସ୍ଥାପନ କରାଯାଇଛି । କାରାଗାର ପରିସୀମା ପ୍ରାଚୀରର ଉଚ୍ଚତା ବୃଦ୍ଧି, କଂଟାଯୁକ୍ତ ସର୍ପିଳ ତାର ଜାଲି(କନ୍ସର୍ଟିନା ତାର) ଲଗାଇବା ସହିତ ଡିଟେକ୍ଟର, ପ୍ରବେଶ ଦ୍ୱାରରେ ଫ୍ରେମ୍ ଆକୃତିର ଧାତୁ ଚିହ୍ନଟକାରୀ ଯନ୍ତ୍ର ( ଡିଏସ୍ଏମଡି) ଦ୍ୱାରା ସତର୍କ ସୂଚନା ବ୍ୟବସ୍ଥା, ଡିପ୍ ସର୍ଚ୍ଚ ମେଟାଲ୍ ଡିଟେକ୍ଟର, 



ଗତ ଏକ ବର୍ଷ ମଧ୍ୟରେ କାରାଗାର ନିର୍ଦ୍ଦେଶାଳୟ ପକ୍ଷରୁ ଗ୍ରହଣ କରାଯାଇଥିବା ବିଭିନ୍ନ ନୂତନ ପଦକ୍ଷେପ ସମ୍ପର୍କରେ ଉପସ୍ଥାପନ କରିଥିଲେ । ପ୍ରମୁଖ ପଦକ୍ଷେପ ମଧ୍ୟରେ ଭିଡିଓ ଆନାଲିଟିକ୍ସ ସୁବିଧା ସହିତ କୃତ୍ରିମ ବୁଦ୍ଧିମତା (ଏ.ଆଇ) ଆଧାରିତ ସିସିଟିଭି ବ୍ୟବସ୍ଥା ୨୦ଟି ଅନ୍ୟାନ୍ୟ ସୁରକ୍ଷା ସମ୍ବନ୍ଧୀୟ ଭିତଭୂମି ପ୍ରକଳ୍ପ କାର୍ଯ୍ୟକାରୀ କରାଯାଇଛି ।

ଡ୍ରୋନ୍, ବଡି-ଓ୍ୱର୍ନ କ୍ୟାମେରା, କାରାଗାରକୁ ପ୍ରବେଶ କରୁଥିବା ବ୍ୟକ୍ତି କିମ୍ବା ବନ୍ଦୀଙ୍କ ଶରୀରରେ ଲୁଚାଇ ରଖାଯାଇଥିବା ଧାତୁ ଜିନିଷ (ଛୁରୀ, ମୋବାଇଲ, ଅସ୍ତ୍ର ଇତ୍ୟାଦି) ଚିହ୍ନଟ କରିବା ପାଇଁ ହ୍ୟାଣ୍ଡ ହେଲ୍ ମେଟାଲ ନନ୍-ଲିନିୟର୍ ଜଙ୍କସନ୍ ଡିଟେକ୍ଟର (ମୋବାଇଲ୍ ଫୋନ୍ ଚିହ୍ନଟ ପାଇଁ) ଇତ୍ୟାଦି ଆଧୁନିକ ସୁରକ୍ଷା ଉପକରଣର ବ୍ୟବହାର ନିମନ୍ତେ ପଦକ୍ଷେପ ନିଆଯାଇଛି । କାରାଗାରଗୁଡ଼ିକରେ କାରାଗାର ଗୁଇନ୍ଦା ୟୁନିଟ୍ ସ୍ଥାପନ ଏବଂ କାରାଗାର କର୍ତ୍ତୃପକ୍ଷଙ୍କ ତତ୍ତ୍ୱାବଧାନରେ ଆଭ୍ୟନ୍ତରୀଣ ସୁରକ୍ଷା ଦାୟିତ୍ୱରେ ଅଧିକ ସଂଖ୍ୟକ ଦୋଷୀ ସାବ୍ୟସ୍ତ ଅଥଚ ବିଶ୍ୱସନୀୟ ବନ୍ଦୀମାନଙ୍କୁ କାରାଗାର ଭିତରେ ଶୃଙ୍ଖଳା ରକ୍ଷା, ବନ୍ଦୀଙ୍କ ଗତିବିଧି ଉପରେ ନଜର ରଖିବା, ପରିଷ୍କାର-ପରିଚ୍ଛନ୍ନତା, ଇତ୍ୟାଦି ଆଭ୍ୟନ୍ତରୀଣ ସହାୟକ କାର୍ଯ୍ୟରେ ନିୟୋଜିତ କରାଯାଉଛି ।

ଗତ ଏକ ବର୍ଷ ମଧ୍ୟରେ ବନ୍ଦୀମାନଙ୍କର ଉନ୍ନତ ଜୀବନଯାପନ ବ୍ୟବସ୍ଥା ସୁନିଶ୍ଚିତ କରିବା ସହିତ କାରାଗାରରୁ ମୁକ୍ତ ହେବା ପରେ ସେମାନଙ୍କୁ ସମାଜରେ ମୁଖ୍ୟ ସ୍ରୋତରେ ସାମିଲ କରିବା ଉଦ୍ଦେଶ୍ୟରେ ଗ୍ରହଣ କରାଯାଇଥିବା ଅନ୍ୟାନ୍ୟ ବିଭିନ୍ନ ପଦକ୍ଷେପ ସମ୍ପର୍କରେ ମଧ୍ୟ ଆଲୋଚନା ହୋଇଥିଲା । ଏହି ପରିପ୍ରେକ୍ଷୀରେ ୭୪ଟି କାରାଗାର ପାଇଁ ୧୧୮ ଜଣ ସମର୍ପିତ ଯୋଗ ପ୍ରଶିକ୍ଷକ ନିଯୁକ୍ତ ହୋଇଛନ୍ତି । ୩୬ ଟି କାରାଗାରରେ ୬୧ ଜଣ ସମର୍ପିତ ମାନସିକ ସ୍ୱାସ୍ଥ୍ୟ ପରାମର୍ଶଦାତା ନିଯୁକ୍ତ ହୋଇଛନ୍ତି । ବନ୍ଦୀମାନଙ୍କୁ ବିଭିନ୍ନ ଉତ୍ପାଦନମୂଳକ କାର୍ଯ୍ୟରେ ନିୟୋଜିତ ରଖିବା ପାଇଁ ୯୬ ଟି ମାଇକ୍ରୋ ଇଣ୍ଡଷ୍ଟ୍ରି ସ୍ଥାପନ କରାଯାଇଛି । ବୈଠକରେ ଅନ୍ୟମାନଙ୍କ ମଧ୍ୟରେ ଗୃହ ବିଭାଗ ଅତିରିକ୍ତ ମୁଖ୍ୟ ଶାସନ ସଚିବ ଶ୍ରୀ ହେମନ୍ତ ଶର୍ମା, ଅର୍ଥ ବିଭାଗର ପ୍ରମୁଖ ଶାସନ ସଚିବ ଶ୍ରୀ ସଂଜୀବ କୁମାର ମିଶ୍ର, ଆଇନ ବିଭାଗର ପ୍ରମୁଖ ଶାସନ ସଚିବ ଡଃ. ପବିତ୍ର ମୋହନ ସାମଲ ଙ୍କ ସମେତ, ଦକ୍ଷତା ବିକାଶ ଓ ବୈଷୟିକ ଶିକ୍ଷା, ଉଚ୍ଚ ଶିକ୍ଷା, ବିଭାଗ କମିଶନର ତଥା ଶାସନ ସଚିବ, ନିର୍ଦ୍ଦେଶକ, ସମାଜ କଲ୍ୟାଣ ବୋର୍ଡ ନିର୍ଦ୍ଦେଶିକା ପ୍ରମୁଖ ଉପସ୍ଥିତ ଥିଲେ ।

# ଲାଞ୍ଚୁଆ ଆରଆଇ ଗିରଫ

**ଭୁବନେଶ୍ୱର,୨୩।୭ (ମହାଭାରତ):** ଭିଜିଲାନ୍ସ ବିଭାଗର ଅଧିକାରୀ ମାନେ ମଙ୍ଗଳବାର ଦିନ ସୁନ୍ଦରଗଡ଼ ଜିଲ୍ଲାରେ ଲାଂଚ ନେଉଥିବା ଅଭିଯୋଗରେ ଜଣେ ରାଜସ୍ୱ ଇନ୍ସପେକ୍ଟରଙ୍କୁ ଗିରଫ କରିଛନ୍ତି । ଜଣେ ଆବେଦନକାରୀଙ୍କ ଠାରୁ ୪,୦୦୦ ଟଙ୍କା ଲାଂଚ ମାଗି ଗ୍ରହଣ କରୁଥିବା ବେଳେ କୁମାରମୁଣ୍ଡା ତହସିଲ୍ ଅଧୀନରେ ଥିବା କାଲୋସିହିରା ସର୍କଲର ରାଜସ୍ୱ ଇନ୍ସପେକ୍ଟର ଶ୍ରୀମତୀ ଅନିତା ଜେନାଙ୍କୁ ଅଧିକାରୀ ମାନେ ଧରିଛନ୍ତି । ଭିଜିଲାନ୍ସ ବିଭାଗ ପକ୍ଷରୁ ଦିଆଯାଇଥିବା ସୂଚନା ଅନୁସାରେ ଆବେଦନକାରୀଙ୍କ ପୈତୃକ ସମ୍ପତ୍ତି ସମ୍ବନ୍ଧୀୟ ଜମି ସୀମା ନିର୍ଦ୍ଧାରଣ ରିପୋର୍ଟ ଜାରି କରିବା ପାଇଁ ଆରଆଇ ଲାଂଚ ନେଉଥିଲେ। ଭିଜିଲାନ୍ସ ଅଧିକାରୀଙ୍କ ଅନୁଯାୟୀ, ଆବେଦନକାରୀ କିଛି ମାସ ପୂର୍ବରୁ ସୀମା ନିର୍ଦ୍ଧାରଣ ରିପୋର୍ଟ ପାଇଁ ଏକ ଅନୁରୋଧ ଦାଖଲ କରିଥିଲେ। ବାରମ୍ବାର ଫଲୋ-ଅପ୍ ସତ୍ତ୍ୱେ, ଅଭିଯୁକ୍ତ ଅଧିକାରୀ ବିନା କାରଣରେ ପ୍ରକ୍ରିୟାକୁ ବିଳମ୍ବ କରିଥିଲେ ଏବଂ ଏହାକୁ କରିବାକୁ ଲାଂଚ ମାଗିଥିଲେ । ଏହି ନିର୍ଯ୍ୟାତନାରେ କ୍ଷୁବ୍ଧ ହୋଇ ଆବେଦନକାରୀ ଓଡ଼ିଶା ଭିଜିଲାନ୍ସ ନିକଟରେ ଅଭିଯୋଗ କରିଥିଲେ। ଅଭିଯୋଗ ଉପରେ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରି, ଏକ ଭିଜିଲାନ୍ସ ଟିମ୍ ଏକ ଜାଲ ବିଛାଇଥିଲା ଏବଂ ଲାଂଚ ରାଶି ଗ୍ରହଣ କରୁଥିବାବେଳେ ଶ୍ରୀମତୀ ଜେନାଙ୍କୁ ସଫଳତାର ସହ ଗିରଫ କରିଥିଲା। ୪,୦୦୦ ଟଙ୍କାର ସମ୍ପୂର୍ଣ୍ଣ ଲାଂଚ ଟଙ୍କା ତାଙ୍କଠାରୁ ଉଦ୍ଧାର କରାଯାଇଥିଲା ଏବଂ ପ୍ରମାଣ ଭାବରେ ଜବତ କରାଯାଇଥିଲା । ଗିରଫ ପରେ, ଆୟବର୍ହିଭୂତ ସମ୍ପତ୍ତିର ତଦନ୍ତ ପାଇଁ ଅଭିଯୁକ୍ତଙ୍କ ସହ ଜଡିତ ତିନୋଟି ସ୍ଥାନରେ ଏକକାଳୀନ ଅନୁସନ୍ଧାନ କରାଯାଉଛି। ଏହି ପରିପ୍ରେକ୍ଷୀରେ, ଦୁର୍ନୀତି ନିବାରଣ (ସଂଶୋଧନ) ଅଧିନିୟମ, ୨୦୧୮ ର ଧାରା ୭ ଅନୁଯାୟୀ ରାଉରକେଲା ଭିଜିଲାନ୍ସ ପୋଲିସ ଷ୍ଟେସନରେ (ମାମଲା ସଂଖ୍ୟା ୦୫ ତାରିଖ ଜୁଲାଇ ୨୦, ୨୦୨୬) ଏକ ମାମଲା ପଞ୍ଜିକୃତ ହୋଇଛି। ଏବେ ଅଧିକ ତଦନ୍ତ ଜାରି ରହିଛି।

# ଭୁବନେଶ୍ୱର କଂଗ୍ରେସର କାର୍ଯ୍ୟକାରିଣୀ ବୈଠକ

**ଭୁବନେଶ୍ୱର,୨୩।୭ (ମହାଭାରତ):** କଂଗ୍ରେସ ଭବନ ଠାରେ ଭୁବନେଶ୍ୱର ଜିଲ୍ଲା କଂଗ୍ରେସ କମିଟିର କାର୍ଯ୍ୟକାରିଣୀ ବୈଠକ ଅନୁଷ୍ଠିତ ହୋଇଥିଲା । ଭୁବନେଶ୍ୱର ଜିଲ୍ଲା କଂଗ୍ରେସ କମିଟି ସଭାପତି ପ୍ରକାଶ ଚନ୍ଦ୍ର ଜେନାଙ୍କ ନେତୃତ୍ୱରେ ଅନୁଷ୍ଠିତ ଏହି ବୈଠକରେ 




ପିସିସି ସଭାପତି ଭକ୍ତ ଚରଣ ଦାସ, ପୂର୍ବତନମନ୍ତ୍ରୀ ତଥା ବରିଷ୍ଠ କଂଗ୍ରେସ ନେତା ସୁରେଶ କୁମାର ରାଉତରାୟ, ବରିଷ୍ଠ କଂଗ୍ରେସ ନେତା ଶିବାନନ୍ଦ ରାୟ, ବରିଷ୍ଠ ନେତା କିଶୋର ଜେନା, ବରିଷ୍ଠ ମୁଖପାତ୍ର ମନୋରଞ୍ଜନ ଦାସ, ସନତ ଦାସ ଓ ଶୁଭେନ୍ଦୁ ମହାନ୍ତି ମଂଚାସୀନ ଥିଲେ। ବୈଠକକୁ ସମ୍ବୋଧନ କରି ପିସିସି ସଭାପତି ଶ୍ରୀ ଦାସ ତୃଣମୂଳ ସ୍ତରକୁ ଯାଇ ଲୋକଙ୍କ ସହ ମିଶି ସଂଗଠନ ତିଆରି କରିବା ପାଇଁ ଆହ୍ୱାନ ଦେଇଥିଲେ। କଂଗ୍ରେସର ସମୟ ଆସିଛି ଏବଂ ଏଭଳି ଏକ ଘଡିସନ୍ଧି ମୂହର୍ତରେ ଯଦି ଆମେ ଏକତ୍ରିତ ହୋଇ କାମ କରିବା ତେବେ ନିଶ୍ଚୟ କଂଗ୍ରେସ କ୍ଷମତାକୁ ପୁନଃର୍ବାର ଆସିବ । ଭୁବନେଶ୍ୱର ଜିଲ୍ଲା କଂଗ୍ରେସ ସଭାପତି ପ୍ରକାଶ ଚନ୍ଦ୍ର ଜେନା ତାଙ୍କ ମନ୍ତବ୍ୟରେ କହିଛନ୍ତି ଯେ ମୁଁ ଦାୟିତ୍ୱ ନେଲାବେଳକୁ ଭୁବନେଶ୍ୱର ଜିଲ୍ଲା ସଂଗଠନର କୌଣସି ଚିହ୍ନବର୍ଣ୍ଣ ନଥିଲା । ଏଭଳି ଏକ ସମୟରେ ମୋ ଉପରେ ଆସ୍ଥା ରଖି ପିସିସି ସଭାପତି ଯେଉଁ ଦାୟିତ୍ୱ ଅର୍ପଣ କରିଛନ୍ତି ମୁଁ ତାହା ପାଳନ କରିବା ପାଇଁ ଆପ୍ରାଣ ଉଦ୍ୟମ ଜାରି ରଖିଛି। ଏହି କାର୍ଯ୍ୟକ୍ରମରେ ମଞ୍ଚାସୀନ ଅତିଥି ଏବଂ ପଦାଧିକାରୀଙ୍କ ଉପସ୍ଥିତିରେ ଭୁବନେଶ୍ୱର ଜିଲ୍ଲା କଂଗ୍ରେସର ସମସ୍ତ ସଦସ୍ୟ ଓ ସଦସ୍ୟା ଭୁବନେଶ୍ୱରକୁ କଂଗ୍ରେସର ମଡେଲ ଜିଲ୍ଲା ରୂପେ ଗଢ଼ି ତୋଳିବାକୁ ଶପଥ ପାଠ କରିଥିଲେ ।

# ଏସ୍‌ସିବି ଭିତିଭୂମି, ଅଗ୍ନି ନିରାପତା କାର୍ଯ୍ୟର ସମୀକ୍ଷା

**ଭୁବନେଶ୍ୱର,୨୩।୭ (ମହାଭାରତ):** ସ୍ୱାସ୍ଥ୍ୟ ଓ ପରିବାର କଲ୍ୟାଣ ମନ୍ତ୍ରୀ ଡ଼. ମୁକେଶ ମହାଲିଙ୍ଗ କଟକସ୍ଥିତ ଏସ୍‌ସିବି ମେଡିକାଲ କଲେଜ ଓ ହସ୍ପିଟାଲ ପରିଦର୍ଶନ କରି ପ୍ରକଳ୍ପ ଭିତିଭୂମି, ଅଗ୍ନି ନିରାପତା ବ୍ୟବସ୍ଥା ଏବଂ ଚାଲିଥିବା ସମ୍ପ୍ରସାରଣ କାର୍ଯ୍ୟର ଅଗ୍ରଗତିର ବିସ୍ତୃତ ସମୀକ୍ଷା କରିଥିଲେ । ପରିଦର୍ଶନ ସମୟରେ ମନ୍ତ୍ରୀ ନୂତନ ନିର୍ମାଣଧୀନ ହସ୍ପିଟାଲ ବ୍ଲକ, ପିଜି ହଷ୍ଟେଲ, ରେସିଡେଂଟ ଡାକ୍ତରମାନଙ୍କ ହଷ୍ଟେଲ ଏବଂ ସହକାରୀ ପ୍ରଫେସରମାନଙ୍କ ବାସଭବନ ବୁଲି ଦେଖିଥିଲେ। ଏହି ପ୍ରକଳ୍ପଗୁଡ଼ିକର ନିର୍ମାଣର ଅଗ୍ରଗତି, କାର୍ଯ୍ୟର ଗୁଣବତା ସମ୍ପର୍କରେ ସେ ସମ୍ପୃକ୍ତ ଅଧିକାରୀଙ୍କ ସହ ଆଲୋଚନା କରିଥିଲେ ।

ମନ୍ତ୍ରୀ ହସ୍ପିଟାଲ ପରିସରରେ ଅଗ୍ନି ନିରାପତା ବ୍ୟବସ୍ଥାର ସ୍ଥିତି ମଧ୍ୟ ସମୀକ୍ଷା କରିଥିଲେ । ହସ୍ପିଟାଲର ପ୍ରତ୍ୟେକ ଭବନରେ ଅଗ୍ନି ନିର୍ବାପକ ଉପକରଣ, ଜରୁରୀକାଳୀନ ନିର୍ଗମନ ପଥ, ଫାୟାର ଆଲାର୍ମ ବ୍ୟବସ୍ଥା ଏବଂ ଅନ୍ୟାନ୍ୟ ସୁରକ୍ଷା ବ୍ୟବସ୍ଥାର କାର୍ଯ୍ୟକାରିତା ସୁନିଶ୍ଚିତ କରିବା ସହିତ ନିୟମିତ ଅଡିଟ୍ ଓ ମକ୍ ଡ୍ରିଲ୍ ଆୟୋଜନ କରିବାକୁ ସେ ଗୁରୁତ୍ୱାରୋପ କରିଥିଲେ । ରୋଗୀ ଏବଂ ସେମାନଙ୍କ ସମ୍ପର୍କୀୟଙ୍କ ସୁରକ୍ଷାକୁ ସର୍ବୋଚ୍ଚ ପ୍ରାଥମିକତା ଦେଇ ସମସ୍ତ ସୁରକ୍ଷା 



ବ୍ୟବସ୍ଥାକୁ ଅଧିକ ସୁଦୃଢ଼ କରିବା ପାଇଁ ସେ ସମ୍ପୃକ୍ତ ଅଧିକାରୀମାନଙ୍କୁ ନିର୍ଦ୍ଦେଶ ଦେଇଥିଲେ।

ସମୀକ୍ଷା ବୈଠକରେ ମନ୍ତ୍ରୀ କହିଥିଲେ ଯେ, ଏସ୍‌ସିବି ମେଡିକାଲ କଲେଜ ଓ ହସ୍ପିଟାଲ ରାଜ୍ୟର ଏକ ପ୍ରମୁଖ ସ୍ୱାସ୍ଥ୍ୟସେବା ପ୍ରତିଷ୍ଠାନ ହୋଇଥିବାରୁ ଏଠାରେ ରୋଗୀ ସେବାର ମାନ, ଚିକିତ୍ସା ଭିତିଭୂମି ଏବଂ ଶିକ୍ଷାନୁକୂଳ ପରିବେଶକୁ ଆହୁରି ଉନ୍ନତ କରିବା ରାଜ୍ୟ ସରକାରଙ୍କ ପ୍ରାଥମିକତା । ପ୍ରତ୍ୟେକ ପର୍ଯ୍ୟାୟରେ ଗୁଣାତ୍ମକମାନ ଉପରେ ସ୍ୱତନ୍ତ୍ର ନଜର ରଖିବାକୁ ସେ ନିର୍ଦ୍ଦେଶ ଦେଇଥିଲେ।

ସେ ଆହୁରି କହିଥିଲେ ଯେ, ରୋଗୀଙ୍କ ସୁବିଧା, ଡାକ୍ତର ଏବଂ ସ୍ୱାସ୍ଥ୍ୟକର୍ମୀଙ୍କ କାର୍ଯ୍ୟ ପରିବେଶ ଏବଂ ଡାକ୍ତରୀ ଛାତ୍ରଛାତ୍ରୀଙ୍କ ଶିକ୍ଷା ଓ ରହଣି ସୁବିଧାରେ ଉନ୍ନତି ଆଣିବା ମୁଖ୍ୟ ଉଦ୍ଦେଶ୍ୟ। ନୂତନ ଭିତିଭୂମି ସୃଷ୍ଟି ହେଲେ ରୋଗୀ ସେବାର ମାନ ବୃଦ୍ଧି ପାଇବା ସହିତ ରାଜ୍ୟର ଚିକିତ୍ସା ଶିକ୍ଷା ବ୍ୟବସ୍ଥା ମଧ୍ୟ ଅଧିକ ସୁଦୃଢ଼ ହେବ ।

ପରିଦର୍ଶନ ସମୟରେ ମନ୍ତ୍ରୀ ହସ୍ପିଟାଲ ପରିସରର ପରିମଳ ବ୍ୟବସ୍ଥା, ରୋଗୀ ସୁବିଧା, ଜଳ ଓ ବିଦ୍ୟୁତ ଯୋଗାଣ, ଯାତାୟତ ବ୍ୟବସ୍ଥା ଏବଂ ଅନ୍ୟାନ୍ୟ ଆନୁଷଙ୍ଗିକ ସୁବିଧା ସମ୍ପର୍କରେ ମଧ୍ୟ ଅନୁଧ୍ୟାନ କରିଥିଲେ । ଆବଶ୍ୟକତା ଅନୁଯାୟୀ ତୁରନ୍ତ ପଦକ୍ଷେପ ଗ୍ରହଣ କରି ରୋଗୀ ଏବଂ ସେମାନଙ୍କ ପରିଜନଙ୍କୁ ଉନ୍ନତ ଓ ସୁବିଧାଜନକ ସେବା ପ୍ରଦାନ କରିବାକୁ ସେ ଅଧିକାରୀମାନଙ୍କୁ କହିଥିଲେ। ଏହି ପରିଦର୍ଶନ ଅବସରରେ କଟକ ସଦର ବିଧାୟକ ଶ୍ରୀ ପ୍ରକାଶ ଚନ୍ଦ୍ର ସେଠୀ , ଚୌଦ୍ୱାର କଟକ ବିଧାୟକ ଶ୍ରୀ ଶୌଭିକ ବିଶ୍ୱାଳ ,ସ୍ୱାସ୍ଥ୍ୟ ବିଭାଗର ସଚିବ ତଥା କମିଶନର ଅଶ୍ୱତୀ ଏସ୍., ଏସ୍‌ସିବି ମେଡିକାଲ କଲେଜ ଓ ହସ୍ପିଟାଲର କର୍ତ୍ତୃପକ୍ଷ, କାର୍ଯ୍ୟନିର୍ବାହୀ ସଂସ୍ଥାର ଅଧିକାରୀମାନେ ଏବଂ ସ୍ୱାସ୍ଥ୍ୟ ବିଭାଗର ବରିଷ୍ଠ ଅଧିକାରୀମାନେ ଉପସ୍ଥିତ ଥିଲେ ।

# ଆହତ ଛାତ୍ରଛାତ୍ରୀଙ୍କୁ ଭେଟିଲେ ବିଜେଡି ରାଜ୍ୟସଭା ସାଂସଦ

**ଭୁବନେଶ୍ୱର,୨୩।୭ (ମହାଭାରତ):** ଦିଲ୍ଲୀ ଯନ୍ତରମନ୍ତରରୁ ସଂସଦ ଅଭିମୁଖେ ଶାନ୍ତିପୂର୍ଣ୍ଣ ପଦଯାତ୍ରା କରୁଥିବା ଛାତ୍ରଛାତ୍ରୀଙ୍କ ଉପରେ ପୋଲିସର ବର୍ବରୋଚିତ ଆକ୍ରମଣକୁ କଡ଼ା ନିନ୍ଦା କରିଛି ବିଜୁ ଜନତା ଦଳ । ରାଜ୍ୟସଭାରେ ବିଜେଡି ସଂସଦୀୟ ଦଳର ନେତା ଶ୍ରୀ ମାନସ ରଞ୍ଜନ ମଙ୍ଗରାଜଙ୍କ ନେତୃତ୍ୱରେ ବିଜେଡିର ଏକ ପ୍ରତିନିଧି ମଣ୍ଡଳୀ ମଙ୍ଗଳବାର ନୂଆଦିଲ୍ଲୀ ସ୍ଥିତ ଡଃ ରାମ ମନୋହର ଲୋହିଆ ହସ୍ପିଟାଲକୁ ଯାଇ ଆହତ ହୋଇ ଚିକିତ୍ସାଧୀନ ଥିବା ଛାତ୍ରଛାତ୍ରୀଙ୍କୁ ଭେଟି ଗଭୀର ସମବେଦନା ଜଣାଇଥିଲେ । ବିଜେଡିର ଏହି ପ୍ରତିନିଧିମଣ୍ଡଳୀରେ ରାଜ୍ୟସଭାରେ ବିଜେଡି ସଂସଦୀୟ ଦଳର ନେତା ଶ୍ରୀ ମାନସ ରଞ୍ଜନ ମଙ୍ଗରାଜ, ସାଂସଦ ଡ଼ ସଂତୃପ୍ତ ମିଶ୍ର, ସାଂସଦ ଡ଼ ସସ୍ମିତ ପାତ୍ର, ସାଂସଦ ଶ୍ରୀମତୀ ସୁଲତା ଦେଓ, ସାଂସଦ ଶ୍ରୀ ସୁଭାଶିଷ ଖୁଂଟିଆ ସାମିଲ ଥିଲେ। ସାଂସଦମାନେ ଆହତ ଛାତ୍ରଛାତ୍ରୀଙ୍କ ସହ ଆଲୋଚନା କରି ସେମାନଙ୍କ ସ୍ୱାସ୍ଥ୍ୟବସ୍ଥା ବିଷୟରେ ପଚାରି ବୁଝିବା ସହ ନ୍ୟାୟ ପାଇଁ ସେମାନଙ୍କ ଲଢ଼େଇରେ ବିଜୁ ଜନତା ଦଳ ସଦାସର୍ବଦା ସେମାନଙ୍କ ସହ ରହିବ ବୋଲି ଆଶ୍ୱାସନା ଦେଇଥିଲେ। ବିଜୁ ଜନତା ଦଳର ସଭାପତି ଶ୍ରୀଯୁକ୍ତ ନବୀନ ପଟ୍ଟନାୟକଙ୍କ ପକ୍ଷରୁ ଆହତ ଛାତ୍ରଛାତ୍ରୀଙ୍କ ପ୍ରତି ଗଭୀର ସମବେଦନା ଜଣାଇଥିଲେ ପ୍ରତିନିଧି ମଣ୍ଡଳୀ । ଏହି ଘଟଣାରେ ସମ୍ପୃକ୍ତ ବ୍ୟକ୍ତିବିଶେଷଙ୍କ ବିରୋଧରେ ଉଚିତ କାର୍ଯ୍ୟାନୁଷ୍ଠାନ ହେବା ପର୍ଯ୍ୟନ୍ତ ବିଜେଡି 



ସାମ୍ବିଧାନିକ ଓ ଗଣତାନ୍ତ୍ରିକ ପଦ୍ଧତିରେ ଏହି ପ୍ରସଙ୍ଗକୁ ଉଠାଇ ଚାଲିବ ବୋଲି ଛାତ୍ରଛାତ୍ରୀ ମାନଙ୍କୁ ସାଂସଦମାନେ ଆଶ୍ୱାସନା ଦେଇଥିଲେ । ଏହାପୂର୍ବରୁ ଆଜି ପୂର୍ବାହ୍ନରେ ଶ୍ରୀ ମାନସ ରଞ୍ଜନ ମଙ୍ଗରାଜଙ୍କ ନେତୃତ୍ୱରେ ବିଜେଡିର ସମସ୍ତ ରାଜ୍ୟସଭା ସାଂସଦମାନେ ଦିଲ୍ଲୀର ବିଜୟ ଚୌକ ଠାରେ ବିକ୍ଷୋଭ ପ୍ରଦର୍ଶନ କରିବା ସହ ଛାତ୍ରଛାତ୍ରୀଙ୍କ ଉପରେ ପୋଲିସର ବର୍ବରୋଚିତ ଆକ୍ରମଣକୁ ତୀବ୍ର ନିନ୍ଦା କରିଥିଲେ। ଏକ ସାମ୍ବାଦିକ ସମ୍ମିଳନୀରେ ବିଜେଡି ସାଂସଦମାନେ ଛାତ୍ରଛାତ୍ରୀଙ୍କ ଆନ୍ଦୋଳନ ପ୍ରତି ଦଳର ନିଃସର୍ତ୍ତ ସମର୍ଥନ ଘୋଷଣା କରିଥିଲେ । ବିଜେଡିର ସମସ୍ତ ସାଂସଦମାନେ ସଂସଦର ସମସ୍ତ କାର୍ଯ୍ୟବିଧି ସ୍ଥଗିତ ରଖି ଏହି ଗୁରୁତର ପ୍ରସଙ୍ଗ ଉପରେ ସଂସଦରେ ସ୍ୱତନ୍ତ୍ର ଆଲୋଚନା ଦାବି କରିଥିଲେ। ଆହତ ଛାତ୍ରଛାତ୍ରୀଙ୍କୁ ନ୍ୟାୟ ଏବଂ ଦୋଷୀଙ୍କ ବିରୋଧରେ ଦୃଢ଼ କାର୍ଯ୍ୟାନୁଷ୍ଠାନ ଦାବିରେ ଗୃହ ମଧ୍ୟରେ ତୀବ୍ର ପ୍ରତିବାଦ କରିଥିଲେ । ବିରୋଧୀ ଦଳମାନଙ୍କ ହଟଗୋଳ ଯୋଗୁଁ ପରବର୍ତୀ ସମୟରେ ଗୃହକୁ ମୁଲତବୀ କରାଯାଇଥିଲା। ବିଭିନ୍ନ ବିରୋଧୀ ଦଳର ସାଂସଦମାନେ ମଧ୍ୟ ଏହି ପ୍ରତିବାଦରେ ସାମିଲ ହୋଇ ଛାତ୍ରଛାତ୍ରୀଙ୍କ ପ୍ରତି ପୋଲିସର ଅମାନୁଷିକ ଆକ୍ରମଣକୁ ନିନ୍ଦା କରିଥିଲେ। ଶାନ୍ତିପୂର୍ଣ୍ଣ ପ୍ରତିବାଦ କରିବା ପ୍ରତ୍ୟେକ ନାଗରିକଙ୍କ ମୌଳିକ ଅଧିକାର ଏବଂ ଏହାର ସୁରକ୍ଷା ସୁନିଶ୍ଚିତ କରିବା ସରକାରଙ୍କ ଦାୟିତ୍ୱ।

# କଫି ଆଉଟଲେଟ ପରିଦର୍ଶନ କଲେ ରାଜ୍ୟପାଳ

**ଭୁବନେଶ୍ୱର,୨୩।୭ (ମହାଭାରତ):** ଓଡ଼ିଶାର ରାଜ୍ୟପାଳ ଡ ହରି ବାବୁ କମ୍ଭମପାଟି ମଙ୍ଗଳବାର ସନ୍ଧ୍ୟାରେ ଭୁବନେଶ୍ୱର ରୁପାଲୀ ଛକସ୍ଥିତ ଆଦିଶା କୋରାପୁଟ କଫି ଆଉଟଲେଟ ପରିଦର୍ଶନ କରିଛନ୍ତି।ଏହି ଅବସରରେ ରାଜ୍ୟର ପ୍ରଥମ ମହିଳା ଡ଼. ଜୟଶ୍ରୀ କମ୍ଭମପାଟି ମଧ୍ୟ ଉପସ୍ଥିତ ଥିଲେ। ରିଦର୍ଶନ ସମୟରେ ଅନୁସୂଚିତ ଜନଜାତି ଓ ଅନୁସୂଚିତ ଜାତି ଉନ୍ନୟନ, ସଂଖ୍ୟାଲଘୁ ସମ୍ପ୍ରଦାୟ ଓ ପଛୁଆ ବର୍ଗ କଲ୍ୟାଣ ବିଭାଗର କମିଶନର ତଥା ଶାସନ ସଚିବ ବି. ପରମେଶ୍ୱରନ୍, ଆଦିବାସୀ ବିକାଶ ସହକାରୀ ନିଗମ ଲିମିଟେଡ୍ (ଟିଡିସିସିଓଏଲ୍) ର ମ୍ୟାନେଜିଂ ଡାଇରେକ୍ଟର ଡ. ପୋମା ତୁଡୁ ଏବଂ ନିଗମର ଅନ୍ୟ ବରିଷ୍ଠ ଅଧିକାରୀମାନେ ଉପସ୍ଥିତ ଥିଲେ।

ଏହି ଅବସରରେ ରାଜ୍ୟପାଳ ଆଉଟଲେଟ୍ ରେ ଉପସ୍ଥିତ ଥିବା ଗ୍ରାହକ ଓ କର୍ମଚାରୀଙ୍କ ସହିତ ଭାବ ବିନିମୟ କରିଥିଲେ। ରାଜ୍ୟ ସରକାର ଆଦିଶା ବ୍ରାଣ୍ଡ ମାଧ୍ୟମରେ ଓଡ଼ିଶାର ଉଚ୍ଚମାନର ଜନଜାତି ଉତ୍ପାଦଗୁଡ଼ିକୁ ପ୍ରଦର୍ଶିତ କରିବା ଏବଂ କଫି ଚାଷ ଓ ମୂଲ୍ୟ ସଂଯୋଜନରେ ନିୟୋଜିତ ଜନଜାତି 



ଉତ୍ପାଦକଙ୍କ ପାଇଁ ଉନ୍ନତ ବଜାର ସୁଯୋଗ ସୃଷ୍ଟି କରିବା ପାଇଁ ନିଆଯାଇଥିବା ପ୍ରୟାସକୁ ମଧ୍ୟ ରାଜ୍ୟପାଳ ପ୍ରଶଂସା କରିଥିଲେ। ଏପରି ଉଦ୍ୟମ କେବଳ ସ୍ୱଦେଶୀ ଉତ୍ପାଦକୁ ପ୍ରୋତ୍ସାହନ ଦେଇ ନଥାଏ ବରଂ ସ୍ଥାୟୀ ଜୀବିକା ସୃଷ୍ଟି କୋରାପୁଟ କଫିକୁ ପ୍ରୋତ୍ସାହିତ କରିବା ଦିଗରେ ନିଆଯାଇଥିବା ପଦକ୍ଷେପକୁ ରାଜ୍ୟପାଳ ପ୍ରଶଂସା କରିଥିଲେ। ଜନଜାତି ଜୀବିକା ଓ ଉଦ୍ୟମିତାକୁ ମଜବୁତ କରିବା ଦିଗରେ ଏହା ଏକ ଗୁରୁତ୍ୱପୂର୍ଣ୍ଣ ପଦକ୍ଷେପ ବୋଲି ରାଜ୍ୟପାଳ ମତ ପ୍ରକାଶ କରିଥିଲେ। ବୋଲି ରାଜ୍ୟପାଳ କହିଛନ୍ତି।

# ଇସ୍ପାତ ଶିଳ୍ପକୁ କାର୍ବନ ନିର୍ଗମନ ହ୍ରାସ ଉପରେ ଜୋର ଦେବା ଆବଶ୍ୟକ

**ଭୁବନେଶ୍ୱର,୨୩।୭ (ମହାଭାରତ):** ବୈଶ୍ୱିକ ପ୍ରତିସ୍ପର୍ଦ୍ଧାରେ ନିଜର ସ୍ଥିତି ସୁଦୃଢ଼ ରଖିବା ପାଇଁ ଭାରତୀୟ ଇସ୍ପାତ ଶିଳ୍ପକୁ ରପ୍ତାନି କ୍ଷେତ୍ରରେ ବିବିଧୀ କରଣ କରିବା, ନୂତନ ବିଦେଶୀ ବଜାରର ସନ୍ଧାନ କରିବା ଏବଂ କାର୍ବନ ନିର୍ଗମନ ହ୍ରାସ (ଡିକାର୍ବନାଇଜେସନ୍) ପ୍ରକ୍ରିୟାକୁ ତ୍ୱରାନ୍ୱିତ କରିବା ଆବଶ୍ୟକ ବୋଲି ଜଣେ ସରକାରୀ ଅଧିକାରୀ ଗୁରୁବାର କହିଛନ୍ତି। ଅନେକ ଦେଶ ନିଜ ଶିଳ୍ପକୁ ସୁରକ୍ଷା ଦେବା ପାଇଁ ସଂରକ୍ଷଣ ମୂଳକ ପଦକ୍ଷେପ ଗ୍ରହଣ କରୁଥିବାରୁ ବିଶ୍ୱ ବାଣିଜ୍ୟ ପରିଦୃଶ୍ୟ ଦ୍ରୁତଗତିରେ ବଦଳୁଛି ବୋଲି ଇସ୍ପାତ ମନ୍ତ୍ରଣାଳୟର ଆର୍ଥିକ ପରାମର୍ଶଦାତା ଅଶ୍ୱିନୀ କୁମାର କହିଛନ୍ତି। ଜାତୀୟ ରାଜଧାନୀରେ ଆସୋଚାମ୍ପକ୍ଷରୁ ଆୟୋଜିତ ଇଣ୍ଡିଆ ଷ୍ଟିଲ କନକ୍ଲେଭ-୨୦୨୬କୁ ସମ୍ବୋଧିତକରିସେକହିଥିଲେ, ‘କାର୍ବନ ବର୍ଡର ବ୍ୟବସ୍ଥା ଏବଂ ଶୁଳ୍କ ସମ୍ବନ୍ଧୀୟ ପଦକ୍ଷେପ ଯୋଗୁଁ ଦ୍ରୁତ ପରିବର୍ତ୍ତନଶୀଳ ବିଶ୍ୱ ବାଣିଜ୍ୟ ପରିସ୍ଥିତିରେ ବୈଶ୍ୱିକ ପ୍ରତି ସ୍ପର୍ଦ୍ଧା ବଜାୟ ରଖିବା ପାଇଁ ଭାରତୀୟ ଇସ୍ପାତ ଶିଳ୍ପକୁ କାର୍ବନ ନିର୍ଗମନ ହ୍ରାସ (ଡିକାର୍ବନାଇଜେସନ୍) ପ୍ରକ୍ରିୟାକୁ ତ୍ୱରାନ୍ୱିତ କରିବା, ପ୍ରଯୁକ୍ତି ଏବଂ ଗବେଷଣା ଓ ବିକାଶକୁ ସୁଦୃଢ଼ କରିବା ସହ ରପ୍ତାନି ବଜାରର ବିବିଧୀକରଣ କରିବା ଆବଶ୍ୟକ।’ ଯୁକ୍ତରାଷ୍ଟ୍ର ଏବଂ 



ୟୁରୋପୀୟ ସଂଘ ଉଭୟ ନିଜ ଶିଳ୍ପକୁ ସୁରକ୍ଷା ଦେବା ପାଇଁ ବିଭିନ୍ନ ପଦକ୍ଷେପ ଗ୍ରହଣ କରିଛନ୍ତି। ଯେଉଁଠାରେ ଯୁକ୍ତରାଷ୍ଟ୍ର ସେକ୍ସନ୍-୨୩୨ ଲାଗୁ କରିଛି, ସେଠାରେ ୟୁରୋପୀୟ ସଂଘ ଉଚ୍ଚ କାର୍ବନ ନିର୍ଗମନ ପ୍ରକ୍ରିୟାରେ ଉତ୍ପାଦିତ ଇସ୍ପାତକୁ ନିରୁତ୍ସାହିତ କରିବା ପାଇଁ କାର୍ବନ ବର୍ଡର ଆଡଜଷ୍ଟମେଣ୍ଟ ମେକାନିଜମ୍ଭଳି ବ୍ୟବସ୍ଥା କାର୍ଯ୍ୟକାରୀ କରିଛି। ସିବିଏଏମ କାର୍ଯ୍ୟକାରୀ ହେବା ପରେ ଉଚ୍ଚ ମୂଲ୍ୟଯୁକ୍ତ ରପ୍ତାନି ବଜାରରେ ପ୍ରବେଶ କେବଳ ଇସ୍ପାତର ଗୁଣବତ୍ତା ଓ ମୂଲ୍ୟ ଉପରେ ନିର୍ଭର କରିବ ନାହିଁ, ବରଂ ଉତ୍ପାଦନ ପ୍ରକ୍ରିୟାରେ କେତେ ପରିମାଣରେ କାର୍ବନ ନିର୍ଗମନ ହେଉଛି, ତାହା ମଧ୍ୟ ଏକ ପ୍ରମୁଖ ମାନଦଣ୍ଡ ହେବ। ସେ କହିଛନ୍ତି ଯେ, ଭାରତୀୟ ଇସ୍ପାତ ଶିଳ୍ପରେ କାର୍ବନ ନିର୍ଗମନର ମାତ୍ରା ଅଧିକ ଥିବାରୁ ଭବିଷ୍ୟତରେ ୟୁରୋପୀୟ ସଂଘକୁ ଭାରତର ଇସ୍ପାତ ରପ୍ତାନି କରିବା ଅଧିକ କଠିନ ହୋଇପାରେ।

# ଦଳାଚକଟା ଘଟଣାକୁ ଚାପି ଦେବାକୁ ହେଉଛି ଉଦ୍ୟମ

**ଭୁବନେଶ୍ୱର,୨୩।୭ (ମହାଭାରତ):** ବିଶ୍ୱ ପ୍ରସିଦ୍ଧ ପୁରୀର ଘୋଷଯାତ୍ରାକୁ ବିଜେପି ସରକାର ସଠିକ ଭାବରେ ପରିଚାଳନା କରି ନପାରିବାରୁ ଶ୍ରଦ୍ଧାଳୁଙ୍କ ପ୍ରାଣ ହାନି ହୋଇଛି। ଏ ବାବଦରେ ଶଙ୍ଖ ଭବନରେ ବିଜେଡି ପକ୍ଷରୁ ଆୟୋଜିତ ସାମ୍ବାଦିକ ସମ୍ମିଳନୀରେ ବିଜେପି ସରକାରକୁ ସମ୍ପୂର୍ଣ୍ଣ ଭାବେ ଦାୟୀ କରିଛନ୍ତି। ସାମ୍ବାଦିକ ସମ୍ମିଳନୀରେ ବିଜେଡିର ରାଜ୍ୟ ଉପସଭାପତି ତଥା ପୂର୍ବତନ ମନ୍ତ୍ରୀ ଶ୍ରୀ ସଞ୍ଜୟ କୁମାର ଦାସବର୍ମା ଓ ଗଣମାଧ୍ୟମ ସଂଯୋଜକ ତଥା ମୁଖପାତ୍ର ଡ. ଲେନିନ ମହାନ୍ତି ବିଜେପି ସରକାରକୁ ସମାଲୋଚନା କରିଛନ୍ତି।

ଉପସଭାପତି ଶ୍ରୀ ଦାସବର୍ମା। କହିଛନ୍ତି ଯେ, ସ୍ୱାସ୍ଥ୍ୟ ମନ୍ତ୍ରୀ କହିଲେ ଯେ ଦଳା ଚକଟା ଯୋଗୁଁ ଶ୍ରଦ୍ଧାଳୁଙ୍କ ମୃତ୍ୟୁ ହୋଇନାହିଁ। ଜଣକ ହୃଦଘାତ ଓ ଅନ୍ୟ ଜଣକ ଶ୍ୱାସରୁଦ୍ଧ ହୋଇ ମୃତ୍ୟୁ ହୋଇଛି। ଯାହାକି ସମ୍ପୂର୍ଣ୍ଣ ଭାବେ ମିଥ୍ୟା। ରଥଯାତ୍ରା ସମୟରେ କଣ ଘଟିଲା ତାହାକୁ ରାଜ୍ୟ ସରକାର ସାର୍ବଜନୀନ କରୁନାହାଁନ୍ତି। ଦଳାଚକଟାରେ କେତେ ଜଣ ମୃତ୍ୟୁ ଓ କେତେ ଜଣ ଆହତ ହୋଇଛନ୍ତି। ସେ ବାବଦରେ କୌଣସି ସରକାରୀ ତଥ୍ୟ ପ୍ରଦାନ କରାଗଲା ନାହିଁ। ଉକ୍ତ ଘଟଣାକୁ ମିଳିମିଶି ଚାପି ଦେବାକୁ ବିଜେପି ସରକାର ଉଦ୍ୟମ ଜାରି ରଖିଛନ୍ତି। ରାଜ୍ୟ ସରକାର ଓ ପ୍ରଶାସନିକ ଅଧିକାରୀ ମାନଙ୍କ କଥାରେ ତାଳମେଳ ରହୁନି। ଦଳାଚକଟା ହୋଇ ୪ଜଣ ଅତି ଗୁରୁତର ଅବସ୍ଥାରେ ପୁରୀ ହସପିଟାଲରେ ଭର୍ତ୍ତି ହୋଇଥିଲେ। ତେବେ ସେଥି ମଧ୍ୟରୁ ୩ଜଣଙ୍କ ମୃତ୍ୟୁ ହୋଇଛି। ଏହାସହିତ ୩୫୦ରୁ ଉର୍ଦ୍ଧ୍ୱ ଆହତ ହୋଇଛନ୍ତି ବୋଲି ସିଡିଏମଓ ଘୋଷଣା କରିଥିଲେ। କିନ୍ତୁ ପର୍ଯ୍ୟାୟକ୍ରମରେ ୨ଜଣଙ୍କ ମୃତ୍ୟୁ ହୋଇଛି ବୋଲି ରାଜ୍ୟ ସରକାର କହିଥିଲେ। ଅନ୍ୟ ଜଣକ ମୃତ୍ୟୁ ବାବଦରେ ରାଜ୍ୟ ସରକାର ସୂଚନା ପ୍ରଦାନ ନକରି ନିରବ ରହିଛନ୍ତି। ୩ ଜଣଙ୍କ ମୃତ୍ୟୁ ହୋଇଥିଲେ ସୁଦ୍ଧା ରାଜ୍ୟ ସରକାର ତାହାକୁ ଲୁଚାଇବାରେ ଲାଗିଛନ୍ତି। ରଥ ଯାତ୍ରା ସୁପରିଚାଳନା ନେଇ ଡବଲ ଇଞ୍ଜିନ ସରକାର ବାରମ୍ବାର ବୈଠକ କରୁଥିଲେ। କିନ୍ତୁ ତାଙ୍କର ଚରମ ବିଫଳତା ପାଇଁ ଆଜି ଓଡ଼ିଶା ସବୁଠି ନିନ୍ଦିତ ହୋଇଛି। ଡବଲ ଇଞ୍ଜିନ ସରକାରର ସାମଗ୍ରିକ ବିଫଳତା ପାଇଁ ଆଜି ଏହିପରି ଅଭାବନୀୟ ଘଟଣା ଘଟିଛି। ଯାହାକି ସମସ୍ତ ଜଗନ୍ନାଥ ପ୍ରେମୀଙ୍କୁ ସ୍ତବ୍ଧ କରିଦେଇଛି। ମନ୍ତ୍ରୀ ଦଳାଚକଟାରେ ଶ୍ରଦ୍ଧାଳୁ ମାନଙ୍କ ମୃତ୍ୟୁ ହୋଇଛି ବୋଲି ସ୍ୱୀକାର କରୁନଥିବା ବେଳେ ଶବ ବ୍ୟବଛେଦ ରିପୋର୍ଟରେ ଦଳାଚକଟାରେ ମୃତ୍ୟୁ ହୋଇଛି ବୋଲି ଉଲ୍ଲେଖ କରାଯାଇଛି।

ମହାପ୍ରଭୁଙ୍କ ଆଳ ନେଇ ଖସି ଯିବାକୁ ବିଜେପି ସରକାର ଉଦ୍ୟମ କରୁଛନ୍ତି। ଉକ୍ତ ଘଟଣାର ରାଜ୍ୟ ସରକାର ବିଚାର ବିଭାଗୀୟ ତଦନ୍ତ କରି ରିପୋର୍ଟ ସାର୍ବଜନୀନ କରିବାକୁ ବିଜେଡି ପକ୍ଷରୁ ଦାବି କରାଯାଇଛି। ପୂର୍ବର ରଥ ଯାତ୍ରା ସମୟରେ ଦଳା ଚକଟାରେ ମୃତ୍ୟୁ, ପହଣ୍ଡି ବିଜେ ବେଳେ ଚାରମାଳରୁ ପ୍ରଭୁ ବଳଭଦ୍ର ଖସି ପଡିବା ଘଟଣାର ତଦନ୍ତ ରିପୋର୍ଟ୍ ମଧ୍ୟ ଆଜି ପର୍ଯ୍ୟନ୍ତ ସାର୍ବଜନୀନ ହୋଇନି। ତାହାକୁ ସାର୍ବଜନୀନ କରିବାକୁ ମଧ୍ୟ ଦାବି କରାଯାଇଛି। ସୂର୍ଯ୍ୟାସ୍ତ ପରେ ରଥ ଟଣା ଯିବାର ନିୟମ ନଥିବା ବେଳେ କିପରି ନୀତିକାନ୍ତି ନିୟମ ନମାନି ସୂର୍ଯ୍ୟାସ୍ତ ପରେ ରଥ ଟଣା ଗଲା ସେନେଇ ରାଜ୍ୟ ସରକାର ସ୍ୱଷ୍ଟୀକରଣ ପ୍ରଦାନ କରନ୍ତୁ। ଗଣମାଧ୍ୟମ ସଂଯୋଜକ ଡ଼ ମହାନ୍ତି କହିଛନ୍ତି ଯେ, ରଥ ଯାତ୍ରା ସମୟରେ ପୁରୀରେ ଦଳାଚକଟା ଘଟଣା ଘଟିଛି। ଯାହାକି ସମସ୍ତ ଗଣମାଧ୍ୟମରେ ମଧ୍ୟ ପ୍ରସାରିତ ହୋଇଛି। କିନ୍ତୁ ବିଜେପି ସରକାର ନିଜ ଦୋଷ ତ୍ରୁଟିକୁ ଲୁଚାଇବା ପାଇଁ ଏହାକୁ ସ୍ୱୀକାର କରୁନାହାଁନ୍ତି। ଦଳା ଚକଟାରେ ମୃତ୍ୟୁ ନେଇ ଶବ ବ୍ୟବଛେଦ ରିପୋର୍ଟ ଆସିବା ପରେ ବି ଅନ୍ୟ କାରଣରେ ଶ୍ରଦ୍ଧାଳୁ ମାନଙ୍କ ମୃତ୍ୟୁ ହୋଇଛି ବୋଲି ସ୍ୱାସ୍ଥ୍ୟ ମନ୍ତ୍ରୀ ଗଣମାଧ୍ୟମରେ ପ୍ରତିକ୍ରିୟା ରଖିଛନ୍ତି।

# ରାଜନୈତିକ ଅଭିସନ୍ଧି

କେବଳ କେନ୍ଦ୍ର ସରକାର ନୁହଁନ୍ତି, ରାଜ୍ୟ ସରକାର ମଧ୍ୟ ନିଜସ୍ୱ ଆବାସ ଯୋଜନା କାର୍ଯ୍ୟକାରୀ କରିଛନ୍ତି। ପ୍ରତିବର୍ଷ ବଜେଟରେ ଏଥିରେ ଏଥିରେ ବହୁ କୋଟି ଟଙ୍କା ବ୍ୟୟ ବରାଦ ହେଉଛି। କିନ୍ତୁ ଏହା ବି ସମସ୍ତଙ୍କ ପାଇଁ ଘର ସ୍ୱପ୍ନକୁ ସାକାର କରିପାରିନାହିଁ। ଶାସକ ଓ ବିରୋଧୀ ଉଭୟେ ପରସ୍ପର ବିରୋଧରେ ଆରୋପ ପ୍ରତ୍ୟାରୋପ କରି ଆସୁଛନ୍ତି। କଂଗ୍ରେସ ମଧ୍ୟ ଏଥିରେ ସାମିଲ ହେଉଛି। ଅତୀତରେ କେନ୍ଦ୍ର ଗ୍ରାମ୍ୟ ଉନ୍ନୟନ ମନ୍ତ୍ରୀ ଓଡ଼ିଶା ଗସ୍ତରେ ଆସିଥିବା ବେଳେ ଓଡ଼ିଶାରେ ଆବାସ ଯୋଜନାରେ ବ୍ୟାପକ ଦୁର୍ନୀତି ହୋଇଥିବା ଏବଂ କେନ୍ଦ୍ରରୁ ଏହି ଯୋଜନା ବାବଦରେ ଆସିଥିବା କୋଟି କୋଟି ଟଙ୍କା ହଡ଼ପ କରାଯାଇଥିବା ଅଭିଯୋଗ କରିଥିଲେ। କେନ୍ଦ୍ରମନ୍ତ୍ରୀ କ'ଣ କହିଲେ ତାହା ଭିନ୍ନ କଥା। କିନ୍ତୁ ଏକଥାକୁ ସ୍ୱୀକାର କରିବାକୁ ପଡ଼ିବ ଯେ, ରାଜ୍ୟରେ ଅନେକ ସ୍ୱଚ୍ଛଳ ପରିବାର ଆବାସ ଯୋଜନାର ହିତାଧିକାରୀ ହୋଇଥିବା ବେଳେ ବହୁ ଗରିବ ଏଥିରୁ ବଂଚିତ ହୋଂଇଛନ୍ତି। ଦୁର୍ନୀତି ଓ ପ୍ରିୟାପ୍ରୀତି ତୋଷଣ ପାଇଁ ଏହି ଯୋଜନା ଫଳବତୀ ହୋଇପାରୁନି। ଲାଞ୍ଚ ନଦେଲେ ଆବାସ ମିଳୁନି ବୋଲି ଅଭିଯୋଗ ହେଉଛି। ଏହା ଅନେକାଂଶରେ ସତ୍ୟ ବୋଲି ସ୍ୱୀକାର କରିବାକୁ ପଡ଼ିବ। ଯାଜନାରେ ନିଶ୍ଚିତଭାବେ କେଉଁଠି ନା କେଉଁଠି କିଛି ତ୍ରୁଟି ରହିଯାଇଛି। କିଛି ଗରିବ ଲୋକ ଏହି ଯୋଜନାରୁ ବାଦ ପଡ଼ିଥିବା ବେଳେ ସ୍ଥଳ ବିଶେଷକରେ ସ୍ୱଚ୍ଛଳ ବର୍ଗର ଲୋକେ ଏହି ସୁବିଧା ମାରି ନେଉଛନ୍ତି। କିନ୍ତୁ ଏଥିପାଇଁ ଯୋଜନାକୁ ସମାଲୋଚନା କରାଯିବା ଅଥବା ଏହାକୁ ବନ୍ଦ କରିବାର ଯଥାର୍ଥତା ନାହିଁ। ଗରିବ ଲୋକଙ୍କୁ ସରକାର ମାଗଣାରେ କୋଠାଘର ଯୋଗାଇ ଦେବାକୁ ମଧ୍ୟ ସରକାର ଅନେକ ଯୋଜନା କାର୍ଯ୍ୟକାରୀ କରୁଛନ୍ତି। ପୂର୍ବରୁ କଂଗ୍ରେସ ଶାସନ କାଳରେ ଇନ୍ଦିରା ଆବାସ ଯୋଜନା କରାଯାଇଥିଲା। ଏବେ ମୋଦି ସରକାର ପ୍ରଧାନମନ୍ତ୍ରୀ ଆବାସ ଯୋଜନା କାର୍ଯ୍ୟକାରୀ କରିଛନ୍ତି। ରାଜ୍ୟ ସରକାର ମଧ୍ୟ ନିଜସ୍ୱ ପାଣ୍ଠିରେ ଆବାସ ଯୋଜନା କାର୍ଯ୍ୟକାରୀ କରୁଛନ୍ତି। କିନ୍ତୁ ଦୁର୍ଭାଗ୍ୟର ବିଷୟ ହେଲା ଦୀର୍ଘ ବର୍ଷ ହେବ ଏହିସବୁ ଯୋଜନା କାର୍ଯ୍ୟକାରୀ ହୋଇ ଆସୁଥିଲେ ମଧ୍ୟ ଏବେ ବି ରାଜ୍ୟର ଲକ୍ଷ ଲକ୍ଷ ଗରିବ ଲୋକଙ୍କର ନିଜସ୍ୱ ଘର ଖଣ୍ଡିଏ ନାହିଁ। ଝାଟିମାଟି ଘର ବା ଚାଳଛପର ଘରେ ଲୋକେ ଅସୁରକ୍ଷିତ ଭାବେ ବସବାସ କରୁଛନ୍ତି। ୧୯୯୯ ମହାବାତ୍ୟାରେ ଉପକୂଳ ଓଡ଼ିଶାରେ ଅନେକ ଲୋକଙ୍କ ଘର ଭାଙ୍ଗିଗଲା। ସାମୁଦ୍ରିକ ଜୁଆରେ ଅନେକ ଭାସିଗଲେ। ସେତେବେଳେ କେନ୍ଦ୍ର ସରକାର ଉପକୂଳ ଓଡ଼ିଶାରେ ଲୋକଙ୍କୁ କୋଠାଘର ଯୋଗାଇ ଦେବାକୁ କୋଟି କୋଟି ଟଙ୍କା ସହାୟତା ପ୍ରଦାନ କଲେ। ଅନେକ ସ୍ଥାନରେ ବହୁମୁଖୀ ଆଶ୍ରୟ ସ୍ଥଳ ନିର୍ମାଣ କରାଗଲା। ପ୍ରାକୃତିକ ବିପର୍ଯ୍ୟୟ ବେଳେ ଏହା ବେଲ ସହାୟକ ହେଉଛି। କିନ୍ତୁ ଏବେ ବି ଉପକୂଳ ଓଡ଼ିଶାରେ ଅନେକ ଲୋକଙ୍କ ପକ୍କା ଘର ନାହିଁ। ଦୁର୍ନୀତି ଏବଂ ରାଜନୈତିକ ଅଭିସନ୍ଧି ରଖି ଅନେକ ସରକାରଙ୍କ ଯୋଜନାକୁ ବାଟବଣା କରୁଛନ୍ତି। ସ୍ଥାନୀୟ ନେତା, ସରକାରୀ କର୍ମଚାରୀମାନେ ଯୋଜନାକୁ ଅପହରଣ କରୁଛନ୍ତି। ଲାଞ୍ଚ ନଦେଲେ ଅନେକ ସ୍ଥାନରେ ଆବାସ ମିଳୁନି। ଏହା ଅତ୍ୟନ୍ତ ଦୁର୍ଭାଗ୍ୟଜନକ ଏବଂ ନିନ୍ଦନୀୟ। ଏଭଳି ଦୁର୍ନୀତିରେ ସମ୍ପୃକ୍ତ ବ୍ୟକ୍ତିଙ୍କ ବିରୋଧରେ ଦୃଷ୍ଟାନ୍ତମୂଳକ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯିବା ଉଚିତ। ଏବେ କେନ୍ଦ୍ର ସରକାର ରାଜ୍ୟକୁ ଆବାସ ଯୋଜନାରେ ୯.୫୯ ଲକ୍ଷ ଗୃହ ମଞ୍ଜୁର କରିଛନ୍ତି। ଏହା ନିଶ୍ଚିତ ଭାବେ ସ୍ୱାଗତଯୋଗ୍ୟ। କିନ୍ତୁ ଏହା କେତେଦୂର ସ୍ୱଚ୍ଛତାର ସହ କାର୍ଯ୍ୟକାରୀ ହେବ ତାହା ଦେଖିବାର କଥା। ଖାଲି ଯୋଜନା କରିଦେଲେ ହେବନି ବା ଏଥିପାଇଁ ଟଙ୍କା ମଞ୍ଜୁର କଲେ ହେବନି।

# ଯକ୍ଷ୍ମାର ଆରୋଗ୍ୟ ସମ୍ଭବ

**॥ ଡାକ୍ତର କାନ୍ତୀ ନାୟକ ॥**

> ରୋଗୀ କ'ଣ କରିବେ / କ'ଣ ନକରିବେ : ତିନି ସପ୍ତାହରୁ ଅଧିକ ଦିନ କାଶ ଲାଗି ରହିଲେ ଡାକ୍ତରଙ୍କୁ ଦେଖାନ୍ତୁ। ଔଷଧର ସଂପୂର୍ଣ୍ଣ କୋର୍ସ ନିୟମିତ ଭାବରେ ଖାଇ ପୂରଣ କରନ୍ତୁ। କାଶିବା ସମୟରେ ମୁହଁ ଓ ନାକ ନାପ୍‌କିନ୍‌ରେ ଘୋଡାଇ ରଖନ୍ତୁ। ପୁଷ୍ଟିକର ଖାଦ୍ୟ ଖାଆନ୍ତୁ। ବିଡ଼ି, ସିଗାରେଟ୍, ତମାଖୁ ଓ ମଦ ଆଦିରୁ ଦୂରେଇ ରୁହନ୍ତୁ। ତେବେ ଖୋଲା ସ୍ଥାନରେ ଛେପ ପକାନ୍ତୁ ନାହିଁ। କେବଳ ଏକ୍ସରେ ଉପରେ ଭରସା କରନ୍ତୁ ନାହିଁ କିମ୍ବା ଡାକ୍ତରଙ୍କୁ ନପଚାରି ଔଷଧ ବନ୍ଦ କରନ୍ତୁ ନାହିଁ। ଡଟ୍‌ସ ଅର୍ଥାତ ଡାଇରେକ୍ଟିଲି ଆବ୍‌ଜର୍ଭଡ଼୍ ଟ୍ରିଟ୍‌ମେଣ୍ଟ ସର୍ଟ କୋର୍ସ ଯକ୍ଷ୍ମା ଚିକିତ୍ସା ଅଭିଯାନ।

ଯକ୍ଷ୍ମା ଜୀବାଣୁ ଜନିତ ରୋଗ। ଏହା ପବନ ଦ୍ୱାରା ଜଣେ ରୋଗୀ ଠାରୁ ଅନ୍ୟ ଜଣେ ସୁସ୍ଥ ଲୋକ ପାଖରେ ପହଞ୍ଚେ। ଏହା ସାଧାରଣତଃ ଫୁସ୍‌ଫୁସ୍‌ରୁ ଆରମ୍ଭ ହୁଏ। ଫୁସ୍‌ଫୁସ୍ ଯକ୍ଷ୍ମା ସବୁଠାରୁ ସାଧାରଣ ଯକ୍ଷ୍ମା ହୋଇଥିଲେ ମଧ ମସ୍ତିଷ୍କ, ଗର୍ଭାଶୟ, ପାଟି ଯକୃତ, ବୃକକ୍, ଗଳା ଏବଂ ହାଡ଼ ଆଦି ଶରୀରର କୌଣସି ସ୍ଥାନରେ ମଧ ଯକ୍ଷ୍ମା ସଂକ୍ରମଣ ହୋଇପାରେ। ଯକ୍ଷ୍ମା ଜୀବାଣୁ ପବନ ଦ୍ୱାରା ବ୍ୟାପେ। କାଶିବା, ଛିଙ୍କିବା ଦ୍ୱାରା ମୁହଁରୁ ବାହାରୁଥିବା ଛୋଟ ଛୋଟ ଛେପବୁନ୍ଦା ଏହି ସଂକ୍ରମଣ ବଢ଼ାଏ। ଯକ୍ଷ୍ମାରୋଗୀର ଖୁବ୍ ନିକଟରେ ବସି କଥାବାର୍ତ୍ତା କରିବା ଦ୍ୱାରା ମଧ ଏହି ସଂକ୍ରମଣ ହୋଇପାରେ। ତେବେ ଫୁସ୍‌ଫୁସ୍ ବ୍ୟତୀତ ଅନ୍ୟ କୌଣସି ଯକ୍ଷ୍ମା ଜଣକ ଠାରୁ ଅନ୍ୟଜଣକୁ ବ୍ୟାପେନାହିଁ। ଏହା ବ୍ୟତୀତ ଯକ୍ଷ୍ମା ବଂଶାନୁକ୍ରମିକ ରୋଗ ନୁହେଁ। ଯକ୍ଷ୍ମା ଜୀବାଣୁ ଶରୀରର ଯେଉଁ ଅଂଶରେ ଥାଏ ସେ ସେହି ଅଂଶର ଟିସୁଗୁଡ଼ିକୁ ସଂପୂର୍ଣ୍ଣ ନଷ୍ଟ କରିଦିଏ। ଫଳରେ ସେହି ଅଙ୍ଗର କାମ ପ୍ରଭାବିତ ହୁଏ। ଉଦାହରଣ ସ୍ୱରୂପ ଫୁସ୍‌ଫୁସ୍‌ରେ ଯକ୍ଷ୍ମା ହେଲେ ଏହା ଫୁସ୍‌ଫୁସ୍‌କୁ ଧୀରେ ଧୀରେ ନଷ୍ଟ କରିଦିଏ। ଗର୍ଭାଶୟରେ ହେଲେ ଏହା ପ୍ରଜନନ କ୍ଷମତା ନଷ୍ଟକରି ଦିଏ। ହାଡ଼ରେ ଯକ୍ଷ୍ମା ହେଲେ ହାଡ଼ ସଂପୂର୍ଣ୍ଣ ଭାବେ ସଢ଼ିଯାଏ। ମସ୍ତିଷ୍କରେ ହେଲେ ରୋଗୀକୁ ମସ୍ତିଷ୍କାଘାତ ହୁଏ ଏବଂ ଯକୃତରେ ହେଲେ ପେଟରେ ପାଣିଜମିଯାଏ।

ରୋଗର ଲକ୍ଷଣ : ଦୁଇ ସପ୍ତାହରୁ ଅଧିକ ଦିନ ପର୍ଯ୍ୟନ୍ତ କାଶ ଲାଗି ରହିଲେ, କାଶରେ କଫ ପଡ଼ିଲେ, ବେଳେବେଳେ କଫରେ ରକ୍ତ ଆସିଲେ, ଭୋକ ଲାଗିବା କମ୍ ହୋଇଗଲେ, ଲଗାତାର ଓଜନ କମ୍ ହେଲେ, ସନ୍ଧ୍ୟା ବା ରାତିରେ ଜ୍ୱର ଆସିଲେ, ଥଣ୍ଡାରେ ମଧ ଝାଳ ବାହାରିଲେ, ନିଶ୍ୱାସ ନେବା ବେଳେ ଛାତିରେ ଯନ୍ତ୍ରଣା ହେଲେ ଏହାକୁ ଯକ୍ଷ୍ମାର ଲକ୍ଷଣ ବୋଲି ସନ୍ଦେହ କରିପାରନ୍ତି। କିନ୍ତୁ ବେଳେ ବେଳେ ଉପରୋକ୍ତ କୌଣସି ଲକ୍ଷଣ ନଥାଇ ମଧ ଯକ୍ଷ୍ମା ସଂକ୍ରମଣ ହୋଇପାରେ। ଯକ୍ଷ୍ମାର ଅନେକ ଲକ୍ଷଣ କ୍ୟାନସର ଏବଂ ବ୍ରୋଙ୍କାଇଟିସ୍‌ର ଲକ୍ଷଣ ସହ ମେଳ ଖାଏ। ତେବେ ବ୍ରୋଙ୍କାଇଟିସ୍‌ରେ ନିଶ୍ୱାସ ନେବାକୁ କଷ୍ଟ ହୁଏ ଏବଂ ନିଶ୍ୱାସ ନେଲା ବେଳେ ସିଟି ବଜାଇବା ପରି ଶବ୍ଦ ହୁଏ। ଫୁସ୍‌ଫୁସ୍ କ୍ୟାନସର ହୋଇଥିଲେ ପାଟିରୁ ରକ୍ତ ବାହାରେ। ଓଜନ ମଧ କମି ଯାଏ। କିନ୍ତୁ ସାଧାରଣତଃ ଜ୍ୱର ହୁଏ ନାହିଁ। ଟିବି ହେଲେ ନିଶ୍ୱାସ ନେବାକୁ କଷ୍ଟହୁଏନି କିନ୍ତୁ ଜ୍ୱର ହୁଏ।

କାହାପାଇଁ ବିପଦ ଅଧିକ : ଯେଉଁମାନେ ଠିକ୍‌ରେ ଖାଇବା ପିଇବା କରନ୍ତି ନାହିଁ ସେମାନଙ୍କ ପ୍ରତି ଯକ୍ଷ୍ମାର ଆଶଙ୍କା ଅଧିକ। କାରଣ ଶରୀରର ରୋଗ ପ୍ରତିରୋଧକ ଶକ୍ତି କମ୍ ହେଲେ ଜୀବାଣୁକୁ ପ୍ରତିରୋଧ କରିବା କଷ୍ଟକର ହୋଇଯାଏ। ଯେତେବେଳେ କମ୍ ସ୍ଥାନରେ ଅଧିକ ଲୋକ ରୁହନ୍ତି ସେତେବେଳେ ଯେକୌଣସି ସଂକ୍ରମଣ ଅଧିକ ବଢ଼େ। ଅନ୍ଧାରିଆ, ସନ୍ତସନ୍ତିଆ ଏବଂ ଶିଉଳି ଥିବା ସ୍ଥାନରେ ଯକ୍ଷ୍ମା ସଂକ୍ରମଣ ଅଧିକ ହୁଏ। କାରଣ ଏହା ଯକ୍ଷ୍ମା ଜୀବାଣୁ ବୃଦ୍ଧି ପାଇଁ ଉତ୍କୃଷ୍ଟ ପରିବେଶ। ଏହା ଯେ କୌଣସି ବ୍ୟକ୍ତିକୁ ମଧ ହୋଇପାରେ। କାରଣ ଏହା ଏକ ବାୟୁବାହିତ ରୋଗ। ଏହା ବ୍ୟତୀତ ଧୂମପାନ କରୁଥିବା ବ୍ୟକ୍ତିମାନଙ୍କୁ ଯକ୍ଷ୍ମାର ଆଶଙ୍କା ସବୁଠାରୁ ଅଧିକ। ମଧୁମେହ ରୋଗୀ, ଷ୍ଟେରଏଡ୍ ନେଉଥିବା ବ୍ୟକ୍ତି ଏବଂ ଏଚ୍‌ଆଇଭି ରୋଗୀଙ୍କ ପ୍ରତି ଯକ୍ଷ୍ମାର ଅଧିକ ବିପଦ ରହିଛି। ମୋଟାମୋଟି କହିବାକୁ ଗଲେ ଯେଉଁମାନଙ୍କର ରୋଗ ପ୍ରତିରୋଧକ ଶକ୍ତି କମ୍ ସେମାନଙ୍କୁ ଯକ୍ଷ୍ମା ହେବାର ଆଶଙ୍କା ଅଧିକ।

ରୋଗ ଚିହ୍ନଟ : ଶରୀରର ଯେଉଁ ଅଂଶରେ ଯକ୍ଷ୍ମା ଅଛି ତାହା ଅନୁଯାୟୀ ପରୀକ୍ଷା କରାଯାଏ। ଫୁସ୍‌ଫୁସ୍ ଯକ୍ଷ୍ମା ପାଇଁ କଫ ପରୀକ୍ଷା କରାଯାଏ। ଏଥିପାଇଁ ପ୍ରାୟ ୨୦୦ଟଙ୍କା ଖର୍ଚ୍ଚ ହୁଏ। ସରକାରୀ ଡାକ୍ତରଖାନା ଏବଂ ଡଟ୍‌ସ ସେଣ୍ଟରରେ ଏହି ପରୀକ୍ଷା ମାଗଣାରେ କରାଯାଏ। କଫ ପରୀକ୍ଷାରୁ ଯକ୍ଷ୍ମା ଧରାନପଡ଼ିଲେ ଏଏଫ୍‌ବି କଲଚର କରିବାକୁ ହୁଏ।

ଚିକିତ୍ସା : ଯକ୍ଷ୍ମାର ସଂପୂର୍ଣ୍ଣ ଚିକିତ୍ସା ସମ୍ଭବ। ସରକାରୀ ଡାକ୍ତରଖାନା ଓ ଡଟ୍‌ସ ସେଣ୍ଟରରେ ମାଗଣା ଚିକିତ୍ସା କରାଯାଏ। ତେବେ ସବୁଠୁ ବଡ଼ କଥା ହେଉଛି ସଂପୂର୍ଣ୍ଣ ଆରୋଗ୍ୟ ହେବା ପର୍ଯ୍ୟନ୍ତ ଚିକିତ୍ସା ଜାରି ରଖିବା ଦରକାର। ମଝିରେ ଔଷଧ ଖାଇବା ବନ୍ଦ କରିଦେଲେ ରୋଗ ଜୀବାଣୁଗୁଡ଼ିକର ଔଷଧ ବିରୋଧରେ ପ୍ରତିରୋଧକ କ୍ଷମତା ବିକଶିତ ହୋଇଯାଏ। ଏହାଦ୍ୱାରା ଚିକିତ୍ସା କଷ୍ଟକର ହୁଏ, ସାଧାରଣ ଔଷଧ ପ୍ରଭାବଶାଳୀ ହୁଏ ନାହିଁ। ଏହି ସ୍ଥିତିକୁ ମଲ୍‌ଟି ଡ୍ରଗ୍ ରେଜିଷ୍ଟାଣ୍ଟ ଏବଂ ଏକ୍ସଟେନ୍‌ସିବୁଲ ଡ୍ରଗ ରେଜିଷ୍ଟାଣ୍ଟ କୁହାଯାଏ। ସାଧାରଣତଃ ପ୍ରତି ୧୦୦ଟି ଘଟଣାରେ ଦୁଇଟି ମାମଲା ଏମ୍‌ଡିଆର୍ ଏବଂ ଏମ୍‌ଡିଆର ମାମଲାରେ ୭ ପ୍ରତିଶତ ଏକ୍ସଡିଆର ସ୍ଥିତି ଥାଏ। ଏହା ଖୁବ୍ ବିପଜ୍ଜନକ ସ୍ଥିତି। ଏହି ରୋଗର ଚିକିତ୍ସା ଅଧିକ ମହଙ୍ଗା ନୁହେଁ। କିନ୍ତୁ ଏକ୍ସଡିଆର ଏବଂ ଏମ୍‌ଡିଆର ମାମଲାରେ ଚିକିତ୍ସା ମହଙ୍ଗା ହୋଇଯାଏ। ଦୀର୍ଘ ସମୟ ଅର୍ଥାତ୍ ୬ମାରୁ ୨ ବର୍ଷ ପର୍ଯ୍ୟନ୍ତ ଔଷଧ ଖାଇବାକୁ ପଡ଼େ। ସାଧାରଣ ଏବଂ ଗର୍ଭାଶୟ ଯକ୍ଷ୍ମାର ଚିକିତ୍ସା ୬ମାସ ପର୍ଯ୍ୟନ୍ତ, ଅସ୍ଥି ଏବଂ ବୃକକ୍ ଯକ୍ଷ୍ମା ପାଇଁ ୯ ମାସ ଏବଂ ଏମ୍‌ଡିଆର୍/ଏକ୍ସଡିଆର ଚିକିତ୍ସା ପାଇଁ ଦୁଇବର୍ଷ ପର୍ଯ୍ୟନ୍ତ ଔଷଧ ଖାଇବାକୁ ହୁଏ। ଔଷଧ ଆରମ୍ଭ କରିବାର ଦୁଇ ସପ୍ତାହରୁ ଦୁଇମାସ ପର୍ଯ୍ୟନ୍ତ ଯକ୍ଷ୍ମା ରୋଗୀ ଦ୍ୱାରା ଅନ୍ୟକୁ ଯକ୍ଷ୍ମା ହେବାର ଆଶଙ୍କା ରହିଛି। କାରଣ ଔଷଧ ଖାଇଲେ ମଧ ସେ ସମୟ ମଧ୍ୟରେ ବ୍ୟାକ୍ଟେରିଆ ସକ୍ରିୟ ଥାଏ। ଶରୀରର ରୋଗ ପ୍ରତିରୋଧକ ଶକ୍ତି କମ୍ ଥିଲେ ଏହି ଜୀବାଣୁ ଅଧିକ ସକ୍ରିୟ ହୋଇଯାଏ। ଅନେକ ସମୟରେ ଯକ୍ଷ୍ମାର ଜୀବାଣୁ ଶରୀରରେ ଥିଲେ ମଧ ରୋଗ ପ୍ରତିରୋଧକ ଶକ୍ତି ଦୃଢ଼ ଥିଲେ ଏହା ସଂକ୍ରମିତ ହୋଇପାରେ ନାହିଁ। ରୋଗୀ ଭିଡ଼ ସ୍ଥାନରୁ, ଅନ୍ଧାର ଏବଂ ସନ୍ତସନ୍ତିଆ ସ୍ଥାନକୁ ନଯିବା ଉଚିତ। ଏହି ରୋଗୀକୁ ଅନ୍ୟମାନଙ୍କ ଠାରୁ ଦୂରେଇ ରଖିବାକୁ ଚେଷ୍ଟା କରନ୍ତୁ। ରୋଗୀକୁ ମାକ୍ସ ପିନ୍ଧାଇ ରଖନ୍ତୁ। ରୋଗୀକୁ ପବନ ଚଳାଚଳ କରୁଥିବା ଏବଂ ଭଲ ଆଲୋକ ପଡୁଥିବା କୋଠରୀରେ ରଖନ୍ତୁ। କିନ୍ତୁ ରୋଗୀ ଥିବା କୋଠରୀରେ ଏସି ଲଗାନ୍ତୁ ନାହିଁ। କାରଣ ଏସି ମଧ୍ୟରେ ଜୀବାଣୁ ରହି ଅନ୍ୟଙ୍କୁ ସଂକ୍ରମିତ କରିବେ।

ମହିଳାଙ୍କୁ ଯକ୍ଷ୍ମା : ମହିଳାଙ୍କ ଗର୍ଭାଶୟ ଯକ୍ଷ୍ମା ଆକ୍ରାନ୍ତ ହେଲେ ପ୍ରଜନନ କ୍ଷମତା ପ୍ରଭାବିତ ହୁଏ। ତେବେ ପ୍ରାଥମିକ ଅବସ୍ଥାରୁ ଉପଯୁକ୍ତ ଚିକିତ୍ସା ଦ୍ୱାରା ଏଥିରୁ ଆରୋଗ୍ୟ ସମ୍ଭବ। ଗର୍ଭବତୀ ମହିଳା ଯକ୍ଷ୍ମା ସଂକ୍ରମିତ ହୋଇଥିଲେ ସାଧାରଣତଃ ଏହି ରୋଗ ଶିଶୁ ପାଖକୁ ଯାଏ ନାହିଁ। ତେବେ ଏଭଳି କ୍ଷେତ୍ରରେ ଶିଶୁ ଜନ୍ମ ହେବା ପରେ ତୁରନ୍ତ ଯକ୍ଷ୍ମା ପ୍ରତିଷେଧକ ଔଷଧ ଦିଆଯାଏ।

ରୋଗୀ କ'ଣ କରିବେ / କ'ଣ ନକରିବେ : ତିନି ସପ୍ତାହରୁ ଅଧିକ ଦିନ କାଶ ଲାଗି ରହିଲେ ଡାକ୍ତରଙ୍କୁ ଦେଖାନ୍ତୁ। ଔଷଧର ସଂପୂର୍ଣ୍ଣ କୋର୍ସ ନିୟମିତ ଭାବରେ ଖାଇ ପୂରଣ କରନ୍ତୁ। କାଶିବା ସମୟରେ ମୁହଁ ଓ ନାକ ନାପ୍‌କିନ୍‌ରେ ଘୋଡାଇ ରଖନ୍ତୁ। ପୁଷ୍ଟିକର ଖାଦ୍ୟ ଖାଆନ୍ତୁ। ବିଡ଼ି, ସିଗାରେଟ୍, ତମାଖୁ ଓ ମଦ ଆଦିରୁ ଦୂରେଇ ରୁହନ୍ତୁ। ତେବେ ଖୋଲା ସ୍ଥାନରେ ଛେପ ପକାନ୍ତୁ ନାହିଁ। କେବଳ ଏକ୍ସରେ ଉପରେ ଭରସା କରନ୍ତୁ ନାହିଁ କିମ୍ବା ଡାକ୍ତରଙ୍କୁ ନପଚାରି ଔଷଧ ବନ୍ଦ କରନ୍ତୁ ନାହିଁ। ଡଟ୍‌ସ ଅର୍ଥାତ ଡାଇରେକ୍ଟିଲି ଆବ୍‌ଜର୍ଭଡ଼୍ ଟ୍ରିଟ୍‌ମେଣ୍ଟ ସର୍ଟ କୋର୍ସ ଯକ୍ଷ୍ମା ଚିକିତ୍ସା ଅଭିଯାନ। ଏଥିରେ ଯକ୍ଷ୍ମା ରୋଗର ମାଗଣା ପରୀକ୍ଷା ଠାରୁ ଆରମ୍ଭ କରି ମାଗଣା ଚିକିତ୍ସା ଅନ୍ତର୍ଭୁକ୍ତ। ଏହି ଅଭିଯାନରେ ସ୍ୱାସ୍ଥ୍ୟକର୍ମୀ ରୋଗକୁ ନିଜ ଆଗରେ ଔଷଧ ଖୁଆନ୍ତି। ଯଦ୍ୱାରା ରୋଗୀ ଔଷଧ ଖାଇବାକୁ ଭୁଲିନଯିବ। ସ୍ୱାସ୍ଥ୍ୟକର୍ମୀ ରୋଗୀ ଓ ପରିବାରର କାଉନ୍‌ସେଲିଂ କରନ୍ତି। ଏଥିସହ ଚିକିତ୍ସା ସଂପୂର୍ଣ୍ଣ ପରେ ମଧ ରୋଗୀ ଉପରେ ନଜର ରଖନ୍ତି। ଏହାଦ୍ୱାରା ୯୫ ପ୍ରତିଶତ ରୋଗୀ ସଂପୂର୍ଣ୍ଣ ଆରୋଗ୍ୟ ହୋଇପାରନ୍ତି। ତେବେ କୌଣସି ବ୍ୟକ୍ତି ନିଜ ଅସାବଧାନତା ଯୋଗୁଁ ଯକ୍ଷ୍ମା ରୋଗ ବଢ଼ାଇଲେ ଏଥିପାଇଁ ଆଇନ୍‌ରେ ଦଣ୍ଡ ବ୍ୟବସ୍ଥା ରହିଛି। ନିଜର ଠିକ୍ ଚିକିତ୍ସା ନ କରିବା ଏବଂ ଏହାକୁ ଅନ୍ୟମାନଙ୍କ ମଧ୍ୟରେ ସଂକ୍ରମଣ କରାଇବା ଅଭିଯୋଗରେ ୬ମାସ ପର୍ଯ୍ୟନ୍ତ ଜେଲ ଦଣ୍ଡ ହୋଇପାରେ। ଏକ୍ସଡିଆର ଯକ୍ଷ୍ମା ସଂକ୍ରମଣ କରାଇବା ଦ୍ୱାରା ବର୍ଷେ ପର୍ଯ୍ୟନ୍ତ ଜେଲ ଦଣ୍ଡ ହୋଇପାରେ। ଆଜି ବି ଲୋକମାନଙ୍କର ଧାରଣା ରହିଛି ଯକ୍ଷ୍ମା ଗରିବ ଲୋକମାନଙ୍କୁ ହିଁ ହୁଏ ଏବଂ ଏହାର ଚିକିତ୍ସା ସମ୍ଭବ ନୁହେଁ। ଯେଉଁ ଲୋକମାନେ ଆରୋଗ୍ୟ ହୁଅନ୍ତି ନାହିଁ ସେମାନଙ୍କ ମନରେ ଏହି ଧାରଣା ରହିଯାଏ। କିନ୍ତୁ ପ୍ରକୃତ କଥା ହେଉଛି ଯେଉଁମାନେ ଆରୋଗ୍ୟ ହୁଅନ୍ତି ନାହିଁ ସେମାନେ ମଝିରୁ ଔଷଧ ବନ୍ଦ କରିଥାଆନ୍ତି। ସୁପରଷ୍ଟାର ଅମିତାଭ ବଚ୍ଚନଙ୍କୁ ଯକ୍ଷ୍ମା ହେବା ସୂଚାଉଛି ଯେ କେବଳ ଗରିବ ନୁହେଁ ଯେ କୌଣସି ବ୍ୟକ୍ତିକୁ ଏହି ରୋଗ ଆକ୍ରମଣ କରିପାରେ। ତେବେ ଗରିବ ଲୋକଙ୍କର ଖାଇବା ପିଇବା ଠିକ୍ ନଥିବାରୁ ସେମାନଙ୍କର ପ୍ରତିରୋଧକ ଶକ୍ତି କମ୍ ଥାଏ ଏବଂ ଏହି ଜୀବାଣୁ ଶୀଘ୍ର ଆକ୍ରମଣ କରିନିଏ। ଅନେକ ବିଶ୍ୱାସ କରନ୍ତି ଗର୍ଭବତୀ ମହିଳା ଯକ୍ଷ୍ମା ଔଷଧ ଖାଇବା ଉଚିତ ନୁହେଁ। କିନ୍ତୁ ପ୍ରକୃତ କଥା ହେଉଛି ଏହି ଔଷଧ ଦ୍ୱାରା ଗର୍ଭସ୍ଥ ଶିଶୁ ଉପରେ କୌଣସି ଖରାପ ପ୍ରଭାବ ପଡ଼େନାହିଁ। ଆଉ କେତେକ ଲୋକ ମନେ କରନ୍ତି ସରକାରୀ କେନ୍ଦ୍ରର ଔଷଧ କାମ କରେନାହିଁ। ପ୍ରକୃତ କଥା ହେଉଛି ଯକ୍ଷ୍ମା ପ୍ରଥମ ସ୍ତରରେ ଥିଲେ ୯୫ ପ୍ରତିଶତ କ୍ଷେତ୍ରରେ ଶୀଘ୍ର ଆରୋଗ୍ୟ ସମ୍ଭବ ହୁଏ। କିନ୍ତୁ ଔଷଧ ଠିକ୍ ଭାବରେ ନଖାଇଲେ ଯକ୍ଷ୍ମା ଦ୍ୱିତୀୟ ସ୍ତରକୁ ଚାଲିଯାଏ ଏବଂ ଆରୋଗ୍ୟର ସମ୍ଭାବନା ୬୦ ପ୍ରତିଶତକୁ ଖସିଆସେ।

ସ୍ତ୍ରୀ ଓ ପ୍ରସୂତୀ ରୋଗ ବିଶେଷଜ୍ଞ ତଥା ଅଧୀକ୍ଷକ, ଅର୍ବାନ ସିଏଚ୍‌ସି, ସିଡ଼ିଏ, କଟକ,

# ବର ଓ କନ୍ୟାଙ୍କର ଘର ଏକ ସରଳ ରେଖାର ଦୁଇ ମୁଣ୍ଡ

**॥ ଅଜୟ କୁମାର ବେହେରା ॥**

ସରଳ ରେଖା ଓ ବକ୍ରରେଖା ଅତିକମରେ ରେଖାର ଦୁଇଧାରା, ଦିଗଦୃଷ୍ଟେ ଚାରି ଦିଗ ପାଇଁ ଚାରି ରେଖା। କୋଣ ଦୃଷ୍ଟେ ଚାରି ରେଖା ଏମିତି ଆଠ ରେଖା। ପ୍ରତ୍ୟେକଙ୍କ ଜନ୍ମ ସ୍ଥାନର ଅକ୍ଷାଂଶ ଓ ଦ୍ରାଘିମା ସମ୍ବନ୍ଧ ରହିଛି। ରେଖା ସରଳ ହେଲେ ବି ରାସ୍ତା ଉଭୟଙ୍କୁ ଉଭୟ ସ୍ଥାନରେ ପହଞ୍ଚିବାକୁ ବକ୍ର ପଥ ନିଶ୍ଚୟ ଥିବ। ଯେଉଁମାନେ ବରକନ୍ୟାଙ୍କର ବାସସ୍ଥାନର ଅକ୍ଷାଂଶ ଦ୍ରାଘିମା ଓ ତତବିଧି ଷ୍ଟାଣ୍ଡର୍ଡ଼ ସମୟ ବା ସ୍ଥାନୀୟ ନେଇ କିଛି ସମୟ ଧାର୍ଯ୍ୟ ରଖି କୁଣ୍ଡଳୀ କରି କେବଳ ଚନ୍ଦ୍ର ଓ ନକ୍ଷତ୍ରରୁ ମେଳକ ଧାର୍ଯ୍ୟ କରି ଅଧିକ ଅଙ୍କର ମେଳକ ନେଉଛନ୍ତି ତାଙ୍କୁ ଅନେକ ବାକି କଥା ଛାଡ଼ି ଦେଉଛନ୍ତି।

କନ୍ୟାର ଜନ୍ମଦିନରେ ଚନ୍ଦ୍ରସ୍ଥିତ ରାଶି ଓ ୧ମ ରଜୋଦର୍ଶନ ଦିନର ତିଥି ବାର ନକ୍ଷତ୍ର ଯୋଗକରଣ ଲଗ୍ନଦି ବିବାହ ସୁଖ ପାଇଁ ବିଚାରକୁ ନେବା ଦରକାର ତାହା କରାଯାଉନାହିଁ। ବିଷ ପୁରୁଷ ଓ ବିଷ କନ୍ୟା ଦୁଇଟି ଗ୍ରହ ନକ୍ଷତ୍ର ସମ୍ବନ୍ଧରୁ ଧରାଯାଏ। ବିଷ ହିଁ ସାଂସାରିକ ଜୀବନରେ ଜ୍ୱାଳା ଦିଏ। ଜ୍ୟୋତିଷମାନେ କେବଳ ଜାତକ ଜନ୍ମଦିନର ବିବରଣୀରୁ କରି ଦେଇ ପାଉଣା ନେଇଯାଆନ୍ତି ସିନା ଜଟିଳ ଜନ୍ମ ସମୟର କୌଣସି ବ୍ୟବସ୍ଥା କରନ୍ତି ନାହିଁ। ଯାହା ବିଷ ଦ୍ରୁମ ରୂପନେଇ ସାଂସାରିକ ଜୀବନ ଉଚ୍ଛନ୍ନ ପରେ କରାଏ। ବିବାହ ଦିନର ମାସ ସମ୍ବନ୍ଧ ନକ୍ଷତ୍ର ସମ୍ବନ୍ଧ ଯୋଗ ସମ୍ବନ୍ଧ କରଣ ସମ୍ବନ୍ଧ ପଞ୍ଜିକାଳକ ବିଦ୍ଧି ବି ଦେଖାଯାଇ ପାଞ୍ଜିରେ ବିବାହ ତିଥି କେବଳ ଲେଖାଯାଇଛି ଏଥର ଲଗ୍ନାଦି ୧୨ଶ ଭାବର ତତକାଳ ଜଟିଳତାକୁ କୌଣସି ଜ୍ୟୋତିଷୀ ତର୍ଜନା କରନ୍ତି ନାହିଁ ପୁରୋହିତମାନେ ଜ୍ୟୋତିଷ ଶାସ୍ତ୍ରରେ ଅଭିଜ୍ଞ ଏତେ ନୁହଁନ୍ତି ସେମାନେ ଅମୃତ, ମାହେନ୍ଦ୍ର ସମୟରେ ହିଁ ବିବାହ ଶେଷ ହାତଗଣ୍ଠି କରି ଦେଇ କାମ ଫତେ କରିଥାନ୍ତି। ପ୍ରକୃତରେ କେଉଁ ଲଗ୍ନରେ ବିବାହ କରାଯିବ ସେ ଦିନ ବିଚାରକୁ ନେବାକୁ ପଡ଼େ। ଯେଉଁ ସରଳ ରେଖାରେ ଦୁଇ ଜଣଙ୍କର ବାସ ସ୍ଥାନ ରହିଛି ବରାନୁଗମନରେ ମଙ୍ଗଳ କର୍ମ ପାଇଁ ବର ବାହାରେ ତାର ଯାତ୍ରା କଲ୍ୟାଣ ମଣ୍ଡପ ନୁହଁ କନ୍ୟା ଘର ଦିଗରେ ତିଥି ଯୋଗ୍ନୀ ବାଧା ଦେବ କି ? ଏହା ବିଚାର କରାଯାଉନାହିଁ ସେହିପରି କନ୍ୟା ବରଘରେ ପ୍ରବେଶ ବେଳକୁ ଯୋଗିନୀ ସ୍ଥିତି ସପକ୍ଷ କି ବିପକ୍ଷ ଦେଖାଯାଉନାହିଁ। ସ୍ୱାମୀ ସ୍ତ୍ରୀଙ୍କର ପ୍ରଥମ ମିଳନ ସମୟ ଉଭୟଙ୍କର ଘାତଲଗ୍ନ ୮ମ ଲଗ୍ନ ମାସଶୂନ୍ୟ ଲଗ୍ନ ତିଥି ଶୂନ୍ୟ ଲଗ୍ନ ଆଦି ବିଚାର କରାଯାଉନାହିଁ। ଏସବୁ ପ୍ରଚ୍ଛନ୍ନ ମଧ୍ୟରେ ବିଚାରକୁ ଅଣାଯିବା ସହିତ ପ୍ରତି ବିବାହ ଏବେ ପୋଲିଶ ଥାନାର ଅନୁମତି ଦରକାର ଯାହା ଜାତକ ଜାତିକାଙ୍କର ଜାତକର ମଙ୍ଗଳ ସ୍ଥିତି ଓ ତତକାଳ ଗୋଚର ମଙ୍ଗଳର ସ୍ଥିତିର ଶୁଭ ଅଛି କି ଅଶୁଭ ଅଛି ବୁଝାଯାଏନାହିଁ।

ଉଗ୍ର ଗ୍ରହମାନେ ୭ମରେ ରହିଲେ କ୍ଷତିକରେ ହେଲେ ଦିବା ବିବାହରେ ଅଭିଜିତ ମୁହୂର୍ତ୍ତ (ବୁଧବାର ବାଦ) ବ୍ରହ୍ମ ମୁହୂର୍ତ୍ତ, ଗୋଧୂଳୀ ସମୟ ପରି ମୁହୂର୍ତ୍ତରେ ଲଗ୍ନ ନମିଳିଲେ ବିବାହ ପ୍ରତିକାର ସହ କରାଯାଏ। କାମାତୁର ଯୋଡ଼ି ୧ମ ମିଳନରେ କାଳବେଶ କାଳରାତ୍ରୀ ବୋଧ କରିନଥାନ୍ତି। ପରେ କଳାମୟ ଯୌବନ ଭୋଗ ହୋଇପାରେ। ପ୍ରତି ଯୁବକ ବା ଯୁବତୀ ବିବାହ ପୂର୍ବରୁ ଗୁରୁଦୀକ୍ଷା ବା ଉପନୟନ ସଂସ୍କାର ହୋଇ ବିବାହ ପର୍ଯ୍ୟନ୍ତ ବ୍ରହ୍ମଚର୍ଯ୍ୟ ଜୀବନ ରକ୍ଷା କରିବା ବିଧି ମାତ୍ର ବର୍ତ୍ତମାନ ବେପରୁଆ ଜୀବନ ଦାମ୍ପତ୍ୟ ଜୀବନ ଦୁର୍ବିସହ କରାଉଛି। ଅଗ୍ନୀ ସାକ୍ଷୀ ବିପ୍ରବାକ୍ୟ ପ୍ରିୟଜନ ମେଳରେ ବିବାହ ମୁହୂର୍ତ୍ତ ଥାଏ। ଏହାର ଶପଥ ବରକନ୍ୟା ଭୁଲିଯାଇ ପରସ୍ପର ଆରୋପରେ ଆସୁଛନ୍ତି। ଏହା ଧର୍ମଜ୍ଞାନ ହରାସ୍ଥିତି। ପୂର୍ବେ ଡାକଘରେ ଡାକ ପିଅନ ବେରିଂ ଚିଠି ନେଇ ଆସୁଥିଲେ। ପୋଷ୍ଟକାର୍ଡ଼ ଅର୍ନ୍ତଦେଶୀୟ ଚିଠି, ବରାମ ଚିଠି ନେଇ ଆସୁଥିଲେ। କୌଣସି ଅଘଟଣ ଝିଅଟିକୁ ଶାଶୁଘରେ ହେଲେ ଚିଠି ଟିଏ ପକାଇଲେ କିଛି ଦିନ ପରେ ମାଆ ବାପାଙ୍କୁ ମିଳୁଥିଲା। ବର୍ତ୍ତମାନ ଯୋଗାଯୋଗ ବିଦ୍ୟା ଏତେ ସମୃଦ୍ଧ ଯହିଁରେ କୌଣସି ଶାଶୁଘରରେ ବୋହୁ ଉପରେ କିଛି ଚାପ କଳିତର୍କ ହେଲେ ସାଥି ସାଥି ଟେଲିକାଷ୍ଟ ହୋଇ ଦୁଇ ପରିବାର ମଧ୍ୟରେ ଆଇନ ଆଶ୍ରା ହେଉଛି। ଯହିଁରେ ଉଭୟ ମିଥ୍ୟାରୋପ ଲଗାଉଛନ୍ତି। ଦମ୍ପତ୍ତି କଳହ କିଛି ସମୟ ବ୍ୟବଧାନରେ ମିଟେ ହେଲେ ସମୟ କେହି କାହାକୁ ଦେଉନାହାଁନ୍ତି। ପୁରୁଷଙ୍କ ଧନ ଅର୍ଜନ ଓ ନାରୀର ବୟସ ଲୁଚାଯାଏ। ଏବେ ଅନେକ କ୍ୱାକ ଜ୍ୟୋତିଷ କମ୍ପ୍ୟୁଟରରେ କନ୍ୟାର ବୟସ ରାଶି ଆଦି ବଦଳାଯାଇ ମେଳକ ଯୋଗ୍ୟ କରୁଛନ୍ତି ଏହା ବି ଏକ ସମସ୍ୟା। ପୂର୍ବେ ବନ୍ଧୁବାନ୍ଧବ ପରିଜନ ସ୍ଥାନରେ କନ୍ୟାର ବିବାହ ଦିଆଯାଉଥିଲା ଏବେ ପରିଚିତରେ କଲେ ବରପକ୍ଷଙ୍କୁ କାଳେ ଯୌତୁକ ଧନ ନମିଳିବ ଏ ପାଇଁ ଅପରିଚିତ ସ୍ଥାନରେ ବିବାହ ସମ୍ବନ୍ଧ କରାଯାଉଛି ଏହାପରେ ମନ ମାଳିନ୍ୟର କାରଣ ହେଉଛି। ପାଠପଢ଼ିଲେ ବୁଦ୍ଧିଜ୍ଞାନ ବଢ଼େ ମାତ୍ର ପର ହେଉ ବା କନ୍ୟା ପାଠପଢ଼ି ଭୁଲ ପଥରେ ଯାଇ ସ୍ୱ ଜୀବନ ଯୌବନ ଉପଭୋଗ ସମୟ ନଷ୍ଟ କରୁଛନ୍ତି। ସବୁ ପ୍ରକାର ଜ୍ଞାନରେ ବିବାହ ସମ୍ବନ୍ଧ ଭଲ କରି ବିଚାର କରି ବରପକ୍ଷ କନ୍ୟାପକ୍ଷ ଆଗେଇଲେ ସର୍ବମଙ୍ଗଳ ହୋଇପାରେ। କର୍ମକାଣ୍ଡରେ ସବୁ ପ୍ରକାର ପ୍ରତିକାର ପ୍ରାୟଶ୍ଚିତ ଅଛି ଭଲ କର୍ମକାଣ୍ଡ ବ୍ରାହ୍ମଣର ପରାମର୍ଶ ନିର୍ଦ୍ଦିଷ୍ଟ ସମୟ ପାଇଁ ନେଇ ଶାନ୍ତ କରିପାରିବେ।

'ବରେଣ୍ୟ ବାଣୀ' ପିସି ସରକାର ଲେନ୍, ଅରୁଣୋଦୟ ମାର୍କେଟ, କଟକ, ଦୂରଭାଷ : ୯୪୩୭୦୩୧୨୫୩

# କାଗଜ କଲମରେ ନାଟକର ବିକାଶ

**॥ ଅଭୟ କୁମାର ଦାସ ॥**

ଆନ୍ତର୍ଜାତୀୟ ରଙ୍ଗମଞ୍ଚ ସଂସ୍ଥା ଆନୁକୂଲ୍ୟରେ ୧୯୬୧ରୁ ପ୍ରତିବର୍ଷ ମାର୍ଚ୍ଚ ୨୭ରେ ପାଳନ କରାଯାଉଛି ବିଶ୍ୱ ନାଟ୍ୟ ଦିବସ। ପ୍ରଥମ ନାଟ୍ୟ ଦିବସ ହେଲ୍‌ସିଙ୍କିରେ ଏବଂ ପରବର୍ତ୍ତୀ ଦିବସ ଭିଏନାରେ ଅନୁଷ୍ଠିତ ହେବା ପରେ ଏହି ଦିବସ ପାଳନର ଲୋକପ୍ରିୟତା ବଢ଼ିଥିଲା। ସଂପ୍ରତି ବିଶ୍ୱର ବିଭିନ୍ନ ଅଞ୍ଚଳରେ ଥିବା ଅନ୍ତର୍ଜାତୀୟ ରଙ୍ଗମଙ୍ଗ ସଂସ୍ଥାର ଶାଖା କେନ୍ଦ୍ରଗୁଡ଼ିକରେ ଏହି ଦିବସ ପାଳନ କରାଯାଉଛି। ଏହି ଅବସରରେ ସ୍ୱାଭାବିକ ଭାବେ ଅନ୍ତର୍ଜାତୀୟ ସାଂସ୍କୃତିକ ଶାନ୍ତି ସଂହତି ପାଇଁ ମଞ୍ଚ ନାଟକ ପରିବେଷିତ ହେଉଛି। ରଙ୍ଗମଞ୍ଚ ବା ମଞ୍ଚନାଟକର ଇତିହାସ ୨୫୦୦ ବର୍ଷ ପ୍ରାଚୀନ। ପାଶ୍ଚାତ୍ୟ ମଞ୍ଚନାଟକର ସୃଷ୍ଟି ଗ୍ରୀସରେ ହୋଇଥିଲା। ରୋମାନ୍‌ମାନେ ପ୍ରାଚୀନ ମଞ୍ଚନାଟକକୁ ନବ ରୂପ ଦେଇଥିଲେ।

କଥାରେ ଅଛି, ଜୀବନ ଏକ ରଙ୍ଗମଞ୍ଚ। ଏହି ରଙ୍ଗମଞ୍ଚରେ ଆମେ ସମସ୍ତେ ଜଣେ ଜଣେ କଳାକାର। ଥିଏଟର (ରଙ୍ଗମଞ୍ଚ) ଏଭଳି ଏକ ସ୍ଥାନ, ଯେଉଁଠାରୁ ବ୍ୟକ୍ତି ଅନେକ ଘଟଣାକୁ ନିଜ କଳା ମାଧ୍ୟମରେ ଦୁନିଆ ସାମ୍ନାକୁ ଆଣିବାରେ ସକ୍ଷମ ହୋଇଥାଏ। ରଙ୍ଗମଞ୍ଚ ଏଭଳି ଏକ ଶକ୍ତି, ଯେଉଁଠାରୁ କଳାର ଗାରିମା ପ୍ରସ୍ଫୁଟିତ ହୋଇଥାଏ। ଯେଉଁଠାରେ କଳାକାର ନିଜ ଅଭିନୟ ମାଧ୍ୟମରେ ଏକ ଅଭୁଲା ଛାପ ଛାଡ଼ିଥାଏ। ୧୯୧୩ରେ ଦାଦା ସାହେବ ଫାଲ୍‌କେଙ୍କ ଦ୍ୱାରା ନିର୍ମିତ ଫିଲ୍ମ ରାଜା ହରିଶ୍ଚନ୍ଦ୍ରରେ ମଣିଷ ଭିତରେ ଲୁଚିଥିବା ପ୍ରକୃତ କଳାର ଚିହ୍ନଟ କରାଯାଇଥିଲା। ଏହା ଏକ ସାଇଲେଣ୍ଟ ଫିଲ୍ମ ଥିଲା। କିନ୍ତୁ ଆଜି ବି ତାହା ପ୍ରତ୍ୟେକ ମଣିଷ ମନରେ ଏକ ସ୍ୱତନ୍ତ୍ର ଛବି ପାଲଟି ରହିଛି। ଏଭଳି କଳା ଓ କଳାକାରଙ୍କୁ ବାଛିବାରେ ସକ୍ଷମ କରିଥାଏ ରଙ୍ଗମଙ୍ଗ। ଏଣୁ ଏହି ରଙ୍ଗମଞ୍ଚ ପ୍ରତି ଏବେ ଦୂରେଇ ଯାଉଥିବା ମଣିଷକୁ ନିକଟତର କରିବାକୁ ପାଳନ ହୁଏ ବିଶ୍ୱ ରଙ୍ଗମଞ୍ଚ ଦିବସ। ୧୯୬୧ରେ ନ୍ୟାସନାଲ ଥିଏଟର ଇନ୍‌ଷ୍ଟିଚ୍ୟୁଟ ଦ୍ୱାରା ଅନ୍ତରାଷ୍ଟ୍ରୀୟ ରଙ୍ଗମଞ୍ଚ ଦିବସର ସ୍ଥାପନା କରାଯାଇଥିଲା। ସେବେ ଠାରୁ ପ୍ରତିବର୍ଷ ମାର୍ଚ୍ଚ ୨୭ରେ ବିଶ୍ୱ ସ୍ତରରେ ପାଳନ କରାଯାଏ ଏହି ଦିବସକୁ। ଏହି ଦିବସର ଏକ ମହତ୍ତ୍ୱପୂର୍ଣ୍ଣ ଆୟୋଜନ ସମୟରେ ପ୍ରତିବର୍ଷ ବିଶ୍ୱର ଯେକୌଣସି ଜଣାଶୁଣା ରଙ୍ଗମଞ୍ଚ କର୍ମୀ ଶାନ୍ତି ଓ ସଂସ୍କୃତି ବିଷୟ ଉପରେ ନିଜର ବିଚାର ବ୍ୟକ୍ତ କରିଥାନ୍ତି। ୧୯୬୨ରେ ପ୍ରଥମ ଅନ୍ତରାଷ୍ଟ୍ରୀୟ ରଙ୍ଗମଞ୍ଚ ସନ୍ଦେଶ ଫ୍ରାନ୍ସର ଜିନ୍ କାକ୍‌ଟେ ଦେଇଥିଲେ। ଏହାପରେ ୨୦୦୨ରେ ଭାରତର ପ୍ରସିଦ୍ଧ ରଙ୍ଗମଞ୍ଚ କର୍ମୀ ଗିରିଶ କର୍ଣ୍ଣାଡ୍ ଏକ ସନ୍ଦେଶ ପ୍ରଦାନ କରିଥିଲେ।

କଳା, ସଂସ୍କୃତି, ବିକାଶ ତଥା ପ୍ରଚାର ପ୍ରସାର କ୍ଷେତ୍ରରେ ନାଟକର ଭୂମିକା ଗୁରୁତ୍ୱପୂର୍ଣ୍ଣ । ନାଟକକୁ ଏକ ବିକାଶର ପଥରେ ଆଗେଇ ନେବା ସହ ନାଟକର ଉନ୍ନତି ଲାଗି ପ୍ରତିବର୍ଷ ମାର୍ଚ୍ଚ ୨୭ ତାରିଖରେ ପାଳନ ହୋଇଥାଏ ବିଶ୍ୱ ଥିଏଟର୍ ଦିବସ ବା ବିଶ୍ୱ ନାଟକ ଦିବସ । ୧୯୬୧ ମସିହାରେ ଇଣ୍ଟରନ୍ୟାସନାଲ ଥିଏଟର ଇନ୍‌ଷ୍ଟିଚ୍ୟୁଟ ପକ୍ଷରୁ ପ୍ରଥମ ଥର ପାଇଁ ଏହି ଦିବସ ପାଳନ କରାଯାଇଥିଲା । ସାରା ବିଶ୍ୱରେ ଏହି ଦିନ ବିଭିନ୍ନ ପ୍ରକାରର ନାଟ୍ୟ କାର୍ଯ୍ୟକ୍ରମମାନ ଆୟୋଜନ କରାଯାଇଥାଏ । ଏ ଅବସରରେ ବିଭିନ୍ନ ଜାତୀୟ ଓ ଅନ୍ତର୍ଜାତୀୟ ରଙ୍ଗମଞ୍ଚ କାର୍ଯ୍ୟକ୍ରମ ଆୟୋଜିତ ହୋଇଥାଏ। ସବୁଠୁ ଗୁରୁତ୍ୱପୂର୍ଣ୍ଣ କଥା ହେଉଛି, ଅନ୍ତର୍ଜାତୀୟ ରଙ୍ଗମଞ୍ଚ ଅନୁଷ୍ଠାନର ନିମନ୍ତ୍ରଣରେ, ଅର୍ଥାତ୍ ଯାହା ମାଧ୍ୟମରେ ବିଶ୍ୱ ରଙ୍ଗମଞ୍ଚ ଦିବସ ସନ୍ଦେଶ ପ୍ରେରଣ କରାଯାଏ, ବିଶ୍ୱର ମହାନତାର ଛବି ରଙ୍ଗମଞ୍ଚର ବିଷୟ ଓ ଶାନ୍ତିର ସଂସ୍କୃତି ଉପରେ ପ୍ରତିଫଳିତ ହୋଇଥାଏ। ପ୍ରଥମ ବିଶ୍ୱ ରଙ୍ଗମଞ୍ଚ ଦିବସର ସନ୍ଦେଶ ଜିନ୍ କକ୍‌ଟିଉ ୧୯୬୨ରେ ଲେଖିଥିଲେ। ମଞ୍ଚ ନାଟକ ଏକ ପ୍ରଭାବଶାଳୀ ମାଧ୍ୟମ ହୋଇଥିବା ବେଳେ ଏହା ଦର୍ଶକଙ୍କୁ ମନୋରଞ୍ଜନ ଯୋଗାଇବା ସହ ସମାଜ ସୁଧାର ଦିଗରେ ଉଚିତ ବାର୍ତ୍ତା ଦେଇଥାଏ । କିନ୍ତୁ ପ୍ରକୃତ ପକ୍ଷେ ଦେଖାଗଲେ ଆଜିକା ସମୟରେ ଏହି ଦିବସଟି କେବଳ ବାହ୍ୟ ଦୃଷ୍ଟିରୁ ଲୋକଦେଖାଣିଆ ଭାବରେ ପାଳିତ ହେଉଛି କହିଲେ ଅତ୍ୟୁକ୍ତି ହେବନାହିଁ ।

ଦିନ ଥିଲା ଓଡ଼ିଶାରେ ମଞ୍ଚ ନାଟକର ଚାହିଦା, ଲୋକାଦୃତି ଥିଲା ସର୍ବାଧିକ । ପ୍ରଥମେ ପୌରାଣିକ ନାଟକ ଓ ପରେ ପରେ ସାମାଜିକ ଚେତନାଧର୍ମୀ ନାଟକ ଗାଁ ଗାଁରେ ପରିବେଷଣ କରାଯାଇ ଏହା ବେଶ୍ ଦର୍ଶକୀୟ ଆଦୃତି ପାଇପାରୁଥିଲା । ବର୍ତ୍ତମାନ ଯୁଗ ପରିବର୍ତ୍ତନ ହୋଇଛି ସତ ହେଲେ ସର୍ବାଧିକ ମଞ୍ଚରେ କେତେକ କେତେକ ସ୍ଥାନରେ ଯାହା ସାମାଜିକ ନାଟକ ପରିବେଷଣ ହେଉଛି । ସବୁଠାରୁ ଦୁଃଖଦ ପ୍ରସଙ୍ଗ ହେଉଛି ନାଟକର ପ୍ରଚାର ପ୍ରସାର ପାଇଁ ଯେଉଁ କିଛି ନାଟ୍ୟ ଅନୁଷ୍ଠାନ ଗୁଡ଼ିକ ଉଦ୍ୟମ କରୁଛନ୍ତି ସେମାନଙ୍କୁ ସେପରି ପ୍ରୋତ୍ସାହନ, ସହଯୋଗ ଏପରିକି ସମର୍ଥନ ମିଳୁନାହିଁ । ଯାହାଦ୍ୱାରା ବିଗତ ପାଞ୍ଚ ବର୍ଷ ଭିତରେ ଦେଖାଯାଉଛି ଅନେକ ନାଟ୍ୟ ଅନୁଷ୍ଠାନ ନିଜ ସଂସ୍ଥା ବନ୍ଦ କରିବାକୁ ବାଧ୍ୟ ହୋଇଛନ୍ତି । ସିନେମା ହଲ୍‌ରେ ପଚାଶ ଟଙ୍କାରୁ ଶହେ ଟଙ୍କା ପର୍ଯ୍ୟନ୍ତ ଟିକେଟ୍ ଦେଇ ବା ଘରେ ଘରେ ଡିଭିଡ଼ି କିଣି ସିଡି ମାଧ୍ୟମରେ ଚଳଚ୍ଚିତ୍ର ଦେଖୁଥିବା ଲୋକମାନେ ନିଜ ଜାତି ଓ ଉତ୍କୃଷ୍ଟ କଳାର ରାଜ୍ୟ ଉତ୍କଳର ଗରିମାମୟ ଜନଜୀବନର ଘଟଣା କାହାଣୀ ମଞ୍ଚ ନାଟକକୁ ଦେଖିବା ପାଇଁ ଯଦି ଶ୍ରଦ୍ଧା ନରଖିବେ ତାହେଲେ ନାଟ୍ୟକାରଟି ହୁଅନ୍ତୁ ନାଟକ ଆୟୋଜନ କରୁଥିବା ନାଟ୍ୟ ସଂସ୍ଥା ସେମାନେ କରିବେ ବା କ'ଣ ? ତେଣୁ ମଞ୍ଚ ନାଟକକୁ ଭଲ ପାଇବା ଏବଂ ଏହାପ୍ରତି ସହଯୋଗ ପୃଷ୍ଠପୋଷକତାର ହାତ ବଢ଼ାଇବା ଦାୟିତ୍ୱ ନିଶ୍ଚିନ୍ତ ଭାବରେ ଆମ ସମସ୍ତଙ୍କର ।

**ଗୋତରା, ମାହାଙ୍ଗା, କଟକ**

**ଦୂରଭାଷ : ୯୪୩୭୧୪୨୭୧୭**

## ପରଜଙ୍ଗରେ ରାହୁଲ ଗାନ୍ଧୀ ଏବଂ ନବୀନ ପଟ୍ଟନାୟକଙ୍କ କୁଶପୁତ୍ତଳିକା ଦାହ

ପରଜଙ୍ଗ, (ମହାଭାରତ) : କେନ୍ଦ୍ରମନ୍ତ୍ରୀ ଧର୍ମେନ୍ଦ୍ର ପ୍ରଧାନଙ୍କ ଶିକ୍ଷାନୀତିକୁ ନେଇ ବିଜେଡି ସୁପ୍ରିମୋ ନବୀନ ପଟ୍ଟନାୟକ ଓ କଂଗ୍ରେସ ନେତା ରାହୁଲ ଗାନ୍ଧୀଙ୍କ ମନ୍ତବ୍ୟର ବିରୋଧରେ ବିଜେପି ପକ୍ଷରୁ ପ୍ରତିବାଦ କରାଯାଇଛି। ପରଜଙ୍ଗ ବଜାରରେ ବିଧାୟକ ବିଭୂତି ଭୂଷଣ ପ୍ରଧାନଙ୍କ ନିର୍ଦ୍ଦେଶକ୍ରମେ ବିଜେପି କର୍ମୀ ଓ ସମର୍ଥକମାନେ ନବୀନ ପଟ୍ଟନାୟକ ଓ ରାହୁଲ ଗାନ୍ଧୀଙ୍କ କୁଶପୁତ୍ତଳିକା ଦାହ କରି ସେମାନଙ୍କ ମନ୍ତବ୍ୟର ତୀବ୍ର ବିରୋଧ କରିଥିଲେ। ଏହି କାର୍ଯ୍ୟକ୍ରମରେ ଧର୍ମେନ୍ଦ୍ର ପ୍ରଧାନଙ୍କ ସମର୍ଥକମାନେ ମଧ୍ୟ ଯୋଗଦେଇଥିଲେ। ତେବେ ଦେଶରେ ଶିକ୍ଷା କ୍ଷେତ୍ରରେ ଧର୍ମେନ୍ଦ୍ରଙ୍କ ଅବଦାନକୁ ବିରୋଧୀ ଗ୍ରହଣ କରି ପାରୁନଥିବା ଦଳୀୟ ନେତା ପ୍ରକାଶ କରିଛନ୍ତି । ଦେଶରେ ଜାତୀୟ ଶିକ୍ଷାନୀତି ହେଉ ଅବା ଶିକ୍ଷା କ୍ଷେତ୍ରରେ ବୈପ୍ଲାମ୍ବିକ ପରିବର୍ତ୍ତନ ତାହା କେବଳ ଧର୍ମେନ୍ଦ୍ରଙ୍କ ଯୋଗୁଁ ସମ୍ଭବ ହୋଇଥିବା ଦଳୀୟ କର୍ମୀ ଓ ନେତା କହିଛନ୍ତି । ଏନେଇ ବିଭିନ୍ନ ନାରା ଦେଇ ବିଜେପି କର୍ମୀ ମାନେ ଆନ୍ଦୋଳନ କରି କୁଶ ପୁତ୍ତଳିକା ଦାହ କରିଥିଲେ ।

## ଦୀପ ତଳେ ଅନ୍ଧାର, ଭିଭିଆଇପି ରାସ୍ତାର ଦୁର୍ଦ୍ଦଶା



ରାଜଗାଙ୍ଗପୁର, (ଅଟଳ ବିହାରି ପଣ୍ଡା) : ଅଭିଯୋଗ କାହାକୁ କରିବା, ଯାହାକୁ ଅଭିଯୋଗ କରିବା, ସେମାନେ ନିଜେ ପ୍ରତିଦିନ ଗର୍ତ୍ତଭରା ଅବଡାଖାବଡା ରାସ୍ତାରେ, ପୁଣି ବର୍ଷା ହେଲେ କାଦୁଅ ଭରା ଗର୍ତ୍ତ ଡେଇଁ ଡେଇଁ ଯାତାୟତ କରୁଛନ୍ତି । ଏହା ହେଉଛି ରାଜଗାଙ୍ଗପୁରର ଭିଭିଆଇପି ରସ୍ତା, କଚେରୀ ରାସ୍ତା । ରାଜଗାଙ୍ଗପୁର ରେଳ ଫାଟକ ହୋଇ ଷ୍ଟେସନ ପଛ ଦେଇ କଚେରୀ, ପର୍ଯ୍ୟନ୍ତ ଏହି ରାସ୍ତା। ଏହି ରାସ୍ତା ଦେଇ କୋର୍ଟ ସହିତ ତହସିଲ, ଟ୍ରେଜେରି, ଗୋଷ୍ଠୀ ଉନ୍ନୟନ କାର୍ଯ୍ୟାଳୟ , ସମବାୟ ସମିତି, ବ୍ଲକ ଶିକ୍ଷା ଅଧିକାରୀ ସମସ୍ତ କାର୍ଯ୍ୟାଳୟ କୁ ଯାଇଥାଏ । ପ୍ରତିଦିନ ଉପରକ୍ତ ସମସ୍ତ କାର୍ଯ୍ୟାଳୟ ର ଅଧିକାରୀ ମାନେ ଏହି ରାସ୍ତାକୁ ବ୍ୟବହାର କରନ୍ତି। ଶତାଧିକ ଆଇନଜୀବୀ ମାନେ କୋର୍ଟ, ତହସିଲ ଯିବା ଆସିବା କରନ୍ତି। ବିଭିନ୍ନ ପଂଚାୟତ ର ହଜାର ହଜାର ଜନସାଧାରଣ ବିଭିନ୍ନ କାର୍ଯ୍ୟରେ ଉକ୍ତ ରାସ୍ତା ଦେଇ ଗୋଷ୍ଠୀ ଉନ୍ନୟନ ଅଧିକାରୀ ଏବଂ ଅନ୍ୟାନ୍ୟ କାର୍ଯ୍ୟାଳୟକୁ ଯାତାୟତ କରିଥାନ୍ତି, ମାତ୍ର ସ୍ୱଚକ୍ଷୁରେ ରାସ୍ତାର ଦୁର୍ଦ୍ଦଶା ନ ଦେଖିଲେ ବିଶ୍ୱାସ ହେବ ନାହିଁ । ଗତ ତିନି ବର୍ଷ ହେବ ଓଭର ବ୍ରିଜ କାର୍ଯ୍ୟ ଆରମ୍ଭ ହେବା ଦିନ ଠାରୁ ଏହି ରାସ୍ତା ଅତି ଶୋଚନୀୟ ହୋଇ ପଡିଛି, ପୁଣି ରାତି ସାରା ଅହରହ ଭାବରେ ତହସିଲ ପଛପଟୁ ପଥର ଖାଦାନରୁ ଡ଼ମ୍ପର ସାହାଯ୍ୟରେ ଏହି ରାସ୍ତାରେ ବେଆଇନ ଭାବରେ ପଥର ପରିବହନ ହେଉଛି। ଜନସାଧାରଣଙ୍କ ଯାତାୟତ ପାଇଁ ବିକଳ୍ପ ବ୍ୟବସ୍ଥା ନକରି ରାସ୍ତା ମଝିରେ ଓଭର ବ୍ରିଜ ପାଇଁ କାମ ଆରମ୍ଭ କରିଛନ୍ତି। ଏପଟେ ପୁଣି ଅମ୍ରିତ ଭାରତ ଷ୍ଟେସନ ଯୋଜନାରେ ଷ୍ଟେସନ ପଛପଟରେ ଷ୍ଟେସନ କୋଠା ଆରମ୍ଭ ହେବାରୁ ରାସ୍ତା ଆହୁରି ନଷ୍ଟ ହୋଇଯାଇଛି।ମାତ୍ର ମରାମତି ନହେବାରୁ ଯାତାୟତ ବିପଦପୁର୍ଣ ହୋଇ ଉଠିଛି। ଗୋଟିଏପଟେ ଓଭର ବ୍ରିଜରେ ବିଳମ୍ବ, ଅନ୍ୟ ପଟେ ନିକଟରେ ୪ର୍ଥ ଲାଇନ ବସିବ। ତେଣୁ ନୂତନ ଷ୍ଟେସନ କୋଠା ତିଆରୀ ପାଇଁ ଷ୍ଟେସନ ପଛ ପଟରେ କାମ ଆରମ୍ଭ ହେବାରୁ ବଡ଼ ବଡ଼ ମେସିନ ଟ୍ରାକ୍ଟର ନିୟୋଜିତ କରାଯାଇଛି, ନର୍ଦ୍ଦମାଗୁଡିକ ଭାଙ୍ଗି ଦିଆଯାଇଛି, ଫଳରେ ସମ୍ପୂର୍ଣ ରାସ୍ତାରେ ମାଟି ଗୋଡି ପଡି ଜଣାପଡୁନାହିଁ ଯେ, ରାସ୍ତାରେ ଗର୍ତ୍ତ ନା ଗର୍ତ୍ତ ମଧ୍ୟ ଦେଇ ରାସ୍ତା। ଉଭୟ ଓଭର ବ୍ରିଜ ଏବଂ ଅମୃତ ଭାରତ ଷ୍ଟେସନ କାର୍ଯ୍ୟ ଆରମ୍ଭ ହୋଇଛି, ମାତ୍ର ବିକଳ୍ପ ରାସ୍ତା ତିଆରୀ ନକରି ବ୍ୟବହାର ହେଉଥିବା ଚଳା ପଥକୁ ଏପରି ଭାବରେ ନଷ୍ଟ କରିବା ନିୟମ ବିରୁଦ୍ଧ ନୁହଁ କି ବୋଲି ସାଧାରଣରେ ପ୍ରଶ୍ନ ହେଉଛି। ଷ୍ଟେସନଠାରୁ କୋର୍ଟ ପର୍ଯ୍ୟନ୍ତ ରାସ୍ତା ସମ୍ପୂର୍ଣ ଜର୍ଜରିତ ହୋଇ ପଡିଛି କ୍ଷ ମଝିରେ ଜେଏମଏଫସି ବାସ ଭବନ, ଏକ କଲେଜ, ଗୋଶାଳା ସହିତ ଦୁଇଟି ୱାର୍ଡ ସହିତ ରାଜଗାଙ୍ଗପୁର ବ୍ଲକର ଏକାଧିକ ପଂଚାୟତ ବାସୀ ଯାତାୟତ କରିଥାନ୍ତି, ଏହା ସହିତ ବିଭିନ୍ନ ସମୟରେ ଏହି ରାସ୍ତାରେ ଉପଜିଲ୍ଲାପାଳ, ଜିଲ୍ଲାପାଳ, ଏବଂ ଅନ୍ୟ ଭିଭିଆଇପି ମାନେ ମଧ୍ୟ ଯାତାୟତ କରିଥାନ୍ତି ଲବ୍ଲକ ସଭାଗୃହରେ ଜିଲ୍ଲାପାଳଙ୍କ ଅଭିଯୋଗ ଶୁଣାଣି ସମୟରେ ଜିଲ୍ଲାର ସମସ୍ତ ବିଭାଗୀୟ ଅଧିକାରୀ ମାନେ ଆସିଥାନ୍ତି, ମାତ୍ର କାହାରିକୁ ବୋଧେ ଅସୁବିଧା ହୁଏ ନାହିଁ, ଏହାକୁ ଏଠାରେ ଦୀପ ତଳ ଅନ୍ଧାର କହିବା ଭୁଲ ହେବ ନାହିଁ, ଏହି ରାସ୍ତା ଦେଇ ରାଜଗାଙ୍ଗପୁର ବ୍ଲକର ବୁଚକୁପଡା, ଜରେଇକେଲା, ବୁଢ଼ାମ, ଛତାମ, ଆଦି ପାଞ୍ଚଟି ପଞ୍ଚାୟତର ହଜାର ହଜାର ଜନସାଧାରଣ ଯାତାୟତ କରିଥାନ୍ତି, ସେମାନଙ୍କ ଉତ୍ପାଦିତ ସାମଗ୍ରୀ ନେବା ଆଣିବା କରନ୍ତି, । ଶ୍ରମିକ ମାନେ ରାତି ଅଧରେ କର୍ମ ସ୍ଥଳକୁ ଯିବା ଆସିବା କରିଥାନ୍ତି । ସମସ୍ତେ ଏହାର ଦୁର୍ଦ୍ଦଶା ଉପଭୋଗ କରୁଛନ୍ତି, ଅସୁବିଧା ଅଙ୍ଗେ ନିଭାଉଛନ୍ତି । ଜନତା, ପ୍ରଶାସନ ସମସ୍ତେ ଭୋଗୁଛନ୍ତି, ତଥାପି ରାସ୍ତାର ମରାମତୀ ହୋଇ ପାରୁ ନାହିଁ, ପ୍ରତିବର୍ଷ କୋଟି କୋଟି ଟଙ୍କା ଖର୍ଚ୍ଚ ହେଉଛି ରାସ୍ତା, ଡ୍ରେନ ନିର୍ମାଣରେ । ଅଥଚ ଭିଭିଆଇପି ରାସ୍ତା ମରାମତୀ ପାଇଁ ବିଭାଗର ଆନ୍ତରକିତା ଜଣାପଡୁଛି ନାହିଁ। ଜିଲ୍ଲାପାଳ ଦୃଷ୍ଟି ଦେବାକୁ ଦାବୀ ହେଉଛି।

## ପତ୍ରପୁର ଦ୍ୱିତୀୟ ସେତୁ ପାଇଁ ଉଚ୍ଛେଦ ପ୍ରକ୍ରିୟା ଆରମ୍ଭ

ଆଳି, (ମହାଭାରତ) : କେନ୍ଦ୍ରାପଡ଼ା ଜିଲ୍ଲା ପତ୍ରପୁର ଠାରେ ବ୍ରାହ୍ମଣୀ ନଦୀ ଉପରେ ଦ୍ୱିତୀୟ ସେତୁ ନିର୍ମାଣ ନିମନ୍ତେ ଗୋପାଳପୁର ଗ୍ରାମରେ ପ୍ରଶାସନ ପକ୍ଷରୁ ଉଚ୍ଛେଦ ପ୍ରକ୍ରିୟା ଆରମ୍ଭ ହୋଇଛି । ଆଳି ତହସିଲଦାର ସୁମନ ଘୋଷ ପୋଲିସ ଫୋର୍ସ ନେଇ ଗୋପାଳପୁର ଗ୍ରାମରେ ଯେଉଁ ମାନଙ୍କୁ ନୋଟିସ ଜାରି ହୋଇଥିଲା ସେହି ଘର ଗୁଡିକ ସହ ଦୋକାନ ଘରକୁ ଉଚ୍ଛେଦ କରିଛନ୍ତି । ଉଚ୍ଛେଦ ପ୍ରକ୍ରିୟା ଆରମ୍ଭ ବେଳେ ଜନବସତି କରି ବସବାସ କରୁଥିବା ପରିବାର ପକ୍ଷରୁ ସେମାନଙ୍କୁ ଥଇଥାନ ନକରି ଉଚ୍ଛେଦ କରିବାରୁ ତୀବ୍ର ଅସନ୍ତୋଷ ଦେଖା ଦେଇଥିଲାକ୍ଷ ଯେଉଁ ଲୋକ ମାନଙ୍କ ଘର ଭଙ୍ଗା ଯାଉଛି ସେମାନେ ସଂପୂର୍ଣ୍ଣ ଭାବେ ବାସହରା ହୋଇ ପଡିଛନ୍ତି। ପ୍ରଶାସନ ପକ୍ଷରୁ ସେମାନଙ୍କୁ କୌଣସି କ୍ଷତିପୂରଣ କିମ୍ବା ଥଇଥାନ ନକରି ଘର ସେମାନଙ୍କ ଘର ଭାଙ୍ଗି ଦେଉଥିବା ନେଇ ଅଭିଯୋଗ କରିଛନ୍ତି କ୍ଷତିଗ୍ରସ୍ତ ପରିବାର ଲୋକ । ଗୁରୁବାର ଦିନ ପ୍ରଶାସନ ପକ୍ଷରୁ ଗୋପାଳପୁର ଗ୍ରାମର ଅଞ୍ଜନା ମଳିକ, ଯଶୋଦା ମଳିକ, ଲତା ମଳିକ, ବୀଣା ମଳିକ, ରଶ୍ମିରେଖା ମଳିକଙ୍କ ଘର ସହିତ ୬ ଟି ଦୋକାନ, ତ୍ରିନାଥ ମନ୍ଦିର, କମ୍ୟୁନିଟ ସେଣ୍ଟରକୁ ପ୍ରଶାସନ ପକ୍ଷରୁ ଭାଙ୍ଗି ଦିଆ ଯାଇଛି । ଦୀର୍ଘ ଦିନ ହେବ ସରକାରୀ ବାସ କରୁଥିବା ଏହି ପାଞ୍ଚ ପରିବାର ଅଭିଯୋଗ କରିଛନ୍ତି ଯେ ସେମାନଙ୍କୁ ଆଜି ପର୍ଯ୍ୟନ୍ତ କେଉଁଠି ଥଇଥାନ କରାଗଲା ନାହିଁ । ପ୍ରଶାସନ ପକ୍ଷରୁ ଜାଗା ଦିଆଯିବ ବୋଲି କୁହା ଯାଉଥିବା ବେଳେ ତାହା ଆଜି ପର୍ଯ୍ୟନ୍ତ ସେମାନଙ୍କୁ ମିଳିନି । ଯେଉଁ ସ୍ଥାନରେ ସେମାନଙ୍କୁ ଜାଗା ଦିଆଯାଇଛି ରହିବା ନିମନ୍ତେ ସେହି ସ୍ଥାନରେ ଏବେ ରହିବା ଅସମ୍ଭବ । ଦୁଇ ମାସ ହେବ ପଟା ଇସୁ ହୋଇଥିବା ବେଳେ ବର୍ଷା ଦିନେ କେମିତି ସେଠାରେ ପିଲା ପରିବାର ନେଇ ରହିବେ ବୋଲି ପ୍ରଶ୍ନ କରିଛନ୍ତି । ପୋଲ ନିମନ୍ତେ ଦୁଇ ବର୍ଷ ହେବ କ୍ୟାମ୍ପ ହୋଇଥିବା ବେଳେ ସାଧାରଣ ଲୋକଙ୍କୁ ଥଇଥାନ ନକରି ବର୍ଷା ଦିନରେ ଘର ଭାଙ୍ଗି ଦେଇ ସେମାନଙ୍କୁ ହଇରାଣ କରିଲା ପ୍ରଶାସନ ବୋଲି କହିଛନ୍ତି ବାସହରା ଲୋକ । ଏ ନେଇ ତହସିଲଦାର ସୁମନ ଘୋଷ କହିଛନ୍ତି ଯେ ସରକାରୀ ଜମି ଦଖଲରେ ଥିବା ପରିବାରକୁ କୌଣସି ସରକାରୀ ସହାୟତା ଦେବାର ନିୟମ ନାହିଁ । ତେଣୁ ଜିଲ୍ଲା ପ୍ରଶାସନ ପକ୍ଷରୁ ସେମାନଙ୍କ ଥଇଥାନ ନିମନ୍ତେ ବସୁନ୍ଧରା ଯୋଜନାରେ ଜାଗା ଯୋଗାଇ ଦିଆଯାଇଛି ।

## ଦିଲ୍ଲୀର ଯନ୍ତର ମନ୍ତର ଠାରେ ଛାତ୍ରଛାତ୍ରୀଙ୍କ ଉପରେ ପୋଲିସର ଦମନଲୀଳାର ପ୍ରତିବାଦରେ ବ୍ଲକ କଂଗ୍ରେସର ଆନ୍ଦୋଳନ ଓ କୁଶପୁତଳିକା ଦାହ



ବାଲିଚନ୍ଦ୍ରପୁର, (ମହାଭାରତ) : ନୂଆଦିଲ୍ଲୀର ଯନ୍ତର ମନ୍ତର ଠାରେ ଆନ୍ଦୋଳନରତ ଛାତ୍ରଛାତ୍ରୀଙ୍କ ପୋଲିସର ଦମନଲୀଳା ଓ ରାହୁଲ ଗାନ୍ଧୀ, କେ ସି ବେନୁଗୋପାଳ, ପ୍ରିୟଙ୍କା ଗାନ୍ଧୀଙ୍କୁ ଦିଲ୍ଲୀ ପୋଲିସ ଓ ପିସିସି ସଭାପତି ଭକ୍ତ ଚରଣ ଦାସଙ୍କୁ ଭୁବନେଶ୍ୱର ପୋଲିସ ଗିରଫ କରିବା ପ୍ରତିବାଦରେ ଭାରତୀୟ ଜାତୀୟ କଂଗ୍ରେସ ପାର୍ଟି ବଡ଼ଚଣା ପକ୍ଷରୁ ଆଜି ବାଲିଚନ୍ଦ୍ରପୁର ଠାରେ ଏହାକୁ ଦୃଢ଼ ପ୍ରତିବାଦ କରିଥିବାର ଦେଖିବାକୁ ମିଳିଥିଲା । ବଡ଼ଚଣା କଂଗ୍ରେସ ନେତା ଅଜୟ କୁମାର ସାମଲଙ୍କ ନେତୃତ୍ୱରେ ବାଲିଚନ୍ଦ୍ରପୁର ବଜାର ମାଛ ମାର୍କେଟ ପାଖରୁ ବହୁ କଂଗ୍ରେସ କର୍ମୀ ଏକ ଶୋଭାଯାତ୍ରାରେ ବାହାରି ବାଲିଚନ୍ଦ୍ରପୁର ବଜାର ପରିକ୍ରମା କରି ବିଜେପି ସରକାର ବିରୁଦ୍ଧରେ ବିଭିନ୍ନ ସ୍ଲୋଗାନ ଦେଇ ୫୩ ନମ୍ବର ଜାତୀୟ ରାଜପଥ ବାଲିଚନ୍ଦ୍ରପୁର ଛକ ଠାରେ ପହଞ୍ଚିଥିଲା । ଏଠାରେ କଂଗ୍ରେସ କର୍ମୀମାନେ ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦି, ଗୃହ ମନ୍ତ୍ରୀ ଅମିତ ଶାହା ଓ ଶିକ୍ଷାମନ୍ତ୍ରୀ ଧର୍ମେନ୍ଦ୍ର ପ୍ରଧାନଙ୍କ କୁଶ ପୁତ୍ତଳିକା ଦାହ କରିଥିଲେ । ଏହି ଉପଲକ୍ଷେ ଆୟୋଜିତ ପ୍ରତିବାଦ ସଭାରେ କଂଗ୍ରେସ ନେତା ଅଜୟ କୁମାର ସାମଲ ଯୋଗଦେଇ ଲକ୍ଷ ଲକ୍ଷ ଛାତ୍ରଛାତ୍ରୀ ମାନଙ୍କର ସ୍ୱପ୍ନ, ଲକ୍ଷ ଓ ଭବିଷ୍ୟତକୁ ନଷ୍ଟ କରିଥିବା ଶିକ୍ଷାମନ୍ତ୍ରୀ ଧର୍ମେନ୍ଦ୍ର ପ୍ରଧାନଙ୍କ ଇସ୍ତଫା ଦାବି କରିଥିଲେ । ଏଥିରେ ଅନ୍ୟ ମାନଙ୍କ ମଧ୍ୟରେ ସର୍ବଶ୍ରୀ ଦେବେନ୍ଦ୍ର ସାମଲ,ସେକ ରିୟାସତ ଅଲି, ବଟକୃଷ୍ଣ ଦାସ,ବିଳାସ ବାରିକ,ଚାନ୍ଦ ଖାଁ, ସଞ୍ଜୟ କର, ସନ୍ତୋଷ ପରିଡା, ସୁଧୀର ଦାସ, ଦେବେନ୍ଦ୍ର କୁମାର ସାମଲ, ପ୍ରଭାତ ସାହୁ, ମହନୀ ମହାନ୍ତି, ସରୋଜ ଜେନା, ଧର୍ମାନନ୍ଦ ବଳ, ମହେଶ୍ୱର ମହାପାତ୍ର, ସେକ ଇକବାଲ ହୋସେନ, ମନୋରଞ୍ଜନ ଜେନା, ଅଶୋକ ରାଉତ, ଅଶୋକ ବେହେରା ଓ ନାରାୟଣ ଦାସଙ୍କ ସମେତ ବହୁ କଂଗ୍ରେସ କର୍ମୀ ଆଜିର ଏହି ପ୍ରତିବାଦ କାର୍ଯ୍ୟକ୍ରମରେ ସାମିଲ ହୋଇଥିଲେ । ଶେଷରେ ବାଳିଚନ୍ଦ୍ରପୁର ପଞ୍ଚାୟତ କଂଗ୍ରେସ ସଭାପତି ରବୀନ୍ଦ କୁମାର ରାଉତରାୟ ଧନ୍ୟବାଦ ଅର୍ପଣ କରିଥିଲେ ।

## ପଳିକିରୀ ସରକାରୀ ଉଚ୍ଚ ପ୍ରାଥମିକ ବିଦ୍ୟାଳୟ ଶିକ୍ଷା କମିଟି ଗଠନ

ଧାମନଗର , (ମହାଭାରତ) : ଧାମନଗର ବ୍ଲକ ଭଗବାନପୁର ପଞ୍ଚାୟତ ର ପଳିକିରୀ ସରକାରୀ ଉଚ୍ଚ ପ୍ରାଥମିକ ବିଦ୍ୟାଳୟ ପରିସରରେ ବୁଧବାର ପୂର୍ବାହ୍ନରେ ଛାତ୍ର ଛାତ୍ରୀଙ୍କ ପିତା ମାତାଙ୍କ ଉପସ୍ଥିତିରେ ଅନୁଷ୍ଠିତ ବୈଠକରେ ସର୍ବସମ୍ମତ କ୍ରମେ ଶାନ୍ତି ଶୃଙ୍ଖଳାର ସହ ୧୫ ଜଣ ସଭ୍ୟ ସଭ୍ୟା ଙ୍କୁ ନେଇ କମିଟି ଗଠନ ହୋଇଥିଲା। ଗୁରୁବାର ଅପରାହ୍ନରେ ଶିକ୍ଷା କମିଟି ସଭ୍ୟ ସଭ୍ୟାଙ୍କ ଉପସ୍ଥିତିରେ ଅନୁଷ୍ଠିତ ବୈଠକରେ ସୁଧାକର ମାଝୀ ସର୍ବସମ୍ମତି କ୍ରମେ ଦ୍ୱିତୀୟ ଥର ପାଇଁ ସଭାପତି ହୋଇଥିବା ବେଳେ ପାର୍ବତୀ ଯେନା ଉପ ସଭାନେତ୍ରୀ ହୋଇଥିଲେ। କମିଟିରେ ସଭ୍ୟା ଭାବେ ଝରଣା ସ୍ୱାଇଁ, ରଞ୍ଜିତା ସାହୁ, ହୀରାଲତା ମାଝୀ, ମାମିନା ସ୍ୱାଇଁ, ଗାୟତ୍ରୀ ବାରିକ, ରାଜଲକ୍ଷ୍ମୀ ସାହୁ, ଶାନ୍ତିଲତା ଦାଶ ଓ ସଭ୍ୟ ଭାବେ ବାପୁନ ଚମ୍ପିଆ, ମଦନ ମୋହନ ସାହୁ, ପ୍ରଭାତ ଯେନା, ଦିଲ୍ଲିପ ପତି, ରତ୍ନାକର ବେହେରା, ସୁବ୍ରତ କୁମାର ନନ୍ଦ ପ୍ରମୁଖ ଚୟନ ହୋଇଥିଲେ। ଏଥି ସହିତ ସରକାରୀ ନିୟମ



ଅନୁସାରେ ସମ୍ପୃକ୍ତ ୱାର୍ଡର ୱାର୍ଡମେମ୍ବର ଗୌରାଙ୍ଗ ଦାଶ,ଅଙ୍ଗନବାଡ଼ି କର୍ମୀ ଚିନ୍ମୟୀ ପଣ୍ଡା, ଆଶା କର୍ମୀ ମାନସୀ ଯେନା ଓ ଶିକ୍ଷକ ପ୍ରତିନିଧି ଭାବେ ସୋହାଗୀ ହେମ୍ବ୍ରମ ମନୋନୀତ ହୋଇଥିଲେ। ଏହି କମିଟିରେ ପ୍ରଧାନ ଶିକ୍ଷକ ନିରାକାର ରାଉତ ସମ୍ପାଦକ ଭାବେ କାର୍ଯ୍ୟ କରିବେ। ସମସ୍ତ ସଭ୍ୟ ସଭ୍ୟାଙ୍କୁ ଶପଥ ପାଠ କରାଯିବା ସହ ବିଦ୍ୟାଳୟ ପକ୍ଷରୁ ସମ୍ବର୍ଦ୍ଧନା ଦିଆଯାଇଥିଲା।

## ମକାଚାଷ ଛାଡି ଚାଷୀ ନିଳଗିରି ଚାଷରେ ପ୍ରଭାବିତ



ରାଇଘର, (ମହାଭାରତ) : ନବରଙ୍ଗପୁର ଜିଲ୍ଲା ରାଇଘର ବ୍ଲକର ୨୬ଟି ପଞ୍ଚାୟତର ଅଧିକାଂଶ ଅଞ୍ଚଳରେ ବହୁ ପରିମାଣରେ ନୀଳଗିରି ଗଛ ଲଗାଯାଇଥିବା ଦେଖିବାକୁ ମିଳୁଛି। କୃଷିଜମି ଓ ଅନ୍ୟାନ୍ୟ ଖାଲି ସ୍ଥାନରେ ମଧ୍ୟ ନୀଳଗିରି ଚାଷର ପ୍ରସାର ଘଟୁଥିବାରୁ ଏହାର ସମ୍ଭାବ୍ୟ ପରିବେଶଗତ ପ୍ରଭାବ, ବିଶେଷକରି ଭୂତଳ ଜଳସ୍ତର ଓ ମାଟିର ଉର୍ବରତା ଉପରେ ପଡୁଥିବା ପ୍ରଭାବକୁ ନେଇ ସ୍ଥାନୀୟ ମହଲରେ ଚିନ୍ତା ବଢୁଛି।ସ୍ଥାନୀୟ ଅଞ୍ଚଳରେ ସାରର ଚଢ଼ା ଦର ଓ ପାରମ୍ପରିକ ଚାଷରେ ବଢୁଥିବା ଖର୍ଚ୍ଚ ଯୋଗୁଁ କିଛି ଚାଷୀ ନୀଳଗିରି ଚାଷକୁ ବିକଳ୍ପ ଭାବେ ଆପଣାଇବା ଆରମ୍ଭ କରିଥିବା ଅନୁମାନ କରାଯାଉଛି। ଫଳରେ କେତେକ ଅଞ୍ଚଳରେ ପୂର୍ବରୁ ମକା ଚାଷ ହେଉଥିବା ଜମିରେ ମଧ୍ୟ ବହୁ ପରିମାଣରେ ନୀଳଗିରି ଗଛ ଲଗାଯାଇଥିବା ଦେଖାଯାଉଛି। ଏହାର ପ୍ରଭାବରେ ଧୀରେ ଧୀରେ ମକା ଚାଷର ପରିମାଣ କମୁଥିବା ନେଇ ମଧ୍ୟ ଆଲୋଚନା ହେଉଛି।ଏହି ସମୟରେ ରାଇଘର ଅଞ୍ଚଳର ବିଭିନ୍ନ ସ୍ଥାନରେ ନୀଳଗିରି ଚାରା ବିକ୍ରି ହେଉଥିବା ଦେଖିବାକୁ ମିଳୁଛି। ଜାଗା ଜାଗାରେ ନୀଳଗିରି ଚାରା ଉପଲବ୍ଧ ହେବାରୁ ଚାଷୀମାନଙ୍କ ମଧ୍ୟରେ ଏହି ଚାଷ ପ୍ରତି ଆଗ୍ରହ ଆହୁରି ବଢୁଥିବା ଜଣାପଡ଼ୁଛି।ନୀଳଗିରି ଚାଷର ପରିମାଣ ଏଭଳି ବଢ଼ିଚାଲିଲେ ଆଗାମୀ ଦିନରେ ଭୂତଳ ଜଳସ୍ତର ଆହୁରି ହ୍ରାସ ପାଇବାର ଆଶଙ୍କା ରହିଛି। ଏହାର ଦୀର୍ଘମିଆଦି ପରିବେଶଗତ ପ୍ରଭାବ,ବିଶେଷକରି ଜଳସମ୍ପଦ ଓ ମାଟିର ଉର୍ବରତା ଉପରେ ପଡୁଥିବା ସମ୍ଭାବ୍ୟ ପ୍ରଭାବକୁ ନେଇ ସ୍ଥାନୀୟ ମହଲରେ ଚର୍ଚ୍ଚା ଓ ଚିନ୍ତା ବଢ଼ିବାରେ ଲାଗିଛି।

## ଜୁଆ ଖେଳରେ ୧୧ ଜଣ ଗିରଫ



ରାଇଘର, (ମହାଭାରତ) : ରାଇଘର ବ୍ଲକରେ ଦିନକୁ ଦିନତ ଜୁଆ ଖେଳ ବୃଦ୍ଧି ପାଉଥିବା ନେଇ ସାଧାରଣରେ ଚିନ୍ତା ପ୍ରକାଶ ପାଉଥିବା ବେଳେ, ଏସ୍‌ପିଙ୍କ ନିର୍ଦ୍ଦେଶକ୍ରମେ ରାଇଘର ଓ କୁନ୍ଦେଇ ପୋଲିସର ମିଳିତ ଉଦ୍ୟମରେ ଜୁଆ ଆଡ୍ଡା ଉପରେ ଚଢ଼ାଉ କରାଯାଇଛି।ରାଇଘର ଓ କୁନ୍ଦେଇ ପୋଲିସର ମିଳିତ ଭାବେ ହାଟଭରଣ୍ଡି ଶିବ ମନ୍ଦିର ନିକଟରେ ଥିବା ଶ୍ରୀରାମ ସାହୁଙ୍କ ଘରେ ଜୁଆ ଖେଳ ଚାଲିଥିବା ବେଳେ ଚଢ଼ାଉ କରିଥିଲେ। ଏହି ଚଢ଼ାଉ ସମୟରେ ପୋଲିସ ୧୧ ଜଣଙ୍କୁ ଗିରଫକରିଛି।ପୋଲିସ ଚଢ଼ାଉ ସମୟରେ ନଗଦ ୬୯,୬୧୦ ଟଙ୍କା, ୧୦୮ ଟି ପତା ବ୍ଲାଙ୍କ କାର୍ଡ, ୩ଟି ମୋଟର ସାଇକେଲ ଓ ଗୋଟିଏ କାର ୧୧ ଟି ମୋବାଇଲ ଜବତ କରିଛି। ଏହି ଘଟଣାକୁ ନେଇ କେସ୍ ନମ୍ବର ୧୨୯/୨୩ ରୁଜୁ କରାଯାଇଥିବା ଜଣାପଡ଼ିଛି।ଗିରଫ ଅଭିଯୁକ୍ତମାନେ ହେଲେ ମନସୁରାମ ଗଣ୍ଡ, ନରସିଂ ଠାକୁର,, ଜଗବନ୍ଧୁ ଜଗତ, ଶ୍ରୀରାମ ସାହୁ, ହେମରାଜ ଗଣ୍ଡ, ରାମଚରଣ କେଉଁଟ, ମଙ୍ଗଳରାମ ଗଣ୍ଡ, ସାଧୁରାମ ଗଣ୍ଡ, ଅଞ୍ଜନ ସିଂ ଠାକୁର, ବୀରେନ୍ଦ୍ର ଯାଦବ ଓ ବିନୋଦ ସମରଥ।ରାଇଘର ବ୍ଲକରେ ବଢୁଥିବା ଜୁଆ ଖେଳ ଉପରେ ରୋକ ଲଗାଇବା ପାଇଁ ପୋଲିସର ଏଭଳି ଅଭିଯାନକୁ ସାଧାରଣ ଲୋକେ ସ୍ୱାଗତ କରିଛନ୍ତି। ଆଗାମୀ ଦିନରେ ମଧ୍ୟ ଜୁଆ ଆଡ୍ଡା ବିରୋଧରେ ପୋଲିସର ଚଢ଼ାଉ ଜାରି ରହିବ ବୋଲି ଆଶା କରାଯାଉଛି।

## ନୂତନ ରା... ଉଦଳା ବି...



ଉଦଳା, (ମହାଭାରତ) : ବର୍ଷରୁ ଗ୍ରାମକୁ ସଂଯୋଗ କରୁଥିବା ରାସ୍ତା ଅବସ୍ଥା ଶୋଚନୀୟ ହୋଇପଡ଼ିଥିଲା। ଯାହାକି ନୂତନ ରାସ୍ତା ନିମନ୍ତେ ବାରମ୍ବାର ଉଦଳା ବିଧାୟକ ଙ୍କ ପାଖରେ ମଧ୍ୟ ଦାବି ହୋଇ ଆସିଥିଲା । ତେବେ ଦାବି ସୋମୁହ କୁ ଦୃଷ୍ଟି ରେ ରଖି ଉଦଳା ଅଞ୍ଚଳ ରେ ଏକ କାଳୀନ ୪ ଗୋଟି ରାସ୍ତାର ଉନ୍ନତିକରଣ ଏବଂ ନୂତନ ରାସ୍ତା ନିର୍ମାଣ ନିମନ୍ତେ ହୋଇଛି ଶିଳାନ୍ୟାସ। ଉଦଳା ବିଧାୟକ ତଥା ଜିଲ୍ଲା ଯୋଜନା ବୋର୍ଡ ଅଧକ୍ଷ ଭାସ୍କର ମଢେଇ ୪ ଗୋଟି ନୂତନ ରାସ୍ତାର ଶିଳାନ୍ୟାସ କରିଥିବା ବେଳେ । ବିଶେଷକରି ଉଦଳା ରାଇଦାଣ୍ଡିଆ ଠାରୁ ବୈରାଟପୁର,ହରଡ଼ଡାହୀ ଠାରୁ ଅଠଣ ଗାଁ,କୁଣ୍ଡାବାଇ ଠାରୁ ଉପର ତାଳଡିହା ଏବଂ ପୋଡାଡିହା ଠାରୁ କଣ୍ଟାଗଡି ପର୍ଯ୍ୟନ୍ତ ନୂତନ ରାସ୍ତା ଗୁଡିକ ନିମନ୍ତେ ଶିଳାନ୍ୟାସ କରିଛନ୍ତି। ଯାହାକି ଖୁବଶୀଘ୍ର ଏହି ରାସ୍ତା କାମ ଶେଷ ହେବା ସହିତ ଗମନାଗମନ ସୁବିଧା ହେବ ବୋଲି ଜଣାଯାଇଛି ।ଅନ୍ୟ ପଟେ ଛୋଟ ଛୋଟ ଗାଁ କୁ ସଂଯୋଗ କରୁଥିବା ରାସ୍ତା କୁ ମଧ୍ୟ ଯଥା ଶୀଘ୍ର ଆରମ୍ଭ କରାଯିବା ସହ ସାଧାରଣ ଲୋକଙ୍କ ଗୋମନା ଗୋମନ କ୍ଷେତ୍ରରେ ସମସ୍ତ କାର୍ଯ୍ୟ କରାଯିବ ବୋଲି ବିଧାୟକ ତଥା ମୟୁରଭଞ୍ଜ ଜିଲ୍ଲା ଯଜନା ବୋର୍ଡ ଅଧକ୍ଷ ଭାସ୍କର ମଢେଇ ସୂଚନା ଦେଇଛନ୍ତି । ଏହି କାର୍ଯ୍ୟକ୍ରମ ରେ ଆରଡ଼ି ବିଭାଗ ର ବିଭାଗୀୟ ଅଧିକାରୀ ଙ୍କ ସହ ଶହ ଶହ ସାଧାରଣ ଲୋକ ଉପସ୍ଥିତ ଥିଲେ ।

## ଦହିବାହି ରାସ୍ତା ଶୋଚନିୟ, ମରାମତି ପାଇଁ ଗ୍ରାମବାସୀଙ୍କ ଦାବି

ପାଟଣା, (ମହାଭାରତ) : କେନ୍ଦୁଝର ଜିଲ୍ଲା ପାଟଣା ବ୍ଲକ ଅନ୍ତର୍ଗତ ବଡ ପାଟଣା ପଞ୍ଚାୟତ ଅଧିନସ୍ଥ ଦହିବାହାଳି ଗ୍ରାମ କୁ ଲମ୍ବି ଥିବା ମାଟି ରାସ୍ତା ଖାଲଖମା ପାଣି ଭରି ଅତି ଶୋଚନିୟ ହୋଇ ପଡ଼ି ଥିବା ଦେଖିବାକୁ ମିଳିଛି। ସାମାନିୟ ବର୍ଷା ହେଲେ ଗ୍ରାମ ମାଟି ରାସ୍ତା ରେ ଚାଲିବା ସହ ସାଇକେଲ, ମୋଟ ସାଇକେଲ କିମ୍ବା ଚାରିଚକିଆ ଯାନ ଯାତାୟାତ କରିବା କଷ୍ଟ କର ହୋଇ



ପଡୁଥିବା ଦେଖିବାକୁ ମିଳୁଛି। ଏନେଇ ଗ୍ରାମବାସୀ ମାନେ ଖାଲଖମା ମାଟି ରାସ୍ତା କୁ ମରାମତି କରିବା ସହ ପକ୍କା ରାସ୍ତା ନିର୍ମାଣ ପାଇଁ ପଞ୍ଚାୟତ କତୃପକ୍ଷ ଙ୍କ ନିକଟରେ ଦାବି କରିଛନ୍ତି। ତେବେ ପଞ୍ଚାୟତ କତୃପକ୍ଷ କେବେ ଦହିବାଳି ଗ୍ରାମ ରାସ୍ତା ମରାମତି ସହ ପକ୍କା ରାସ୍ତା ଯୋଗାଇ ଦେଉଛି। ଆଗକୁ ଦେଖିବାକୁ ବାକି ରହିଲା।

## ବିଧାନସଭା ସ୍ଥାୟୀ ସମିତି ଷ୍ଟାଣ୍ଡିଙ୍ଗ କମିଟି ବୈଠକରେ ବିଧାୟକ ରୂପେଶ କୁମାର ପାଣିଗ୍ରାହୀ ଯୋଗଦେଇ ଗଜପତି ଜିଲ୍ଲାର ଗୁରୁତ୍ୱପୂର୍ଣ୍ଣ ଦାବି ଜଣାଇଲେ

ପାରଳାଖେମୁଣ୍ଡି, (ମହାଭାରତ) : ଓଡ଼ିଶା ବିଧାନସଭାର ବିଭାଗୀୟ ସ୍ଥାୟୀ ସମିତି– ଷ୍ଟାଣ୍ଡିଙ୍ଗ କମିଟି ବୈଠକ ଆଜି ସକାଳ ୧୧ଟାରେ ଭୁବନେଶ୍ୱରସ୍ଥିତ ବିଧାନସଭା ଭବନର କକ୍ଷ ନଂ–୫୩ରେ କମିଟି ଅଧକ୍ଷ ତଥା ବିଧାୟକ ବିଭୂତିଭୂଷଣ ପ୍ରଧାନ ଙ୍କ ନେତୃତ୍ୱରେ ଅନୁଷ୍ଠିତ ହୋଇଯାଇଛି।ଏହି ବୈଠକରେ ପ୍ରଥମେ ସମିତିର ସଦସ୍ୟମାନଙ୍କ ମଧ୍ୟରେ ପ୍ରାରମ୍ଭିକ ଆଲୋଚନା ହେବ। ପରେ ମହିଳା ଓ ଶିଶୁ ବିକାଶ ବିଭାଗ ଏବଂ ମିଶନ ଶକ୍ତି ବିଭାଗର ସଚିବମାନଙ୍କ ସହ ବିଭାଗର ସାଧାରଣ କାର୍ଯ୍ୟକଳାପ ଓ ବିଭିନ୍ନ ପ୍ରସଙ୍ଗ ଉପରେ ବିସ୍ତୃତ ଆଲୋଚନା କରାଯିବ।ଏହି ସମିତିରେ ରାଜ୍ୟର ବିଭିନ୍ନ ବିଧାୟକଙ୍କ ସହ ବିଧାୟକ ରୂପେଶ କୁମାର ପାଣିଗ୍ରାହୀ ସଦସ୍ୟ ଭାବେ ସାମିଲ ହୋଇଥିବାରୁ ଗଜପତି ଜିଲ୍ଲା ପାଇଁ ଏହା ଏକ ଗୁରୁତ୍ୱପୂର୍ଣ୍ଣ ଗୌରବର ବିଷୟ ବୋଲି ଚର୍ଚ୍ଚା ହେଉଛି। ବିଧାୟକ ରୁପେଶ ପାଣିଗ୍ରାହୀ ଗଜପତି ଜିଲ୍ଲା କାଶୀନଗର ବ୍ଲକ ସିତାପୁର୍ ପଞ୍ଚାୟତ ଶ୍ରୀ ବିଷ୍ଣୁପୁର ରେ ଥିବା ଅଙ୍ଗନୱାଡ଼ିକେନ୍ଦ୍ର ଭଗ୍ନ ଅବସ୍ଥାରେ ରେ ରହିଥିବା କଥା ବହୁବାର ଉପସ୍ଥାପନ କରି ଆସୁଥିଲେ ଆଜି ପ୍ରଜନ୍ତ ହୋଇନଥିବା କାରଣ କଣ ପ୍ରଶ୍ନ କରିଥିଲେ । ସେଇ ଭଳି ଗୁମ୍ମା ବ୍ଲକ କାଶୀନଗର ବ୍ଲକ , ଗୋଷାଣୀ ବ୍ଲକ ସହ ପାରଳା ସହର ରେ କେବେ ମିଶନ ଶକ୍ତି ବଜାର କାର୍ଯ୍ୟ ଆରମ୍ଭ ହେବ ସେନେଇ ମଧ୍ୟ ପ୍ରଶ୍ନ କରିଥିଲେ , କାଶୀନଗର ବ୍ଲକ ହାଡ଼ଭାଙ୍ଗି ରେ ହୋଇଥିବା ମିଶନ ଶକ୍ତି ବଜାର କେବେ ଉଦଘାଟନ କେବେହେବ ବୋଲି ପ୍ରଶ୍ନ କରିଥିଲେ ବିଧାୟକ , ସେଇ ଭଳି ମୋହନା ନିର୍ବାଚନ ମଣ୍ଡଳୀ ର ବିଭିନ୍ନ ସମସ୍ୟା ବିଷୟ ରେ ମଧ୍ୟ ଅବଗତ କରାଇଥିଲେ ।ଏହି ବିଧାନସଭା ସ୍ଥାୟୀ ସମିତି ଷ୍ଟାଣ୍ଡିଙ୍ଗ କମିଟି ବୈଠକ ରେ ବିଧାୟକ ରୂପେଶ କୁମାର ପାଣିଗ୍ରାହୀ ସମେତ, ବିଧାୟକ ପ୍ରଶାନ୍ତ ବେହେରା, ବିଧାୟକ ଉମାଚରଣ ମଲ୍ଲିକ, ବିଧାୟକ ପ୍ରକାଶ ଚନ୍ଦ୍ର ସେଠୀ, ବିଧାୟକ ହିମାଂଶୁ ସେଖର ସାହୁ, ବିଧାୟକ ଫକିର ମୋହନ ନାୟକ, ବିଧାୟକ ସତ୍ୟଜିତ ଗୋମଙ୍ଗ, ବିଧାୟକ ସୁଭାଷିନୀ ଜେନା ପ୍ରମୁଖ ଉପସ୍ଥିତ ଥିଲେ।



# ଅଞ୍ଚଳ କଥା

ଆପଣା ମାଟିର କଥା ଓ ବ୍ୟଥା





## କୃଷ୍ଣ ଓ ବଳରାମ ଅବତାର ହୋଇଛନ୍ତି ଠାକୁର, ଦର୍ଶନ କଲେ ଭକ୍ତ



ଗଜପତି(ମହାଭାରତ):ଗଜପତି ଜିଲ୍ଲା ସଦର ମହକୁମା ପାରଳାଖେମୁଣ୍ଡି ସ୍ଥିତ ଗୁଣ୍ଡିଚାବାଡ଼ି ଠାରେ ରଥଯାତ୍ରାର ସପ୍ତମ ଦିନରେ ଠାକୁର କୃଷ୍ଣ ବଳରାମ ଅବତାର ହୋଇଛନ୍ତି ଓ ଭକ୍ତମାନଙ୍କୁ ଦର୍ଶନ ଦେଇଛନ୍ତି ।ଅନୁକୂଳ ପାଗ ଯୋଗୁଁ ଭକ୍ତମାନେ ବେଶ ଖୁସିରେ ଠାକୁରଙ୍କୁ ଦର୍ଶନ କରିବା ସହ ଠାକୁରଙ୍କ ଆଶିଷ ନେଇଛନ୍ତି ।ଆଖପାଖ ଗ୍ରାମ, ପୁରପଲ୍ଲୀରୁ ବହୁତ ଭକ୍ତଙ୍କ ସମାଗମ ହୋଇଛି ।ଏହି ଦଶ ଦିନ ଠାକୁରଙ୍କୁ ଦର୍ଶନ କଲେ ସକଳ ପାପ ନଷ୍ଟ ହୋଇ ପୁଣ୍ୟ ମିଳେ ଓ ପୁନର୍ଜନ୍ମ ହୁଏ ନାହିଁ ବୋଲି ଭକ୍ତଙ୍କ ବିଶ୍ୱାସ ରହିଛି ।ତେଣୁ ଠାକୁରଙ୍କ ଦଶ ଅବତାର ଦର୍ଶନ କରିବା ସକାଶେ ଭକ୍ତ ମାନେ ଆସୁଛନ୍ତି ।ତା ସହ ପଡୋଶୀ ଆନ୍ଧ୍ରପ୍ରଦେଶରୁ ମଧ ଭକ୍ତଙ୍କ ସମାଗମ ହୋଇ ଥିବାର ଦେଖା ଦେଇଛି ।ଭକ୍ତ ମାନେ ନଡିଆ କଦଳୀ ଫଳ ପଦ୍ମ ଫୁଲ ତୁଳସୀମାଳ ପ୍ରଭୃତି ପୂଜା ସାମଗ୍ରୀ ଆଣି ଠାକୁରଙ୍କ ପୂଜାର୍ଚ୍ଚନା କରି ଦର୍ଶନ କରିଛନ୍ତି ଓ ମହା ପ୍ରଭୁଙ୍କ ଆଶୀର୍ବାଦ ନେଇଥାନ୍ତି ।ସନ୍ଧ୍ୟା ସମୟରେ ସନ୍ଧ୍ୟା ଆଳତୀ ଦେଖିବା ପାଇଁ ଭକ୍ତଙ୍କ ସୁଅ ଛୁଟୁଛି । ରଥଯାତ୍ରା କମିଟି ଓ ଜିଲ୍ଲା ପ୍ରଶାସନ ପକ୍ଷରୁ ସୁପରିଚାଳନା ସକାଶେ ପଦକ୍ଷେପ ନିଆଯାଇଛି ।ପୋଲିସ ପ୍ରଶାସନ ପକ୍ଷରୁ ଶାନ୍ତି ଶୃଙ୍ଖଳା ରକ୍ଷା ସକାଶେ ପୋଲିସ ମୃତୟନ କରାଯାଇଛି ଗୁଣ୍ଡିଚା ବାଡି ପରିସରରେ ଏକ ଆଧ୍ୟାତ୍ମିକ ପରିବେଶ ସୃଷ୍ଟି ହୋଇଛି ।

## ଭାଗ୍ୟାବେଡା ଗାଁ ରାସ୍ତା କୁ ମାଟି ପକାଇ ମରାମତି କଲେ ଗ୍ରାମବାସୀ



ପାଟଣା:-(ମହାଭାରତ)କେନ୍ଦୁଝର ଜିଲ୍ଲା ପାଟଣା ବ୍ଲକ ଅନ୍ତର୍ଗତ ଏରେଣ୍ଡେଇ ପଞ୍ଚାୟତ ଅଧିନସ୍ଥ ଡିଆଁନାଳି ଭାଗ୍ୟାବେଡା ସାହି ରାସ୍ତା ଅତି ସଚନି। ହୋଇ ପଡି ରହିଥିବା ବେଳେ ଗ୍ରାମବାସୀ ଏହି ରାସ୍ତା ଦେଇ ପ୍ରତ୍ୟେକ ରାତି ଦିନ ଯାତାୟତ କରୁଥିବା ସମୟରେ ରାସ୍ତା ରେ ଖାଲ ସହ ପାଣି ଜମି ରହିଥିବାରୁ ଚାଲିବା ସହ ସାଇକେଲ,ମୋଟ ସାଇକେଲ ଯିବା ଆସିବା ରେ ଗ୍ରାମବାସୀ ବହୁ ଅସୁବିଧା ରାସ୍ତା ରେ ଯାତାୟାତ କରିବା ସହିତ ମରାମତି ପାଇଁ ରୁ ଭାଗ୍ୟାବେଡା ସାହି ର ଯୁବକ ମାନେ ନିଜସ୍ୱ ଖର୍ଚ୍ଚ ରେ ଗ୍ରାମ ରାସ୍ତାରେ ମାଟି ପକାଇ ମରାମତି କରିଥିବା ଦେଖିବାକୁ ମିଳି ଛି । ଆଗାମୀ ଦିନ ରେ ଭାଗ୍ୟାବେଡା ସାହି କୁ ପଞ୍ଚାୟତ ପକ୍ଷ ରୁ ପକ୍କା ରାସ୍ତା ଟିଏ ଯୋଗାଇ ଦେଲେ ଗ୍ରାମବାସୀ ଭଲ ରେ ଯାତାୟାତ କରିବାକୁ ବୋଲି ଆଶାପର୍କଟ କରିଛନ୍ତି ।

## ଭୀମଭୋଇ ଭିନ୍ନକ୍ଷମ ସାମର୍ଥ୍ୟ ଶିବିର



ନୂଆପଡ଼ା: ନୂଆପଡ଼ା ଜିଲ୍ଲାର ବୋଡେନ ବ୍ଲକ ଗୋଷ୍ଠୀ ଶିକ୍ଷା ଅଧିକାରୀଙ୍କ କାର୍ଯ୍ୟାଳୟ ପରିସରରେ ବ୍ଲକସ୍ତରୀୟ ଭୀମଭୋଇ ଭିନ୍ନକ୍ଷମ ସାମର୍ଥ୍ୟ ଶିବିର ଅନୁଷ୍ଠିତ ହୋଇଯାଇଛି ।ଶିବିରରେ ବୋଡେନ ବିଡିଓ ଚିନ୍ମୟ କୁମାର ସାଗର ଅଧକ୍ଷତା କରିଥିବାବେଳେ ଜିଲ୍ଲା ଉନ୍ନୟନ ଅଧିକାରୀ ଲମ୍ବୋଦର ଧରୁଆ ମୁଖ୍ୟ ଅତିଥି ଭାବେ ଯୋଗଦେଇଥିଲେ ।ସମ୍ମାନିତ ଅତିଥି ଭାବେ ଡିଏସଏସଓ ଅନନ୍ତ ହେରାମ୍ବ, ଭିନ୍ନକ୍ଷମ ସମିତି ସମ୍ପାଦକ ଦିଲ୍ଲୀପ ଷଡ଼ଙ୍ଗୀ, ସାଂସଦ ପ୍ରତିନିଧି ବିଜୟ ବେହେରା, ସମାଜସେବୀ ଅରବିନ୍ଦ ବେହେରା ଓ ଏବିଇଓ ଅମୂଲ୍ୟ ଦାସ ପ୍ରମୁଖ ଉପସ୍ଥିତ ଥିଲେ ।ବିଏସଏସଓ କୁମର ମାଝୀ ସ୍ୱାଗତ ଭାଷଣ ଦେବା ସହ କାର୍ଯ୍ୟକ୍ରମ ପରିଚାଳନା କରିଥିଲେ ।ଶିବିରରେ ମୋଟ ୩୨୯ ଜଣ ଭିନ୍ନକ୍ଷମ ବ୍ୟକ୍ତି ବିଭିନ୍ନ ସେବା ପାଇଁ ପଞ୍ଜୀକରଣ କରିଥିଲେ । ସେଥିମଧରେ ଅସ୍ଥିଶଲ୍ୟ ବିଭାଗରେ ୧୪୫ ଜଣ, ଶ୍ରବଣ ଶକ୍ତି ସମସ୍ୟାରେ ୫୧ ଜଣ, ଦୃଷ୍ଟି ବାଧିତ ୩୭ ଜଣ, ରକ୍ତ ଶିକୁଳି (ସିକଲ୍ ସେଲ୍) ୨୭ ଜଣ, ମାନସିକ ଅନଗ୍ରସର ୪୨ ଜଣ, ଭିନ୍ନକ୍ଷମ ପେନସନ ପାଇଁ ୧୫ ଜଣ ଓ ବସ୍ ପାସ୍ ପାଇଁ ୧୨ ଜଣ ପଞ୍ଜୀକରଣ କରିଥିଲେ ।କାର୍ଯ୍ୟକ୍ରମକୁ ପ୍ରୋଗ୍ରାମ୍ ଆସିଷ୍ଟାଣ୍ଟ ଚିତ୍ତ ରଞ୍ଜନ ଦଣ୍ଡସେନା, କିରାଣୀ ପ୍ରଶ୍ମନ ମେହେର, କେଶବ ମେହେର, ଅଜୟ ପ୍ରଧାନ, ପିଇଓ ତାପସ ଅଗସ୍ତି, କ୍ଷମା ସୁନାନୀ, ଗୁର୍ଜୁ ହଂସ, ଏନଏସଏସ ସ୍ୱେଚ୍ଛାସେବୀ, ଅଙ୍ଗନବାଡ଼ି କର୍ମୀ, ସ୍ୱାସ୍ଥ୍ୟ ବିଭାଗ, ଅଗ୍ନିଶମ ବିଭାଗର କର୍ମଚାରୀ ଏବଂ ବ୍ଲକର ବିଭିନ୍ନ ବିଭାଗର ଅଧିକାରୀମାନେ ସହଯୋଗ କରିଥିଲେ ।

## ଚିତ୍ରକଳା ପ୍ରଦର୍ଶନୀ ମଣିମା ଉଦ୍‌ଯାପିତ

ସମ୍ବଲପୁର,:ସ୍ଥାନୀୟ ଗୌରୀଶଙ୍କର ପାର୍କ ସ୍ଥିତ ଓଡିଶା ଲଳିତ କଳା ଏକାଡେମୀ, ଆଞ୍ଚଳିକ ଆର୍ଟ ଗ୍ୟାଲେରୀ ରେ ଗତ ୧୬ ତାରିଖରୁ ଆରମ୍ଭ ହୋଇଥିବା ଓଡ଼ିଶାର ବିଶିଷ୍ଟ କଳାକାରମାନଙ୍କ ସମୂହ ଚିତ୍ରକଳା ପ୍ରଦର୍ଶନୀ ମଣିମା ଆଜି ଉଦଯାପିତ ହୋଇ ଯାଇଛି । ବିଶିଷ୍ଟ ଚିତ୍ରଶିଳ୍ପୀ ସୁଧାଂଶୁ ନାୟକଙ୍କ ସଂଯୋଜନାରେ ଆୟୋଜିତ ଉଦଯାପନୀ ଉତ୍ସବରେ ଆନ୍ତର୍ଜାତିକ କଳାକାର, ସଂଗ୍ରହାଧ୍ୟକ୍ଷକ ଏବଂ ଚଳଚିତ୍ର ନିର୍ମାତା ଆଶିଷ ପହି ମୁଖ୍ୟ ଅତିଥି ଏବଂ ସ୍ୱତନ୍ତ୍ର ବକ୍ତା ଭାବରେ ଯୋଗଦାନ କରି ଆନ୍ତର୍ଜାତୀୟ ସ୍ତରରେ ଓଡ଼ିଶାର କଳା ଏବଂ କଳାକାରମାନଙ୍କ ଚାହିଦା କେମିତି ବୃଦ୍ଧି ପାଇବ, ସମାଜରେ କେମିତି ଚିତ୍ରକଳା ଗ୍ରହଣୀୟ ହୋଇ ପାରିବ ସେ ଉପରେ ବିଶେଷ ମତ ରଖିଥିଲେ । ଆୟୋଜକମାନଙ୍କ ଉଦ୍ୟମକୁ ସାଧୁବାଦ ଜଣାଇବା ସହ ଅଂଶ ଗ୍ରହଣ କରିଥିବା କଳାକାରମାନଙ୍କୁ ଉତ୍ସାହିତ ତଥା ପ୍ରେରିତ କରି ଥିଲେ ।

## ବିଧାୟକଙ୍କ ଦ୍ୱାରା ୯ କୋଟି ଟଙ୍କାର ଜନ କଲ୍ୟାଣ ଯୋଜନାର ଭିତ୍ତି ପ୍ରସ୍ତର ସ୍ଥାପନ



ଉମରକୋଟ (ମହାଭାରତ ) ଆଜି ଝରୀଗାଁ ବିଧାୟକ ନରସିଂହ ଭତରା ଙ୍କ ଦ୍ୱାରା ଝରୀଗାଁ ନିର୍ବାଚନୀ ମଣ୍ଡଳୀ ର ଉମରକୋଟ ବ୍ଲକ ର ବିଭିନ୍ନ ଅଞ୍ଚଳ ରେ ୯ କୋଟି ରୁ ଉର୍ଦ୍ଧ ଜନ ହିତାକାରୀ କାର୍ଯ୍ୟକ୍ରମର ଶିଳାନ୍ୟାସ ଅନୁଷ୍ଠିତ ହେଇଯାଇଛି । ଆଜି ଏହି କାର୍ଯ୍ୟକ୍ରମ ରେ ବିଧାୟକ ପ୍ରଥମେ ପୂର୍ବ ସ୍ୱାଧୀନତା ସଂଗ୍ରାମୀ ତଥା ରାଜ ନେତା ରବି ସିଂ ମାଝୀ ଙ୍କ ପ୍ରତିମୂର୍ତ୍ତି ରେ କର୍ମୀ ଙ୍କ ସହ ଫୁଲମାଳ ଦେଇ ସ୍ମୃତି ଚାରଣ କରିଥିଲେ. ପରେ ଗାଁ ଲୋକ ଓ ମାଆ ମାନଙ୍କ ଦ୍ୱାରା ସ୍ୱାଗତ ସମ୍ବର୍ଦ୍ଧନା ପରେ ସଭା କାର୍ଯ୍ୟ ଆରମ୍ଭ କରି କଣ୍ଡାଗାଁ ମୁଖ୍ୟ ରାସ୍ତା ଠାରୁ ବିରାଶାଡୀ ଛକ ଠାରୁ ବାମିନି, ଅନ୍ୟପଟେ ଧାର୍ଲି ଠାରୁ ଛତିଶଗଡ ସୀମା ପର୍ଯ୍ୟନ୍ତ ଏବଂ ବଡଗାଁ ଠାରୁ ସୀମାନ୍ତ ବର୍ତ୍ତୀ ଛତିଶଗଡ ପର୍ଯ୍ୟନ୍ତ ରାସ୍ତା ର ଶିଳା ନ୍ୟାସ କରିଥିଲେ। ଏହା ଦ୍ୱାରା ସାଧାରଣ ଜନତା ଙ୍କ ଜୀବନ ଯାପନ, ଗମନାଗମନ, ସ୍ୱାସ୍ଥ୍ୟ ସେବା, ଛାତ୍ର ଛାତ୍ରୀ ଙ୍କ ଶିକ୍ଷାର ଉନ୍ନତି ଭଳି ଅନେକ ସମସ୍ୟାର ପ୍ରଭାବିତ ହେଉଥିଲା। ଏହାକୁ ହୃଦୟଙ୍ଗମ କରି ଝରିଗାଁ ନିର୍ବାଚନ ମଣ୍ଡଳୀ ର ବିଧାୟକ ନରସିଂହ ଭତ୍ରାଙ୍କ ପ୍ରୟାସ ରେ ଏହି ସବୁ ସମସ୍ୟାର ସମାଧାନ ଆଜି ସଫଳ ହୋଇ ପାରିଛି । ସୂଚନା ଥାଉ ଦୁଇ ବର୍ଷ ପୂର୍ବରୁ ଝରୀଗାଁ ବିଧାୟକ ନରସିଂହ ଭତରା ନିଜ ନିର୍ବାବଚନୀ ମଣ୍ଡଳୀ ର ଶହେଟି ରାସ୍ତା ର ସୁଧାର ଓ ନୂତନ ପର୍କ୍ରିୟା ପାଇଁ ଦେଇଥିଲେ ।ଯେଉଁଥିରୁ୮୦ ଟି ରାସ୍ତା ଗ୍ରାମ୍ୟ ଉନ୍ନୟନ ବିଭାଗ ମଞ୍ଜୁରୀ କରିଥିବା ନିଜେ ବିଧାୟକ ଓ ଉମେରକୋଟ ଗ୍ରାମ୍ୟ ଉନ୍ନୟନ ବିଭାଗୀୟ ଯନ୍ତ୍ରୀ ସୂଚନା ପ୍ରଦାନ କରିଛନ୍ତି ।ଏଥିରୁ୨୦ ଟି ରାସ୍ତା ର ଟେଣ୍ଡେର ପକ୍ରିୟା କରଣ ପାଇଁ ଥିବା ବେଳେ ଆଜି ତିନୋଟି ର ଭିତି ପ୍ରସ୍ତର ସ୍ଥାପନ ହେଇଥିବା ଜଣା ପଡ଼ିଛି । ଯଦ୍ୱାର ଶିକ୍ଷା, ସ୍ୱାସ୍ଥ୍ୟ, ଗମନାଗମନ ଭଳି ଅନେକ ସମସ୍ୟା ରୁ ଅନେକ ଗ୍ରାମର ଲୋକମାନେ ଉପକୃତପାଇବେ । ସଧାରଣ ଜନତା ଙ୍କ ଉପକୃତ ଲାଗି ଆଜି ଗ୍ରାମ୍ୟ ଉନ୍ନୟନ ବିଭାଗ ଅଧୀନରେ ଥିବା ତିନି ଗୋଟି ରାସ୍ତା ର ଶିଳାନ୍ୟାସ ଝରିଗାଁ ନିର୍ବାଚନ ମଣ୍ଡଳୀ ର ବିଧାୟକ ନର୍ସିଙ୍ଗ ଭତରାଙ୍କ ପ୍ରୟାସ ରେ ହୋଇ ପାରିଛି ବୋଲି ସ୍ଥାନୀୟ ନେତୃ ମଣ୍ଡଳୀ ପ୍ରକାଶ କରିଛନ୍ତି ।ମୋ ଅଂଚଳ ର ଲୋକ ନ୍କ ପାଇଁ ସାମଗ୍ରିକ ବିକାଶ ର ସବୁ ପ୍ରକାର ଉଦ୍ୟମ ଜାରି ରହିବ ବୋଲି ମାନ୍ୟବର ବିଧାୟକ ନରସିଂହ ଭତରା କହିଛନ୍ତି । ରାଜ୍ୟ ର ବିକାଶ ହେଉ କି ଆମ ଅଂଚଳ ର ପ୍ରଗତି ରେ ଆମେ ପୂର୍ବ ସଂକଳ୍ପ ରେ ଅଟଳ ଲେି ବଜେପି ରାଜ୍ୟ ଉପସଭାପତି ରମେଶ ସାହୁ ପ୍ରକାଶ କରିଛନ୍ତି ।ଏହି କାର୍ଯ୍ୟକ୍ରମ ରେ ରାଜ୍ୟ ଉପ ସଭାପତି ରମେଶ ସାହୁ, ଝରୀଗାଁ ବିଧାୟକ ନରସିଂହ ଭତରା,ବିଧାୟକ ପ୍ରତିନିଧି ସୋନା ମାଝୀ,, ସାଂସଦ ପ୍ରତନିଧି ଭୋଜନାଥ ଗଣ୍ଡ,ଖଓଣ୍ଡା ମଣ୍ଡଳ ସଭାପତି ଉ□ମ ହରିଜନ, ଭରଣ୍ଡି ମଣ୍ଡଳ ସଭାପତି ଇଶ୍ୱର ଭତରା, କୃଷ୍ଣ ଭତରା,ସମୀରଣ ରାୟ,ଭଗବାନ କଲଓର,ଗ୍ରାମ୍ୟ ଉନ୍ନୟନ ବିଭାଗ କାର୍ଯ୍ୟ ନିର୍ବାହୀ ଯନ୍ତ୍ରୀ କୃଷ୍ଣ ପ୍ରିୟା ଗମାଙ୍ଗ ,ଯନ୍ତ୍ରୀ ହେଚ. ଟି.ବେସ୍ରା, ଓ ବିଜେପି ର ଶତାଧିକ କର୍ମୀ ଏବଂ ଗ୍ରାମ ବାସୀ ଉପସ୍ଥିତ ଥିଲେ।

## ଭୋଟର ତାଲିକାରେ ବ୍ୟାପକ ତ୍ରୁଟି ଅଭିଯୋଗ
## ନାଁ କଟିବା ଭୟରେ ତହସିଲ କାର୍ଯ୍ୟାଳୟରେ ଲୋକଙ୍କ ଭିଡ଼

ଲକ୍ଷ୍ମୀପୁର:(ମହାଭାରତ): ଭୋଟର ତାଲିକା ସଂଶୋଧନ ପ୍ରକ୍ରିୟାକୁ ନେଇ କୋରାପୁଟ ଜିଲ୍ଲାର ଲକ୍ଷ୍ମୀପୁର ବ୍ଲକ ଅନ୍ତର୍ଗତ ଗୌଡ଼ଗୁଡ଼ା ପଞ୍ଚାୟତରେ ଅସନ୍ତୋଷ ଦେଖାଦେଇଛି । ବିଏଲଓଙ୍କ ସର୍ବେକ୍ଷଣରେ ଅବହେଳା ଓ ତଥ୍ୟ ସଂଗ୍ରହରେ ତ୍ରୁଟି ହୋଇଥିବା ଅଭିଯୋଗ ଆଣି ପୂର୍ବତନ ସରପଞ୍ଚ ଡମ୍ବରୁଧର ମୁଦୁଲି କହିଛନ୍ତି ଯେ, ପଞ୍ଚାୟତର ପ୍ରାୟ ୨୫୦ ଜଣ ଭୋଟରଙ୍କ ନାମ ଭୋଟର ତାଲିକାରୁ ବାଦ ପଡ଼ିଥିବା ବେଳେ ଅନେକଙ୍କ ନାମ, ବୟସ ଓ ଅନ୍ୟାନ୍ୟ ବିବରଣୀରେ ମଧ ତ୍ରୁଟି ରହିଛି । ଅଭିଯୋଗ ଅନୁସାରେ, ସର୍ବେକ୍ଷଣ ପାଇଁ ନିଯୁକ୍ତ ବିଏଲଓ ସ୍ଥାନୀୟ ଅଞ୍ଚଳ ଓ ଆଦିବାସୀ ଭାଷା ସମ୍ପର୍କରେ ଅପରିଚିତ ଥିବାରୁ ଲୋକମାନେ ଦେଇଥିବା ସଠିକ ତଥ୍ୟକୁ ଠିକ ଭାବେ ଲିପିବଦ୍ଧ କରିପାରିନଥିଲେ । ଫଳରେ ବହୁ ପରିବାରର ଭୋଟର ତଥ୍ୟରେ ଗୁରୁତର ତ୍ରୁଟି ସୃଷ୍ଟି ହୋଇଥିବା ଦାବି କରାଯାଇଛି । ଭୋଟର ତାଲିକାରୁ ନାମ ବାଦ ପଡ଼ିଥିବା କିମ୍ବା ଭୁଲ ତଥ୍ୟ ରହିଥିବା ଆଶଙ୍କାରେ ଶତାଧିକ ଲୋକ ପ୍ରତିଦିନ ତହସିଲ କାର୍ଯ୍ୟାଳୟକୁ ଯାଇ ସଂଶୋଧନ ପାଇଁ ଆବେଦନ କରୁଛନ୍ତି । ବର୍ଷା ଋତୁରେ ଚାଷ କାମ ଛାଡ଼ି କାର୍ଯ୍ୟାଳୟକୁ ଦୌଡ଼ିବାକୁ ପଡୁଥିବାରୁ ଚାଷୀମାନେ ହଇରାଣ ହେଉଛନ୍ତି । ବିଶେଷକରି ବୃଦ୍ଧ ଓ ବୃଦ୍ଧାମାନେ ବର୍ଷା ମଧରେ ଯାତାୟାତ କରି ବିଭିନ୍ନ ସମସ୍ୟାର ସମ୍ମୁଖୀନ ହେଉଥିବା କୁହାଯାଇଛି । ଏନେଇ ବର୍ତ୍ତମାନର ସରପଞ୍ଚ ଭଗବତୀ ମୁଦୁଲି ପ୍ରଶାସନଙ୍କୁ ଘଟଣାର ନିରପେକ୍ଷ ତଦନ୍ତ କରି ପ୍ରକୃତ ଭୋଟରମାନଙ୍କ ସଠିକ ତଥ୍ୟ ସହ ଭୋଟର ତାଲିକା ସଂଶୋଧନ କରିବାକୁ ଦାବି କରିଛନ୍ତି । ସ୍ଥାନୀୟ ଲୋକଙ୍କ ମଧରେ ଏହାକୁ ନେଇ ଚିନ୍ତା ବଢ଼ିଥିବା ବେଳେ ପ୍ରଶାସନ ଶୀଘ୍ର ପଦକ୍ଷେପ ନେବ ବୋଲି ସେମାନେ ଆଶା ପ୍ରକାଶ କରିଛନ୍ତି ।

## ଚଳିତ ବର୍ଷ ଶଙ୍କର ପ୍ରସାଦ ଦତ୍ତ ପାଇବେ ଗୁରୁ ସତ୍ୟନାରାୟଣ ସମ୍ବଲପୁରୀ ଜାତୀୟ ସମ୍ମାନ



ସମ୍ବଲପୁର,:ଜୀବନ ସାରା ସୁମଧୁର କଣ୍ଠର ଯାଦୁରେ ବିମୋହିତ କରିବା ସହିତ ସମ୍ବଲପୁରୀ ଲୋକସଂଗୀତ କୁ ଉଚ୍ଚ ସୋପାନ ରେ ପହଞ୍ଚାଇ ଥିବା ଶଙ୍କର ପ୍ରସାଦ ଦତ୍ତଙ୍କୁ ଆଗାମୀ ଅଗଷ୍ଟ ଏକ ତାରିଖରେ ରାଜ୍ୟ ସ୍ତରୀୟ ସମ୍ବଲପୁରୀ ଦିନ ରେ ଗୁରୁ ସତ୍ୟନାରାୟଣ ସମ୍ବଲପୁରୀ ଜାତୀୟ ସମ୍ମାନିତ କରାଯିବ। ବୁଧବାର ପଶ୍ଚିମାଞ୍ଚଳ ଏକତା ମଞ୍ଚ ପକ୍ଷରୁ ଏନେଇ ଘୋଷଣା କରାଯାଇଛି । ସମ୍ବଲପୁରୀ ସଂସ୍କୃତିର ପୁରୋଧା ଗୁରୁ ସତ୍ୟନାରାୟଣ ବହିଦାର ଙ୍କର ଜନ୍ମଦିନ ଅଗଷ୍ଟ ଏକ ତାରିଖରେ ପାଳନ କରାଯାଉଥିବା ୧୪ ତମ ରାଜ୍ୟସ୍ତରୀୟ ସମ୍ବଲପୁରୀ ଦିନ ଅବସରରେ ଗୁରୁ ସତ୍ୟନାରାୟଣ ସମ୍ବଲପୁରୀ ଡେରାରେ ଏହି ସମ୍ମାନ ପ୍ରଦାନ କରାଯିବ। ସ୍ୱନାମଧନ୍ୟ କଣ୍ଠଶିଳ୍ପୀ ଶଙ୍କର ପ୍ରସାଦ ଦତ୍ତ ବାପା ସ୍ୱର୍ଗତ ବିଭୂତି ଭୂଷଣ ଦତ୍ତ ଓ ମା ମିନତା ରାଣୀ ଦତ୍ତ ଙ୍କଠାରୁ ବଲାଙ୍ଗୀରରେ ଜନ୍ମଗ୍ରହଣ କରିଥିଲେ । ବାପା ମାଁ ଙ୍କ ଠାରୁ ପ୍ରାରମ୍ଭିକ ସଂଗୀତ ଶିକ୍ଷା ପରେ ଉସ୍ତାଦ ସ୍ୱର୍ଗତ ରଫିକ୍ ଖାନ, ଗୁରୁ ସ୍ୱର୍ଗତ ଚିତ୍ତରଞ୍ଜନ ମହାନ୍ତି, ସ୍ୱର୍ଗତ ଅଶୋକ ପଟ୍ଟନାୟକ ଓ ସ୍ୱର୍ଗତ ବିଭୁତେନ୍ଦ୍ର ସିଂଦେଓ, ଗୁରୁ ଅରୁଣ ପ୍ରସନ୍ତ ସେଠ, ସ୍ୱର୍ଗତ ଫକୀର ମୋହନ ପଟ୍ଟନାୟକ, ସ୍ୱର୍ଗତ ପ୍ରଭୁଦତ୍ତ ପ୍ରଧାନଙ୍କ ଠାରୁ ସଂଗୀତ ଶିକ୍ଷା କରିଥିଲେ । ଏହାସହ ସ୍ୱର୍ଗତ ପ୍ରଦୀପ ପାତ୍ର, ପ୍ରଫୁଲ୍ଲ କରଙ୍କ ସାନିଧ ଲାଭ କରିଥୁଲେ । ୧୯୭୩ ସାଲେ ଆକାଶବାଣୀ ସମ୍ବଲପୁର ରୁ ସମ୍ବଲପୁରୀ ଲୋକସଂଗୀତ ଏବଂ ୧୯୮୭ ମସିହାରେ ଆକାଶବାଣୀ କଟକରୁ ସୁଗମ ସଂଗୀତ ପାଇଁ ଗାୟକ ଭାବେ ସ୍ୱୀକୃତି ପାଇଥିଲେ। ସମ୍ବଲପୁର ଗୀତ ମାଲିକେ ମୋର ଆନୁଅଛେ ଜର ଡମରା, ବଏଁଶୀଟା କିଏ ନେଇଗଲାରେ, ଗୁଡ଼ର ପର୍ଏଁରୀ ବାଜେ ରାଇଁଝାଇଁରେ, ଜୁଡେ ମାଏଝୀର ଘୁଣା, ଶଶୁରଘ ରକେ ଜଏଁଗଲା ନୂଆଁଖାଇ, ବାଏର ତରେତରେ ଗଲାରେ ଭାଲୁ ଖସଖସ, ନାଇଁ ବଜା ବେନୁ ଆରୁ କାହ୍ନୁରେ ପ୍ରଭୃତି ପ୍ରାୟ ୩୦୦୦ ଗୀତ ଶଙ୍କର ପ୍ରସାଦ ଦତ୍ତ ଗାଇଛନ୍ତି ।

## ଜନ ଅଭିଯୋଗ ଶୁଣାଣୀରେ ଲୋକଙ୍କ ଗୁହାରି ଶୁଣିଲେ ବିଧାୟକ



ଗଜପତି(ମହାଭାରତ): ଗଜପତି ଜିଲ୍ଲା କାଶୀନଗର ବ୍ଲକ ହାଦଭାଙ୍ଗି ପଞ୍ଚାୟତର ବିଭିନ୍ନ ଗ୍ରାମକୁ ନେଇ ଅନୁଷ୍ଠିତ ହୋଇଯାଇଛି ଏକ ବଡ଼ ଧାରଣର ଜନ ଅଭିଯୋଗ ଶୁଣାଣୀ। କାର୍ଯ୍ୟକ୍ରମରେ ସ୍ଥାନୀୟ ବିଧାୟକ ଇଂ ରୁପେଶ ପାଣିଗ୍ରାହୀ ଯୋଗ ଦେଇ ଲୋକଙ୍କ ସମସ୍ୟା ଶୁଣିଛନ୍ତି। ପର୍ଯ୍ୟାୟ କ୍ରମେ ପ୍ରଥମେ ହାଦଭାଙ୍ଗି ପଞ୍ଚାୟତର ଚୁଡୁଙ୍ଗପୂର୍ ଗ୍ରାମ ର ସମସ୍ୟା ସେଥି ମଧ୍ୟରୁ ବ୍ୟକ୍ତିଗତ ସମସ୍ୟା, ଗ୍ରାମ ଭିତ୍ତିକ ସମସ୍ୟା, ରାସନ୍ କାର୍ଡ, ଆବାସ ଗୃହ ନିର୍ମାଣ, ଶିକ୍ଷା, ସ୍ୱାସ୍ଥ୍ୟ, ଗମନାଗମନ, ଜଳ ସେଚନ, ନାଳ ଆଦି ବିଭିନ୍ନ ସମସ୍ୟା ନେଇ ଅଭିଯୋଗ ଜଣାଇଥିଲେ ଅଞ୍ଚଳବାସୀ। ଏହାର ସମାଧାନ ପାଇଁ ତୁରନ୍ତ ଗୋଷ୍ଠି ଉନ୍ନୟନ ଅଧିକାରୀଙ୍କୁ ଅବଗତ କରିବା ସହ ସମ୍ପୃକ୍ତ ବିଭାଗ ସହ ଆଲୋଚନା କରିଛନ୍ତି ବିଧାୟକ । ପଞ୍ଚାୟତ ର ରାସ୍ତା କାର୍ଯ୍ୟ ହେଲେ ଫଳରେ ପଞ୍ଚାୟତ କାର୍ଯ୍ୟାଳୟକୁ, ସ୍କୁଲ , ଚିକିତ୍ସାଳୟକୁ ଯିବା ଆସିବା ବେଳେ ବହୁ ସୁବିଧାର ହେବ ବୋଲି ସ୍ଥାନୀୟ କଲେ ଜଣାଇଛନ୍ତି। ଅଞ୍ଚଳର ଅନେକ ସମସ୍ୟା ନେଇ ଲୋକେ ବିଧାୟକଙ୍କୁ ଜଣାଇବା ପରେ ଅଞ୍ଚଳର ସମସ୍ୟା ସମାଧାନ କରିବା ନିମନ୍ତେ ପ୍ରୟାସ କରିବେ ବୋଲି ଲୋକଙ୍କୁ ଆଶ୍ୱସନା ଦେଇଛନ୍ତି ବିଧାୟକ । ମୁଖ୍ୟତଃ ଚୁଡୁଙ୍ଗପୁର ଗ୍ରାମ ରେ ଥିବା ଜଣେ ୧୦୫ ବର୍ଷ ବୃଦ୍ଧା ଙ୍କୁ ମାତ୍ର ଏକ ହଜାର ଟଙ୍କା ପେନସନ ପାଉଥିବା ଖବର ପାଇ ନିଜେ ବିଧାୟକ ତାଙ୍କ ବାସଭବନ ରେ ପହଞ୍ଚି ତାଙ୍କ ସମସ୍ତ ସମସ୍ୟା ବୁଝିଥିଲେ ଓ ତୁରନ୍ତ ଏଥିପ୍ରତି ଦୃଷ୍ଟି ଦେଇ ଏହାର ପଦେକ୍ଷପ ନେବେବୋଲି ବିଧାୟକ ପ୍ରତିଶ୍ରୁତି ଦେଇଛନ୍ତି ,ଅଭିଯୋଗ ଶୁଣାଣୀ ସମୟରେ ବିଧାୟକଙ୍କ ସମେତ ଜିଲ୍ଲା ପରିଷଦ ଅଧକ୍ଷ ଜି ତିରୁପତି ରାଓ କାଶୀନଗର ବ୍ଲକ ଅଧକ୍ଷା ବାଲା ସାଇଆମ୍ମା, ସମିତି ସଭ୍ୟ ଜଗନ୍ନାଥ ଦୋରା ପ୍ରମୁଖ ଉପସ୍ଥିତ ଥିଲେ। ବିଧାୟକ ଇଂ ରୁପେଶ ପାଣିଗ୍ରାହୀଙ୍କ ଏଭଳି ପଦକ୍ଷେପକୁ ବିଭିନ୍ନ ବେଳେ, ଜନସାଧାରଣ ସୁଖ ଦୁଃଖରେ ସାମିଲ ହୋଇ ଲୋକଙ୍କ ସହ ଜଡ଼ିତ ହୋଇ ରହିବା ପ୍ରୟାସ ଯୋଗୁଁ ବିଧାୟକଙ୍କ ଲୋକପ୍ରିୟତା ବୃଦ୍ଧି ପାଉଥିବା ଦେଖିବାକୁ ମିଳିଛି।

## ଦୋକାନ ସ୍ଥାୟିତ୍ୱ ନେଇ କୃତଜ୍ଞତା ଜ୍ଞାପନ

ରାଉରକେଲା,: ଇସ୍ପାତ ଟାଉନସିପ୍ ମଧରେ ଇସ୍ପାତ ମାର୍କେଟ ର ଗୁରୁତ୍ୱପୂର୍ଣ୍ଣ ଭୂମିକା ରହିଛି । ଏହି ମାର୍କେଟ ରେ ପ୍ରାୟ ୬୦୦ରୁ ଉର୍ଦ୍ଧ୍ୱ ଦୋକାନୀ ଭାଇ ସ୍ଥାୟୀ ଭାବେ ନିଜ ଜୀବିକା ନିର୍ବାହ କରୁଥିବା ବେଳେ କିଛି ଉଠା ଦୋକାନୀଙ୍କୁ ସ୍ଥାୟୀ କରାଯାଇଥିଲା । ତେବେ ସେଥିମଧରୁ ପ୍ରାୟ ୩୫ ଟିରୁ ଉର୍ଦ୍ଧ୍ୱ ଦୋକାନ ସ୍ଥାୟୀ କରିବା ପାଇଁ ବାରମ୍ବାର ଦାବି କରାଯାଇଥିଲା। ଦୀର୍ଘ ୨୫ ବର୍ଷ ର ଉଦ୍ୟମ ପରେ ପ୍ରାକ୍ତନ ମାର୍କେଟ କମିଟିର ସଭାପତି ଶଙ୍କର ଜେନାଙ୍କ ନେତୃତ୍ୱରେ ଏକ ପ୍ରତିନିଧି ଦଳ ଙ୍କ ନିରନ୍ତର ପ୍ରୟାସ ଫଳରେ ଆଜି ଆରଏସପି କର୍ତ୍ତୃପକ୍ଷ ଉକ୍ତ ଦୋକାନ ଗୁଡ଼ିକୁ ସ୍ଥାୟୀବ କରି ସ୍ୱୀକୃତି ପତ୍ର ପ୍ରଦାନ କରିଥିଲେ। ଏହି ପରିପ୍ରେକ୍ଷୀରେ ପ୍ରାକ୍ତନ ସଭାପତି ଶ୍ରୀ ଜେନା ଙ୍କ ନେତୃତ୍ୱରେ ଏକ ପ୍ରତିନିଧି ଦଳ ସହର ସେବା ପ୍ରଶାସନ ର ମୁଖ୍ୟ ମହାପ୍ରବନ୍ଧକ ତପନ ଜି କାନେକର ଓ ସଞ୍ଜୀବ ବେହେରା ଙ୍କୁ ଭେଟି କୃତଜ୍ଞତା ଜ୍ଞାପନ କରିଥିଲେ । ଏହି ପ୍ରତିନିଧି ଦଳରେ ମୁରଲୀଧର ମିଶ୍ର, ଭଗବାନ ବିଶ୍ୱାଳ, ଚୁନିଲାଲ ଭୌମିକ, ଅଶୋକ ଦାଶ, ନନ୍ଦଲାଲ ଦତ୍ତ, ମନୋଜ ଦଳାଇ, ହରିହର ଦଳାଇ, ରମେଶ ପାତ୍ର, ମଙ୍ଗୁଳି ବେହେରା, ବିନୋଦ ଚୌଧୁରୀ ପ୍ରମୁଖ ଦୋକାନୀ ଭାଇ ମାନେ ଉପସ୍ଥିତ ଥିଲେ ।

## ଦୃଷ୍ଟି ବାଧିତ ପିଲା ମାନଙ୍କ ଦ୍ୱାରା ଭଜନ ଓ କଥାମୃତ କାର୍ଯ୍ୟକ୍ରମ



ପୁରୀ:
ଓଡିଶା ସର୍ଭିସ ସେଣ୍ଟର ଫର ଦି ଦିବ୍ୟାଙ୍ଗ ପିପୁଲସ ଓ ଶ୍ରୀ ଜଗନ୍ନାଥ ସଂସ୍କୃତି ପ୍ରଚାର ସଂସ୍ଥାନ ଇଣ୍ଡିଆ ଦ୍ୱାରା ମିଳିତ ଆୟୋଜିତ ଉଦଘାଟନ ଓ ସମ୍ବର୍ଦ୍ଧନା ଓ ସ୍ନାନ ଯାତ୍ରା ରୁ ନୀଳାଦ୍ରୀ ବିଜେ ପର୍ଯ୍ୟନ୍ତ ଆଲୋଚନା ଚକ୍ର ଦୃଷ୍ଟି ବାଧିତ ପିଲା ମାନଙ୍କ ଦ୍ୱାରା ଭଜନ ଓ କଥାମୃତ କାର୍ଯ୍ୟକ୍ରମ ଓ ସାଂସ୍କୃତିକ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି । ଆଜିର ଏହି କାର୍ଯ୍ୟକ୍ରମ ରେ ମୁଖ୍ୟ ଅତିଥି: ଭବେ ଦୁର୍ଗା ପ୍ରସାଦ ମହାପାତ୍ର ବରିଷ୍ଠ ଦଇତାପତି ସେବକ, ମୁଖ୍ୟ ବକ୍ତା: ବିଶ୍ୱନାଥ ସାମନ୍ତରାୟ ସଭାପତି ବଡୁ ସୁଆର ନିଯୋଗ,ବିଶିଷ୍ଟ ଅତିଥି ପ୍ରାଧ୍ୟପକ ତଥା ଦେଉଳ ପୁରୋହିତ ପୂର୍ଣ୍ଣଚନ୍ଦ୍ର ଦାସ ମହାପାତ୍ର ଯୋଗ ଦେଇ ତାଙ୍କର ଆଶ୍ରୀ ବଚନ ପ୍ରଦାନ କରିଥଲେ ବରିଷ୍ଠ ଦଇତାପତି ଦୁର୍ଗା ପ୍ରସାଦ ଦାସ ମହାପାତ୍ର ଶାସ୍ତ୍ର ଓ ପରମ୍ପରା ଅନୁଯାଇ ଜଗନ୍ନାଥ ଙ୍କ ସମସ୍ତ କାର୍ଯ୍ୟକ୍ରମ କରାଯିବାକୁ ଆହ୍ୱାନ ଦେଇ ଥିଲେ। ମୁଖ୍ୟ ବକ୍ତା ବିଶ୍ୱନାଥ ସାମନ୍ତରାୟ ମହାପ୍ରଭୁ ଙ୍କ ପ୍ରସାଦ ବିଷୟରେ ସମସ୍ତଙ୍କୁ ଅବଗତ କରାଇଥିଲେ । ଏହି ଅବସରରେ ସୁଭାଙ୍ଗିନି ପଟ୍ଟନାୟକ ଙ୍କ ଦିବ୍ୟ ଅନୁଚିନ୍ତା ପୁସ୍ତକ ର ଲୋକାର୍ପଣ କରାଇଥିଲା। ବିଗତ ଦିନରେ ସମସ୍ତେ ନିଜର ସୁଖ ଦୁଃଖ ପ୍ରାର୍ଥନା କରି ଈଶ୍ୱର ଙ୍କୁ ଜଣାଉ ଥିଲେ ପୁଣି ଥରେ ତାକୁ ଜୀବନି ଭିତରକୁ ଆଣିବାକୁ ତ୍ରିସନ୍ଧ୍ୟା ଓ ଜଗନ୍ନାଥ ସହସ୍ର ନାମ ପଠନ କରିବାକୁ ଆହ୍ୱାନ ଦେଇ ଥିଲେ, ଜଗନ୍ନାଥ ସଂସ୍କୃତି ପ୍ରଚାର ସଂସ୍ଥାନ ପକ୍ଷରୁ ବିଶିଷ୍ଟ ଭଜନ କଳାକାର ତେଜେଶ୍ୱନୀ ରଥ, ଅନାମିକା ସ୍ୱାଇଁ ପଟ୍ଟନାୟକ, ଅନୁପମା ମିଶ୍ରଙ୍କୁ ଅନୁଷ୍ଠାନ ପକ୍ଷରୁ ଭବାନୀ ଶଙ୍କର ପାଢ଼ୀ ଉତ୍ତରୀୟ ଦେଇ ସମ୍ବର୍ଦ୍ଧିତ କରି ଥିଲେ। ସମସ୍ତେ ବହୁତ ସୁନ୍ଦର ଭଜନ ପରିବେଷଣ କରିଥିଲେ, ଦିବ୍ୟାଙ୍ଗ ଭାଇ ଓ ଭଉଣୀ ମାନେ ଏତେ ସୁନ୍ଦର ଭଜନ ପରିବେଷଣ କଲେ ତାକୁ ଯେତେ ପ୍ରଶଂସା କଲେ ମଧ କମ ହେବ ଆଜିର କାର୍ଯ୍ୟକ୍ରମ ରେ ବିଜୟ ମୋହନ ପଣ୍ଡା ତ୍ରିଲୋଚନ ନାୟକ ସୁରେଶ ମିଶ୍ର ଶ୍ରୀନିବାସ ରାଓ ଚକ୍ରଧର ମାଝୀ ପ୍ରମୁଖ ଯୋଗ ଦେଇ ଥିଲେ।

## ଟାଟା ଷ୍ଟିଲ୍ ମେରାମଣ୍ଡଳୀ ପକ୍ଷରୁ ସର୍ପାଘାତ ପ୍ରତିରୋଧ ଓ ସୁରକ୍ଷା ସଚେତନତା



ହିନ୍ଦୋଳ(ମହାଭାରତ)ଟାଟା ଷ୍ଟିଲ ମେରାମଣ୍ଡଳୀ ଟାଉନସିପ୍ରେ ଏକ ସର୍ପାଘାତ ପ୍ରତିରୋଧ ଏବଂ ସୁରକ୍ଷା ସଚେତନତା' କାର୍ଯ୍ୟକ୍ରମ ଆୟୋଜିତ ହୋଇଯାଇଛି । ସ୍ଥାନୀୟ ବାସିନ୍ଦା, କମ୍ପାନୀ କର୍ମଚାରୀ ଓ ପରିବାରବର୍ଗଙ୍କୁ ଏହି କାର୍ଯ୍ୟକ୍ରମ ମାଧ୍ୟମରେ ସଚେତନ କରାଯାଇଥିଲା। ଏହି କାର୍ଯ୍ୟକ୍ରମରେ ଘର ଓ କାର୍ଯ୍ୟକ୍ଷେତ୍ରରେ ସର୍ପାଘାତରୁ ରକ୍ଷା ପାଇବାର ଉପାୟ, ପ୍ରାଥମିକ ଚିକିତ୍ସା ଏବଂ ଜରୁରୀକାଳୀନ ପଦକ୍ଷେପ ସମ୍ପର୍କରେ ଲୋକମାନଙ୍କୁ ବିସ୍ତୃତ ଭାବେ ସଚେତନ କରାଯାଇଥିଲା । କାର୍ଯ୍ୟକ୍ରମରେ 'ସ୍ନେକ୍ ହେଲ୍ପ ଲାଇନ୍'ର ସାଧାରଣ ସମ୍ପାଦକ ତଥା ସମାଜସେବୀ ଓ ବିଶେଷଜ୍ଞ ଭାବେ ଶ୍ରୀ ଶୁଭେନ୍ଦୁ ମଲ୍ଲିକ ଯୋଗଦେଇ ସାପ ଉଦ୍ଧାର, ସଂରକ୍ଷଣ ଏବଂ ସଚେତନତା ସମ୍ପର୍କରେ ଆଲୋକପାତ କରିଥିଲେ । ଶ୍ରୀ ମଲ୍ଲିକ, ମଣିଷ ଓ ସାପ ମଧରେ ସହାବସ୍ଥାନର ବାର୍ତ୍ତା ପ୍ରଚାର କରି ରାଜ୍ୟ ତଥା ରାଜ୍ୟ ବାହାରେ ନିଜର ସ୍ୱତନ୍ତ୍ର ପରିଚୟ ସୃଷ୍ଟି କରିପାରିଛନ୍ତି । ସାପ ଚିହ୍ନିବା, ପ୍ରତିଷେଧକ ବ୍ୟବସ୍ଥା, ସର୍ପାଘାତକୁ ନେଇ ରହିଥିବା ଅନ୍ଧବିଶ୍ୱାସ ଓ ସଠିକ୍ ପ୍ରାଥମିକ ଚିକିତ୍ସା ସମ୍ପର୍କରେ ସେ ଏହି କାର୍ଯ୍ୟକ୍ରମରେ ବିସ୍ତୃତ ଭାବେ ବୁଝାଇଥିଲେ ।ଏହି ଅବସରରେ ଟାଟା ଷ୍ଟିଲ ମେରାମଣ୍ଡଳୀର ଏଚ୍ଆର୍ବିପି ଚିଫ୍ ପ୍ରଶାନ୍ତ କୁମାର ନନ୍ଦ, କର୍ପୋରେଟ ସର୍ଭିସେସ୍ ଚିଫ୍ ଶୁଭ୍ରାଂଶୁ ଶେଖର ପଣ୍ଡା ଏବଂ କମ୍ପାନୀର ବରିଷ୍ଠ ଅଧିକାରୀମାନେ ଉପସ୍ଥିତ ଥିଲେ। କାର୍ଯ୍ୟକ୍ରମରେ ୨୫୦ରୁ ଉର୍ଦ୍ଧ୍ୱ ଜନସାଧାରଣ ଉପସ୍ଥିତ ରହି ସାପକାମୁଡ଼ା ସମୟରେ କେଉଁ କେଉଁ ଦିଗ ଉପରେ ଗୁରତ୍ୱ ଦିଆଯିବା ଆବଶ୍ୟକ, ସେ ସମ୍ପର୍କରେ ବିଭିନ୍ନ ପ୍ରଶ୍ନ କରିଥିଲେ। 'ସ୍ନେକ୍ ହେଲ୍ପ ଲାଇନ୍'ର ସାଧାରଣ ସମ୍ପାଦକ ଶ୍ରୀ ମଲ୍ଲିକ ସମସ୍ତ ପ୍ରଶ୍ନର ଉତ୍ତର ରଖିଥିଲେ। ସର୍ପାଘାତଜନିତ ସାମାଜିତ ସଚେତନତା ସୃଷ୍ଟି କରିବା ଦିଗରେ ଟାଟା ଷ୍ଟିଲ ମେରାମଣ୍ଡଳୀର ଏହିଭଳି ଏକ ପ୍ରୟାସକୁ ସ୍ଥାନୀୟ ଜନସାଧାରଣ ଓ କର୍ମଚାରୀମାନେ ପ୍ରଶଂସା କରିଛନ୍ତି ।

## ଆସାମରେ ବନ୍ୟା ବିଭୀଷିକା, ମୃତ୍ୟୁସଂଖ୍ୟା ୪୧କୁ ବୃଦ୍ଧି, ଏବେ ବି ୧୦୦ରୁ ଅଧିକ ଲୋକ ନିଖୋଜ



ଆସାମ : ଆସାମରେ ବନ୍ୟା ବିଭୀଷିକା ଭୟଙ୍କର । ମୃତ୍ୟୁସଂଖ୍ୟା ୪୧କୁ ବୃଦ୍ଧି। ରାଜ୍ୟର ୨୫ଟି ଜିଲ୍ଲାରେ ୭ ଲକ୍ଷ ୨୭ ହଜାରରୁ ଅଧିକ ଲୋକ ପ୍ରଭାବିତ ହୋଇଛନ୍ତି । ହଜାର ହଜାର ଗାଁ ଏବେବି ପାଣି ଘେରରେ ରହିଛି । ମୁଖ୍ୟମନ୍ତ୍ରୀ ହିମନ୍ତ ବିଶ୍ୱ ଶର୍ମା ବନ୍ୟା ପ୍ରଭାବିତ ଅଞ୍ଚଳ ପରିଦର୍ଶନ କରି କହିଛନ୍ତି, ୧୦୦ରୁ ଅଧିକ ଲୋକ ଏବେ ବି ନିଖୋଜ ଅଛନ୍ତି । ଆଗାମୀ ୩ରୁ ୪ ଦିନ ମଧ୍ୟରେ ଜଳମଗ୍ନ ଅଞ୍ଚଳରୁ ଆହୁରି ମୃତଦେହ ଉଦ୍ଧାର ହେବାର ସମ୍ଭାବନା ରହିଛି । ତେଣୁ ଆଗକୁ ଆହୁରି ମୃତ୍ୟୁସଂଖ୍ୟା ବଢ଼ିପାରେ । କ୍ଷୟକ୍ଷତିର ପରିମାଣ କଳ୍ପନାଠାରୁ ଅଧିକ ବୋଲି ସେ କହିଛନ୍ତି । ସିବସାଗର, ଚରାଇଦେଓ ଓ ଜୋରହାଟ ଜିଲ୍ଲାରେ ସର୍ବାଧିକ କ୍ଷତି ହୋଇଛି ।

ବନ୍ୟା ଯୋଗୁଁ ଶହ ଶହ ଘର ଭାଙ୍ଗିଯାଇଥିବା ବେଳେ ଅନେକ ରାସ୍ତା, ପୋଲ ଓ ବନ୍ଧ ମଧ୍ୟ କ୍ଷତିଗ୍ରସ୍ତ ହୋଇଛି । କିଛି ଅଞ୍ଚଳରେ ରେଳ ଚଳାଚଳ ମଧ୍ୟ ବ୍ୟାହତ ହୋଇଛି । ଉଦ୍ଧାର ଓ ରିଲିଫ୍ କାର୍ଯ୍ୟକୁ ଜୋରଦାର କରାଯାଇଛି । ସେନା, ବାୟୁସେନା, ଏନ୍ ଡିଆରଏଫ୍ , ଏସ୍ ଡିଆରଏଫ୍ ଏବଂ ରାଜ୍ୟ ପ୍ରଶାସନ ମିଳିତ ଭାବେ ଡଙ୍ଗା, ହେଲିକପ୍ଟର ଓ ଡ୍ରୋନ୍ ସହାୟତାରେ ଲୋକଙ୍କୁ ସୁରକ୍ଷିତ ସ୍ଥାନକୁ ସ୍ଥାନାନ୍ତର କରୁଛନ୍ତି । ବିଚ୍ଛିନ୍ନ ଅଞ୍ଚଳରେ ଖାଦ୍ୟ, ଔଷଧ ଓ ଅନ୍ୟାନ୍ୟ ଆବଶ୍ୟକ ସାମଗ୍ରୀ ଡ୍ରୋନ୍ ମାଧ୍ୟମରେ ପହଞ୍ଚାଯାଉଛି । ନାଗାଲାଣ୍ଡର ମୋନ୍ ଜିଲ୍ଲାରେ ହୋଇଥିବା କ୍ଲାଉଡ୍ ବର୍ଷ୍ଟ ଏଥରର ବନ୍ୟାର ମୁଖ୍ୟ କାରଣ ବୋଲି କୁହାଯାଉଛି । ଏହା ପରେ ବ୍ରହ୍ମପୁତ୍ର ଓ ଏହାର ଉପନଦୀ ଦିଖୌ, ଦିସାଙ୍ଗ, ବୁରିଦିହିଙ୍ଗ ଏବଂ ଧନସିରି ବିପଦ ସଙ୍କେତ ଉପରେ ପ୍ରବାହିତ ହେଉଛି । କିଛି ସ୍ଥାନରେ ଜଳସ୍ତର ଐତିହାସିକ ରେକର୍ଡ ମଧ୍ୟ ଅତିକ୍ରମ କରିଛି । ଆସନ୍ତା ୩ରୁ ୪ ଦିନ ପର୍ଯ୍ୟନ୍ତ ଆସାମରେ ମଧ୍ୟମରୁ ପ୍ରବଳ ବର୍ଷା ସହ ବଜ୍ରପାତର ପୂର୍ବାନୁମାନ କରିଛି ଭାରତୀୟ ପାଣିପାଗ ବିଭାଗ । ଫଳରେ ବନ୍ୟା ପରିସ୍ଥିତି ଆହୁରି ଜଟିଳ ହେବା ସହ ଭୂସ୍ଖଳନର ଆଶଙ୍କା ମଧ୍ୟ ବଢ଼ିଛି । ଲୋକଙ୍କୁ ସତର୍କ ରହିବା ଏବଂ ସରକାରୀ ପରାମର୍ଶ ମାନିବାକୁ ଅନୁରୋଧ କରିଛି ପ୍ରଶାସନ ।

## ପ୍ରବଳ ବର୍ଷାରେ ବେହାଲ ସୁରଟ, ସହର ମଝିରେ ଲହଡ଼ି ମାରୁଛି ବନ୍ୟା ଭଳି ପାଣି



ସୁରଟ: ଲଗାଣ ବର୍ଷା ଯୋଗୁଁ ଗୁଜରାଟର ସୁରଟ ସହରରେ ଜନଜୀବନ ଅସ୍ତବ୍ୟସ୍ତ ହୋଇପଡ଼ିଛି । ପ୍ରବଳ ବର୍ଷା ରେ ବେହାଲ ସୁରଟ । ସହର ମଝିରେ ବର୍ଷା ପାଣି ଜିଆଇଡିସି, କତାର ଗ୍ରାମ, ମନୀଷା ଗର୍ନ୍ନଳା, ଆମ୍ରଲି, କ୍ରୋସ ରୋଡ଼, ଅଡାଜନ ଅଞ୍ଚଳ ସମେତ ଷ୍ଟେସନ ରୋଡ଼େର ପାଣି ଲହଡି ମାରୁଛି । ଦୁଇ ଦିନର ଲଗାଣ ବର୍ଷାରେ ଅଂଚଳବାସୀଙ୍କ ଅବସ୍ଥା ବେହାଲ ହୋଇଥିବା ବେଳେ ଅନେକ ଦୋକନ ବଜାର ବନ୍ଦ ରହିଛି । ବର୍ଷାରେ ଦୋକାନ ବଜାରରେ ପାଣି ପଶିଯିବାରୁ ଲକ୍ଷକ୍ଷାଧିକ ଟଙ୍କାର କ୍ଷତି ହୋଇବା ସହ ପାଣି ଜମି ରହିବାରୁ ଘଣ୍ଟା ଘଣ୍ଟା ଧରି ରସ୍ତା ଜାମ ରହିବା ସହ ଅଟକି ରହିଛି ଟ୍ରେନ ଓ ଯାନବାହାନ । ଏଥିସହ ଅନେକ ସ୍ଥାନରେ ଯାନବାହାନ ଚଳାଚଳ ବାଧାପ୍ରାପ୍ତ ହୋଇଥିବା ବେଳେ ଟ୍ରେନ୍ ସେବା ମଧ୍ୟ ପ୍ରଭାବିତ ହୋଇଛି । ଯାତ୍ରୀମାନେ ଷ୍ଟେସନ ଓ ରାସ୍ତାରେ ଅଟକି ରହିଥିବା ଜଣାପଡ଼ିଛି । ସ୍ଥାନୀୟ ଲୋକଙ୍କ କହିବା ଅନୁଯାୟୀ, ଲଗାଣ ବର୍ଷା ଯୋଗୁଁ ଦୈନନ୍ଦିନ ଜୀବନ ଠପ୍ ହୋଇଯାଇଛି । ପ୍ରଶାସନ ପକ୍ଷରୁ ଜଳ ନିଷ୍କାସନ ପାଇଁ ପଦକ୍ଷେପ ନିଆଯାଉଥିବା ବେଳେ ଆହୁରି ବର୍ଷା ହେବା ଆଶଙ୍କା ଥିବାରୁ ଲୋକଙ୍କୁ ସତର୍କ ରହିବାକୁ କୁହାଯାଇଛି ।

## ପୁଲିସ ବର୍ବରତା ବିରୋଧରେ ଶୁକ୍ରବାର ଦେଶବ୍ୟାପୀ ଆନ୍ଦୋଳନ ଡାକରା ଦେଲା ସିଜେପି

ନୂଆଦିଲ୍ଲୀ: ନିଟ୍ ପ୍ରଶ୍ନପତ୍ର ଲିକ୍ ମାମଲାରେ କକ୍ରୋଚ ଜନତା ପାର୍ଟି (ସିଜେପି) ଆନ୍ଦୋଳନ ଅଧିକ ଉଗ୍ର ହେବାରେ ଲାଗିଛି । ଆନ୍ଦୋଳନକାରୀଙ୍କ ଉପରେ ପୁଲିସର ବର୍ବରତା ବିରୋଧରେ ସିଜେପି ଶୁକ୍ରବାର ଦେଶବ୍ୟାପୀ ଆନ୍ଦୋଳନ କରିବାକୁ ଛାତ୍ରମାନଙ୍କୁ ନିବେଦନ କରିଛି । କକ୍ରୋଚ ଜନତା ପାର୍ଟିର ସାମାଜିକ ଗଣମାଧ୍ୟମ ପ୍ଲାଟଫର୍ମ 'ଏକ୍ସ'ରେ ସେୟାର କରାଯାଇଥିବା ପୋଷ୍ଟରରେ ୨୪ ଜୁଲାଇରେ ଦେଶସାରା ପ୍ରତ୍ୟେକ ଜିଲ୍ଲାରେ ଛାତ୍ରମାନଙ୍କୁ ଶାନ୍ତିପୂର୍ଣ୍ଣ ଭାବେ ପ୍ରଦର୍ଶନ କରିବାକୁ କୁହାଯାଇଛି । ସିଜେପି ଆନ୍ଦୋଳନ ପାଇଁ ୫ଟି ପଏଣ୍ଟ ଦେଇଛି । ପ୍ରଥମେ ପ୍ରଶାସନଠାରୁ ଅନୁମତି ନେବାକୁ କୁହାଯାଇଛି । ସ୍ଥାନୀୟ ପୁଲିସକୁ ଲିଖିତ ଭାବେ ଆବେଦନ କରିବାକୁ କୁହାଯାଇଛି । ପୁଲିସ ଓ ପ୍ରଶାସନର ଅନୁମତି ପତ୍ର ନିଜ ପାଖରେ ରଖିବାକୁ କୁହାଯାଇଛି । ଆନ୍ଦୋଳନ ପୂର୍ବରୁ ଆଇନଗତ ପରାମର୍ଶ ନେବାକୁ କୁହାଯାଇଛି । ସାମାଜିକ ଗଣମାଧ୍ୟମରେ ଅଧିକରୁ ଅଧିକ ଛାତ୍ରଙ୍କୁ ଆନ୍ଦୋଳନରେ ଯୋଗ ଦେବାକୁ ନିବେଦନ କରିବାକୁ କୁହାଯାଇଛି । ପୋଷ୍ଟର ଓ ବ୍ୟାନର ପ୍ରିଣ୍ଟ କରିବା ପରେ ଶାନ୍ତିପୂର୍ଣ୍ଣ ଭାବେ ମାର୍ଚ୍ଚ କରିବାକୁ ସିଜେପି ପକ୍ଷରୁ କୁହାଯାଇଛି । କକ୍ରୋଚ ଜନତା ପାର୍ଟି ଆନ୍ଦୋଳନ ଯୋଗୁ ଗୁରୁବାର ମଧ୍ୟ ଦିଲ୍ଲୀର ୧୬ଟି ମେଟ୍ରୋ ଷ୍ଟେସନ ବନ୍ଦ ରହିଛି । ଦିଲ୍ଲୀ ମେଟ୍ରୋ ରେଳ କର୍ପୋରେସନ (ଡିଏମ୍ଆରସି) ପକ୍ଷରୁ ଗୁରୁବାର କୁହାଯାଇଛି ଯେ, ସକାଳ ୭ଟା ୩୦ରୁ ପରବର୍ତ୍ତୀ ନିର୍ଦ୍ଦେଶ ପର୍ଯ୍ୟନ୍ତ ୧୬ଟି ମେଟ୍ରୋ ଷ୍ଟେସନ ବନ୍ଦ ରହିଛି । ଏସବୁ ମଧ୍ୟରେ ରାଜୀବ ଚେକ, ମଣ୍ଡି ହାଉସ, କେନ୍ଦ୍ରୀୟ ସଚିବାଳୟ ଓ ସୁପ୍ରିମକୋର୍ଟ ମେଟ୍ରୋ ଷ୍ଟେସନ ବନ୍ଦ ରହିଛି । ବୁଧବାର ମଧ୍ୟ ୧୬ଟି ମେଟ୍ରୋ ଷ୍ଟେସନ ବନ୍ଦ ରହିଥିଲା ।

# ଉତ୍ତରାଖଣ୍ଡରେ ୫ ଦିନ ଯାଏଁ ବର୍ଷା ଆଲର୍ଟ, ୯୯ରୁ ଅଧିକ ରାସ୍ତା ବନ୍ଦ



ଉତ୍ତରାଖଣ୍ଡ : ଉତ୍ତରାଖଣ୍ଡ ଏବଂ ହିମାଚଳରେ ପ୍ରବଳ ବର୍ଷା ଜାରି ରହିଛି । ଭାରତୀୟ ପାଣିପାଗ ବିଭାଗ ଏସବୁ ରାଜ୍ୟରେ ଆଗାମୀ ୫ ଦିନ ଯାଏଁ ପ୍ରବଳ ବର୍ଷା ସମ୍ଭାବନା ଦେଖି ଜିଲ୍ଲା ପ୍ରଶାସନକୁ ଆଲର୍ଟ ରହିବାକୁ ନିର୍ଦ୍ଦେଶ ଦେଇଛି । ରାଜ୍ୟରେ ଲଗାତାର ବର୍ଷା ଏବଂ ଭୂସ୍ଖଳନ ଯୋଗୁଁ ୯୯ ରାସ୍ତା ବନ୍ଦ ରହିଛି ବୋଲି ଏସଇଓସି କହିଛି । ଏସଇଓସି ରିପୋର୍ଟ ଅନୁସାରେ, ରାଜ୍ୟରେ ମୋଟ ୯୯ ସଡ଼କ ବନ୍ଦ ରହିଛି । ଏଥିରେ ଦୁଇଟି ଜାତୀୟ ରାଜମାର୍ଗ ସହିତ ଅନ୍ୟ ରାସ୍ତା ବନ୍ଦ ପଡ଼ିଛି । ବର୍ଷା ଏବଂ ଭୂସ୍ଖଳନ ଯୋଗୁଁ ପିଥୋରାଗଡ, ଚମୋଲି, ରୁଦ୍ରପ୍ରୟାଗ, ଉତ୍ତରକାଶୀ, ଡେରାଡୁନ, ଟିହରି ଓ ପୋଡିର ଅନେକ ଅଞ୍ଚଳରେ ଜନଜୀବନ ପ୍ରଭାବିତ ହୋଇଛି । ରାସ୍ତା ସଫା କରିବା ପାଇଁ ପ୍ରଶାସନ ଲାଗି ରହିଛି । ଉତ୍ତରାଖଣ୍ଡରେ ପ୍ରବଳ ବର୍ଷା ସତ୍ୱେ ଚାରଧାମ ଯାତ୍ରା ସୂଚାରୁରୂପେ ଜାରି ରହିଛି । ପ୍ରଶାସନ ଲଗାତାର ପାଗ ଉପରେ ନଜର ରଖିଛି । ଏହାରି ଭିତରେ କୈଳାସ ମାନସରୋବର ପାଇଁ ଯାତ୍ରା କରିଥିବା ଦ୍ୱିତୀୟ ଟିମ୍ ର ଜଣେ ଶ୍ରଦ୍ଧାଳୁଙ୍କ ଜବୀନ ଚାଲିଯାଇଛି । ଚାରଧାମ ଯାତ୍ରାରେ ଏଯାଏଁ ୪୫ ଲକ୍ଷ ଶ୍ରଦ୍ଧାଳୁ ପହଞ୍ଚିଛନ୍ତି । ବଦ୍ରିନାଥରେ ୧୫.୨୭ ଲକ୍ଷ, କେଦାରନାଥରେ ୧୪.୧୧ ଲକ୍ଷ, ଗଙ୍ଗୋତ୍ରୀ ଧାମରେ ୭.୦୩ ଲକ୍ଷ ଏବଂ ଯମୁନେତ୍ରୀରେ ୬.୪୭ ଲକ୍ଷରୁ ଅଧିକ ଶ୍ରଦ୍ଧାଳୁ ଦର୍ଶନ କରିଛନ୍ତି । ପାଣିପାଗ ବିଭାଗ ଅନୁସାରେ ୨୩ ଜୁଲାଇରୁ ୨୭ ଜୁଲାଇ ଯାଏଁ ରାଜ୍ୟର ବିଭିନ୍ନ ଜିଲ୍ଲାରେ ପ୍ରବଳ ବର୍ଷା ଲାଗିରହିପାରେ । ପର୍ବତୀୟ ଜିଲ୍ଲାରେ ଭୂସ୍ଖଳନ, ବୋଲଡର ପଡିବା ଏବଂ ନଦୀନାଳରେ ପ୍ରବଳ ସ୍ରୋତ ହେବା ଆଶଙ୍କା କରାଯାଉଛି । ପ୍ରଶାସନ ସମ୍ବେଦନଶୀଳ ଅଞ୍ଚଳରେ ରହୁଥିବା ଲୋକଙ୍କୁ ସତର୍କ କରିଛି । ଅନାବଶ୍ୟକ ଯାତ୍ରାରୁ ବଞ୍ଚିବା ପାଇଁ ଆଡଭାଇଜରୀ ପାଳନ କରିବାକୁ ଅପିଲ କରିଛି । ଏସଡିଆରଏଫ ଟିମ୍ ସମସ୍ତ ଆବଶ୍ୟକୀୟ ଜିନିଷ ସହିତ ପ୍ରସ୍ତୁତ ରହିଛି ।

## ଦିଲ୍ଲୀର କନଟ୍ପ୍ଲେସରେ ଦୋକାନ ବଜାର ବନ୍ଦକୁ ନେଇ ଚିନ୍ତା ପ୍ରକଟ କଲେ କେଜ୍ରିୱାଲ



ନୂଆଦିଲ୍ଲୀ: ଦିଲ୍ଲୀର ପୂର୍ବତନ ମୁଖ୍ୟମନ୍ତ୍ରୀ ଅରବିନ୍ଦ କେଜ୍ରିୱାଲ ଗୁରୁବାର ଅପରାହ୍ଣରେ ନିଜ ସାମାଜିକ ଗଣମାଧ୍ୟମ ଆକାଉଣ୍ଟ 'ଏକ୍ସ'ରେ ଏକ ଚିଠି ସେୟାର କରିଛନ୍ତି, ଯେଉଁଥିରେ ସେ ସନ୍ଧ୍ୟା ସାଢ଼େ ୬ଟାରୁ ସମସ୍ତ ଦୋକାନ ବଜାର ବନ୍ଦ କରିବାକୁ ନିର୍ଦ୍ଦେଶ ଦିଆଯାଇଥିବା ସୂଚନା ଦେଇଛନ୍ତି । ଏହି ଚିଠିକୁ ସେୟାର କରି କେଜ୍ରିୱାଲ ଆଶଙ୍କା ପ୍ରକାଶ କରି କହିଛନ୍ତି ଯେ, ଆଜି କ'ଣ ପୁଣି ମୋଦୀ ସରକାର ଜନ୍ତରମନ୍ତରଠାରେ ପିଲାମାନଙ୍କୁ ଅତି ବର୍ବର ଭାବେ ଆକ୍ରମଣ କରିବେ କି ? କେଜ୍ରିୱାଲ ନୂଆଦିଲ୍ଲୀ ବ୍ୟବସାୟୀ ସଂଘ (ଏନ୍ଡିଟିଏ) ପକ୍ଷରୁ ଜାରି ଏହି ନିର୍ଦ୍ଦେଶନାମାର ଏକ କପିକୁ ନିଜ ପୋଷ୍ଟରେ ସେୟାର କରି ଲେଖିଛନ୍ତି କନଟପ୍ଲେସର ସମସ୍ତ ଦୋକାନ ଆଜି ସନ୍ଧ୍ୟା ୬ଟା ୩୦ ମିନିଟରୁ ବନ୍ଦ କରିବାକୁ ନିର୍ଦ୍ଦେଶ ଦିଆଯାଇଛି । ଦିଲ୍ଲୀରେ ସୁରକ୍ଷା ଆହୁରି ବଢ଼ାଯାଇଛି । ବହୁତ ଗୁଡ଼ିଏ ଆମ୍ବୁଲାନ୍ସ ରହିଛି । କ'ଣ ମୋଦୀ ସରକାର ଆଜି ପୁଣି ଜନ୍ତର ମନ୍ତରଠାରେ ନିଜ ପିଲାଙ୍କ ଉପରେ ବର୍ବର ଆକ୍ରମଣ କରିବେ କି ?କେଜ୍ରିୱାଲ ଯେଉଁ କପି ସେୟାର କରିଛନ୍ତି ସେଥିରେ ଲେଖାଯାଇଛି ଯେ, କନଟପ୍ଲେସ୍ର ଆଖପାଖରେ ଗମ୍ଭୀର ସ୍ଥିତିକୁ ଦୃଷ୍ଟିରେ ରଖି ୨୩ ଜୁଲାଇ ସନ୍ଧ୍ୟାରେ ସମସ୍ତ ଦୋକାନ ବଜାର ବନ୍ଦ କରିବାକୁ କଠୋର ନିର୍ଦ୍ଦେଶ ଦିଆଯାଇଛି । ସମସ୍ତ ବ୍ୟବସାୟୀଙ୍କୁ ସହଯୋଗ କରିବାକୁ ଅନୁରୋଧ କରାଯାଇଛି ।

## ମୁମ୍ବାଇର ଛାତ୍ର ଆନ୍ଦୋଳନରେ ମଡେଲ ରିୟା ଅହିରଙ୍କୁ ନେଇ ଚର୍ଚ୍ଚା

ମୁମ୍ବାଇ: ନିଟ୍ ପ୍ରଶ୍ନପତ୍ର ଲିକ୍ ମାମଲାକୁ ନେଇ କକ୍ରୋଚ୍ ଜନତା ପାର୍ଟି (ସିଜେପି) ନେତୃତ୍ୱରେ ଚାଲିଥିବା ଛାତ୍ର ଆନ୍ଦୋଳନର ପ୍ରଭାବ ଦେଶର ବିଭିନ୍ନ ସହରରେ ଦେଖିବାକୁ ମିଳୁଛି । ବୁଧବାର ମୁମ୍ବାଇର ଦାଦରସ୍ଥିତ ଶିବାଜୀ ପାର୍କରେ କେନ୍ଦ୍ର ଶିକ୍ଷାମନ୍ତ୍ରୀଙ୍କ ଇସ୍ତଫା ଦାବିରେ ପ୍ରଦର୍ଶନ ବେଳେ ୨୭ ବର୍ଷୀୟା ମଡେଲ ରିୟା ଅହିର ପୁଲିସ ଭ୍ୟାନ୍ ସାମ୍ନାରେ ଠିଆ ହୋଇ ଆନ୍ଦୋଳନକାରୀଙ୍କୁ ନେଇଯିବାକୁ ବିରୋଧ କରିଥିବା ଘଟଣା ବେଶ୍ ଚର୍ଚ୍ଚାର ବିଷୟ ପାଲଟିଛି । ପ୍ରତ୍ୟକ୍ଷଦର୍ଶୀଙ୍କ କହିବାନୁସାରେ, ପୁଲିସ କେତେକ



ଆନ୍ଦୋଳନକାରୀଙ୍କୁ ଭ୍ୟାନ୍ରେ ବସାଇ ନେଉଥିବାବେଳେ ରିୟା ହଠାତ୍ ଗାଡ଼ି ସାମ୍ନାରେ ଠିଆ ହୋଇଯାଇଥିଲେ । ସେ ଭ୍ୟାନ୍ର ବୋନେଟ୍ ଉପରେ ହାତ ରଖି ଗାଡ଼ିକୁ ଆଗକୁ ବଢ଼ିବାକୁ ଦେଇନଥିଲେ । ପରେ ଅନ୍ୟ କେତେକ ପ୍ରତିବାଦକାରୀ ମଧ୍ୟ ତାଙ୍କୁ ସମର୍ଥନ କରିଥିଲେ । ଏହାପରେ ପୁଲିସ ଆନ୍ଦୋଳନକାରୀଙ୍କୁ ଛାଡ଼ି ଦେଇଥିବା ଦାବି କରାଯାଇଛି । ରିୟା କହିଛନ୍ତି, ଜଣେ ସଚେତନ ନାଗରିକ ଭାବେ ସେ ନିଜ କର୍ତ୍ତବ୍ୟ ପାଳନ କରିଛନ୍ତି । ନିଜର ସାମ୍ବିଧାନିକ ଓ ଆଇନଗତ ଅଧିକାର ସମ୍ପର୍କରେ ସଚେତନ ରହିବାକୁ ସେ ଯୁବପିଢ଼ିଙ୍କୁ ଆହ୍ୱାନ କରିଛନ୍ତି ।

## ରାହୁଲ ଗାନ୍ଧୀଙ୍କ ବାସଭବନରେ ଇଣ୍ଡିମେଣ୍ଟ ନେତାଙ୍କ ବୈଠକ

ନୂଆଦିଲ୍ଲୀ: ନିଟ୍ ପ୍ରଶ୍ନପତ୍ର ପ୍ରଘଟ ଘଟଣାକୁ ନେଇ ଆନ୍ଦୋଳନ ତୀବ୍ର ହୋଇଥିବା ବେଳେ ଏହି ପ୍ରସଙ୍ଗରେ ସଂସଦ ମଧ୍ୟ ଅଚଳ ହୋଇଯାଇଛି । ଏଭଳି ସ୍ଥିତିରେ ଆଜି କଂଗ୍ରେସନେତା ରାହୁଲ ଗାନ୍ଧୀ ତାଙ୍କ ବାସଭବନରେ ଇଣ୍ଡିମେଣ୍ଟ ନେତାମାନଙ୍କର ଏକ ବୈଠକ କରିଛନ୍ତି । ସୁନହରୀ ବାଗ୍ ରୋଡ୍ ସ୍ଥିତ ରାହୁଲ ଗାନ୍ଧୀଙ୍କ ବାସଭବନରେ ହୋଇଥିବା ବୈଠକରେ କଂଗ୍ରେସ ସଭାପତି ମଲ୍ଲିକାର୍ଜୁନ ଖଡ଼ଗେ, କଂଗ୍ରେସ ସଂସଦୀୟ ଦଳ ଅଧକ୍ଷା ସୋନିଆ ଗାନ୍ଧୀ, କଂଗ୍ରେସ ସାଂସଦ ପି ଚିଦମ୍ବରମ, କେସି ବେଣୁଗୋପାଳ, ଜୟରାମ ରମେଶ, ରେଣୁକା ଚୌଧୁରୀ, ପ୍ରମୋଦ ତିୱାରୀ, ଏନ୍ସିପି (ଏସ୍ପି) ସାଂସଦ ସୁପ୍ରିୟା ସୁଲେ ଓ ଆର୍ଜେଡିର ମିସା ଭାରତୀଙ୍କ ସମେତ ଅନ୍ୟମାନେ ଯୋଗ ଦେଇଛନ୍ତି । ଲୋକସଭାରୁ ନିଲମ୍ବିତ ଟିଏମ୍ସି ସାଂସଦ କଲ୍ୟାଣ ବାନାର୍ଜୀ ଓ ଦଳର ନେତା ମହୁଆ ମୈତ୍ର, ସିପିଏମ୍ର ପି ସନ୍ଦୋଷ କୁମାର ଓ ଶିବସେନା (ୟୁବିଟି) ସାଂସଦ ଅରବିନ୍ଦ ସାୱନ୍ତ ମଧ୍ୟ ବିରୋଧୀ ଦଳ ନେତାମାନଙ୍କ ବୈଠକରେ ଯୋଗ ଦେଇଛନ୍ତି । ଆଜି ଏହି ବୈଠକ ପାଇଁ ରାହୁଲଙ୍କ ବାସଭବନ ବାହାରେ ବାରିକେଡ୍ ସହ ସୁରକ୍ଷା କଡ଼ାକଡ଼ି କରାଯାଇଥିଲା । ରାହୁଲଙ୍କ ବାସଭବନ ବାହାରେ ଆର୍ଏଏଫ୍ (ରାପିଡ ଆକ୍ସନ୍ ଫୋର୍ସ) ମୁତୟନ ହୋଇଛନ୍ତି । ବୈଠକ ପରେ ରାହୁଲ ଗାନ୍ଧୀଙ୍କ ନେତୃତ୍ୱରେ ଇଣ୍ଡିମେଣ୍ଟ ସାଂସଦମାନେ ତିନୋଟି ବସ୍ରେ ତିସ୍ ଜାନୁଆରି ମାର୍ଗ ସ୍ଥିତ ଗାନ୍ଧୀ ସ୍ମୃତି ସ୍ଥଳ ଯାଇଛନ୍ତି । ଏକ୍ସରେ ଏକ ପୋଷ୍ଟ୍ କରି ରାହୁଲ କହିଛନ୍ତି, ଏବେ ଇଣ୍ଡିମେଣ୍ଟ ନେତାମାନେ ଗାନ୍ଧୀ ସ୍ମୃତିସ୍ଥଳକୁ ଯାଉଛନ୍ତି । ନିଟ୍ ପ୍ରଶ୍ନପତ୍ର ପ୍ରଘଟ ହେବାପରେ ଆମେ ଯେଉଁ ପିଲାମାନଙ୍କୁ ହରାଇଥିଲୁ ସେମାନଙ୍କୁ ମନେ ପକାଇବା ପାଇଁ ଆମେ ସେଠାକୁ ଯାଉଛୁ । ଯେଉଁ ଛାତ୍ରମାନେ ଶାନ୍ତିପୂର୍ଣ୍ଣ ଭାବେ ନ୍ୟାୟ ଦାବି କରି ଆଜି ମାଡ଼ ଖାଇଛନ୍ତି ଆମେ ସେମାନଙ୍କ ସହ ଠିଆ ହେବାପାଇଁ ଯାଉଛୁ । ଭାରତର ଛାତ୍ରମାନେ ଏକା ନୁହନ୍ତି । ସମଗ୍ର ବିରୋଧୀ ସେମାନଙ୍କ ସହ ରହିଛନ୍ତି ବୋଲି ରାହୁଲ କହିଛନ୍ତି ।

## ପୋଲିସ ଗାଡ଼ି ଅଟକାଇ ଚର୍ଚ୍ଚାରେ ଯୁବତୀ

ମୁମ୍ବାଇ : କେନ୍ଦ୍ର ଶିକ୍ଷାମନ୍ତ୍ରୀ ଧର୍ମେନ୍ଦ୍ର ପ୍ରଧାନଙ୍କ ଇସ୍ତଫା ଦାବିରେ ଛାତ୍ର ଆନ୍ଦୋଳନ ଚାଲିଥିବା ବେଳେ ମୁମ୍ବାଇର ଦାଦର ନିକଟସ୍ଥ ଶିବାଜୀ ପାର୍କ ନିକଟରୁ ଏକ ଦୃଶ୍ୟ ସାମ୍ନାକୁ ଆସିଛି । ଯାହାକି ଏବେ ଚର୍ଚ୍ଚାର ବିଷୟ ହୋଇଛି । ଅଟକ ଛାତ୍ରୀଛାତ୍ରଙ୍କୁ ନେଇ ଯାଉଥିବା ପୋଲିସ ଗାଡ଼ିକୁ ଅଟକାଇ ଚର୍ଚ୍ଚାକୁ ଆସିଛନ୍ତି ଜଣେ ଯୁବତୀ । ଏହି ଯୁବତୀ ଜଣକ ହେଉଛନ୍ତି ମୁମ୍ବାଇର ଜଣାଶୁଣା ମଡେଲ ତଥା ଅଭିନେତ୍ରୀ ରିୟା ଅହିର୍ । ହୁଡି ଓ କ୍ୟାପ ପିନ୍ଧି ପୋଲିସକୁ ଅଟକାଇଥିବା ୨୭ବର୍ଷୀୟା ରିୟା ନିଜେ ଜଣେ ଛାତ୍ରୀ ନୁହନ୍ତି, ମାତ୍ର ଛାତ୍ରୀଛାତ୍ରଙ୍କ ସହ ହେଉଥିବା ଅନ୍ୟାୟ ବିରୋଧରେ ସେ ଏହି ପଦକ୍ଷେପ ନେଇଥିଲେ । ରିୟାଙ୍କ ଏହି ପ୍ରତିବାଦ ପରେ ପୋଲିସ ଗାଡ଼ିରେ ଥିବା ଅନେକ ଅଟକ ପ୍ରଦର୍ଶନକାରୀଙ୍କୁ ଛାଡ଼ିବାକୁ ବାଧ୍ୟ ହୋଇଥିଲା । ଏହାର ଭିଡିଓ ଭାଇରାଲ ହେବା ପରେ ରିୟାଙ୍କୁ ସୋସିଆଲ ମିଡିଆରେ ପ୍ରଶଂସା କରାଯାଉଛି ।

# ଭାରତ-ବାଂଲାଦେଶ ସୀମାରେ ବଡ଼ ସ୍ମାର୍ଟ ଫେନ୍ସିଂ ଅଭିଯାନ, ସୁନ୍ଦରବନ ପର୍ଯ୍ୟନ୍ତ କଡ଼ା ସୁରକ୍ଷା



ନୂଆଦିଲ୍ଲୀ: ଭାରତ-ବାଂଲାଦେଶସୀମାକୁ ଅଧିକ ସୁରକ୍ଷିତ କରିବା ପାଇଁ ସୀମା ସୁରକ୍ଷା ବାହିନୀ (ବିଏସ୍ଏଫ୍) ପକ୍ଷରୁ ପଶ୍ଚିମବଙ୍ଗରେ ବଡ଼ ଧରଣର ସ୍ମାର୍ଟ ଫେନ୍ସିଂ କାର୍ଯ୍ୟ କରାଯାଉଛି । ବିଶେଷକରି ମୁର୍ଶିଦାବାଦ, ମାଲଦା ଓ ସୁନ୍ଦରବନ ଭଳି ଅନୁପ୍ରବେଶ ଓ ଚୋରାଚାଲାଣ ପ୍ରବଣ ଅଞ୍ଚଳରେ ଆଧୁନିକ ପ୍ରଯୁକ୍ତିଭିତ୍ତିକ ସୁରକ୍ଷା ବ୍ୟବସ୍ଥା କରାଯାଉଛି । ଲକ୍ଷ୍ୟ କେବଳ କାଣ୍ଟାତାର ବାଡ଼ ନିର୍ମାଣ ନୁହେଁ, ବରଂ ସମଗ୍ର ସୀମାକୁ ଏକ ସମନ୍ୱିତ ସ୍ମାର୍ଟ ନଜରଦାରି ବ୍ୟବସ୍ଥା ଅଧୀନକୁ ଆଣିବା । ଦୀର୍ଘ ଦିନ ଧରି ଜମି ହସ୍ତାନ୍ତର ସମସ୍ୟା ଯୋଗୁ ସୀମାର ଅନେକ ଅଂଶରେ ଫେନ୍ସିଂ କାମ ଅଟକି ରହିଥିଲା । ବର୍ତ୍ତମାନ ପଶ୍ଚିମବଙ୍ଗ ସରକାର ୯ଟି ସୀମାନ୍ତ ଜିଲ୍ଲାରେ ମୋଟ ୧,୦୨୪.୭୫ ଏକର ଜମି ବିଏସ୍ଏଫ୍କୁ ହସ୍ତାନ୍ତର କରିବା ପରେ ପ୍ରାୟ ୧୭୨.୬ କିଲୋମିଟର ନୂଆ ସୀମା ବାଡ଼ ନିର୍ମାଣ କାମ ଦ୍ରୁତ ଗତିରେ ଆଗକୁ ବଢୁଛି । ଏଥିମଧ୍ୟରୁ ମୁର୍ଶିଦାବାଦରେ ୪୫.୪ କିଲୋମିଟର, ଉତ୍ତର ୨୪ ପ୍ରଗଣାରେ ୪୨.୦୭ କିଲୋମିଟର, କୁଚ୍ବିହାରରେ ୩୯.୩୯ କିଲୋମିଟର ଓ ମାଲଦାରେ ୨୦.୧୫ କିଲୋମିଟର ଫେନ୍ସିଂ ନିର୍ମାଣ ଯୋଜନା ରହିଛି । ମୁର୍ଶିଦାବାଦର ଜଲଙ୍ଗୀ ସେକ୍ଟରରେ ପ୍ରାୟ ୧୨ ଫୁଟ ଉଚ୍ଚର ସ୍ମାର୍ଟ ଫେନ୍ସିଂ ନିର୍ମାଣ ହେଉଛି । ଏହି ବାଡ଼ରେ ଭବିଷ୍ୟତରେ ସେନ୍ସର, ଉଚ୍ଚକ୍ଷମତାସମ୍ପନ୍ନ ସିସିଟିଭି କ୍ୟାମେରା, ଥର୍ମାଲ୍ ଇମେଜିଂ, ନାଇଟ୍ ଭିଜନ୍ ଉପକରଣ ଓ ଅନ୍ୟାନ୍ୟ ଇଲେକ୍ଟ୍ରୋନିକ୍ ନଜରଦାରି ବ୍ୟବସ୍ଥା ସଂଯୋଗ କରାଯିବ । ବାଡ଼ କାଟିବା କିମ୍ବା ଛୁଇଁବାକୁ ଚେଷ୍ଟା କଲେ ତୁରନ୍ତ ନିୟନ୍ତ୍ରଣ କକ୍ଷକୁ ସଙ୍କେତ ପହଞ୍ଚିବ ଏବଂ ବିଏସ୍ଏଫ୍ର ତ୍ୱରିତ ପ୍ରତିକ୍ରିୟା ଦଳ ଘଟଣାସ୍ଥଳରେ ପହଞ୍ଚିବ । ଡ୍ରୋନ୍ ଓ ଆଣ୍ଟି-ଡ୍ରୋନ୍ ପ୍ରଯୁକ୍ତି ମଧ୍ୟ ଏହି ବ୍ୟବସ୍ଥାର ଅଂଶ ହେବ । ସବୁଠାରୁ ବଡ଼ ଚ୍ୟାଲେଞ୍ଜ ସୁନ୍ଦରବନ ଅଞ୍ଚଳରେ ରହିଛି । ଏଠାରେ ଆନ୍ତର୍ଜାତିକ ସୀମା ନଦୀ, ଜୁଆରିଆ ଖାଡ଼ି, ଜଳାଭୂମି ଓ ଘଞ୍ଚ ହେନ୍ତାଳ ଜଙ୍ଗଲ ଦେଇ ଯାଇଥିବାରୁ ସାଧାରଣ ଫେନ୍ସିଂ ସମ୍ଭବ ନୁହେଁ । ତେଣୁ ଶମସେରନଗରଠାରୁ ପ୍ରାୟ ୯୦ କିଲୋମିଟର ଅଞ୍ଚଳରେ ସ୍ଥଳ ଓ ଜଳପଥ ଉଭୟକୁ ଧ୍ୟାନରେ ରଖି ସ୍ମାର୍ଟ ସୁରକ୍ଷା ବ୍ୟବସ୍ଥା ଗଢ଼ି ତୋଳିବାର ପ୍ରସ୍ତୁତି ଚାଲିଛି । ଏହି ଅଞ୍ଚଳରେ ବିଏସ୍ଏଫ୍ର ୮ଟି ଭାସମାନ ସୀମା ଚୌକି ଦିନରାତି ନଜରଦାରି କରୁଛି । ସେଠାରୁ ଦ୍ରୁତଗାମୀ ବୋଟ୍ ମାଧ୍ୟମରେ ନିୟମିତ ପାଟ୍ରୋଲିଂ କରାଯାଉଛି । କେନ୍ଦ୍ର ସରକାରଙ୍କ ମତରେ, ଏହି ପ୍ରକଳ୍ପ ଅବୈଧ ଅନୁପ୍ରବେଶ, ଚୋରାଚାଲାଣ ଓ ସୀମାପାର ଅପରାଧ ରୋକିବାରେ ସହାୟକ ହେବ । ଭବିଷ୍ୟତରେ ଦେଶର ଅନ୍ୟ ସମ୍ବେଦନଶୀଳ ଆନ୍ତର୍ଜାତିକ ସୀମାରେ ମଧ୍ୟ ଏହି ସ୍ମାର୍ଟ ସୀମା ସୁରକ୍ଷା ମଡେଲ୍କୁ ପ୍ରୟୋଗ କରାଯାଇପାରେ ବୋଲି ସମ୍ପୃକ୍ତ ଅଧିକାରୀମାନେ ଆଶା ପ୍ରକାଶ କରିଛନ୍ତି ।

# ବୈଭବଙ୍କ ବିସ୍ଫୋରକ ଅର୍ଦ୍ଧଶତକ

## ହରାରେରେ ଜିମ୍ବାୱେକୁ ୭ ୱିକେଟ୍‌ରେ ହରାଇଲା ଭାରତ

ହରାରେ, ୨୩।୭: ଜିମ୍ବାୱେ ବିପକ୍ଷ ୩ ମ୍ୟାଚ୍ ବିଶିଷ୍ଟ ଟି-ଟ୍ୱେଣ୍ଟି ଶୃଙ୍ଖଳାର ପ୍ରଥମ ମ୍ୟାଚ୍‌ରେ ସହଜ ବିଜୟ ହାସଲ କରିଛି ଭାରତ। ଗୁରୁବାର ହରାରେରେ ଖେଳା ଯାଇଥିବା ଏହି ମ୍ୟାଚ୍‌ରେ ଜିମ୍ବାୱେକୁ ୭ ୱିକେଟ୍‌ରେ ପରାସ୍ତ କରିଛି ଟିମ୍ ଇଣ୍ଡିଆ।ଟସ୍ ଜିତିବା ପରେ ବୋଲିଂ ନିଷ୍ପତ୍ତି ନେଇଥିଲା ଭାରତ। ପ୍ରଥମେ ବ୍ୟାଟିଂ କରିବାକୁ ଆସିଥିବା ଜିମ୍ବାୱେ ଅତ୍ୟନ୍ତ ଦୁର୍ବଳ ପ୍ରଦର୍ଶନ କରିଥିଲା। ଅଲ୍ ଆଉଟ୍ ନହୋଇ ଦଳ ପୂରା ୨୦ ଓଭର ଖେଳିଥିବା ବେଳେ ଯଥେଷ୍ଟ ରନ୍ କରିପାରି ନଥିଲା। ଦଳ ମାତ୍ର ୧୨୫ ରନ୍ କରିବାକୁ ସମର୍ଥ ହୋଇଥିଲା।ଜିମ୍ବାୱେ ପକ୍ଷରୁ ୱେଲ୍‌ସେ ମଧବେରେ ସର୍ବାଧିକ ୩୯ ରନ୍ କରିଥିବା ବେଳେ ରାଇନ ବର୍ଲ ୨୬, ବେନ୍ କୁରେନ ୧୦ ଓ ତଦୀୱାନାଶେ ମାରୁମନୀ ୨୭ ରନ୍ କରିଥିଲେ। ଭାରତ ପକ୍ଷରୁ ଭାରତ ପକ୍ଷରୁ ମୟଙ୍କ ଯାଦବ ଓ ପ୍ରିନ୍ସ ଯାଦବ ୨ଟି ଲେଖାଏ ୱିକେଟ୍ ନେଇଥିବା ବେଳେ ଶିବମ ଦୁବେ ଓ ରବି ବିଷ୍ଣୋଇ ଗୋଟିଏ ଲେଖାଏ ୱିକେଟ୍ ନେଇଥିଲେ।





ମାତ୍ର ୧୨୬ ରନ୍‌ର ବିଜୟ ଲକ୍ଷ୍ୟ ନେଇ ବ୍ୟାଟିଂ କରିବାକୁ ଓହ୍ଲାଇଥିବା ଭାରତୀୟ ଦଳ ପକ୍ଷରୁ ଓପନିଂ ଆସିଥିଲେ ଅଭିଷେକ ଶର୍ମା ଓ ସୂର୍ଯ୍ୟବଂଶୀ। ଅଭିଷେକ ମାତ୍ର ୮ଟି ବଲର ସମ୍ମୁଖୀନ ହୋଇ ୧ ରନ୍ କରି ଆଉଟ୍ ହୋଇଯାଇଥିଲେ। କିନ୍ତୁ ଫେଲ ମାରି ନଥିଲେ ସୂର୍ଯ୍ୟବଂଶୀ। ସେ ୧୮ଟି ବଲ୍‌ରୁ ୫୦ ରନ୍ କରିଥିଲେ। ତା' ମଧ୍ୟରେ ଥିଲା ୪ ଛକା ଓ ୪ ଚୌକା। ତା'ପର ବଲ୍‌ରେ ସେ ଆଉଟ୍ ହୋଇଯାଇଥିଲେ।ଇଶାନ କିଶନ ୨୪ଟି ବଲ୍‌ରୁ ୩ ଚୌକା ଓ ୨ ଛକା ସହାୟତାରେ ୩୫ ରନ୍ କରି ଆଉଟ୍ ହୋଇଯାଇଥିଲେ। ଅଧିନାୟକ ଶ୍ରେୟସ ଆୟର ଓ ତିଲକ ବର୍ମା ଅପରାଜିତ ରହି ଦଳକୁ ବିଜୟୀ କରିଥିଲେ। ଶ୍ରେୟସ ୨୪ଟି ବଲ୍‌ରୁ ୩ ଚୌକା ସହାୟତାରେ ୨୮ ରନ୍ କରିଥିବା ବେଳେ ତିଲକ ବର୍ମା ୫ଟି ବଲ୍‌ରୁ ୬ ରନ୍ କରିଥିଲେ। ଆହୁରି ୪୦ଟି ବଲ୍ ବାକି ଥାଇ ଭାରତୀୟ ଦଳ ଏହି ମ୍ୟାଚ୍ ଜିତି ଯାଇଥିଲା।ଏହି ମ୍ୟାଚ୍‌ରେ ବୈଭବ ସୂର୍ଯ୍ୟବଂଶୀ ଅନ୍ତର୍ଜାତୀୟ କ୍ୟାରିୟରର ପ୍ରଥମ ଅର୍ଦ୍ଧଶତକ ହାସଲ କରିଛନ୍ତି। ଟି-ଟ୍ୱେଣ୍ଟିରେ ଅର୍ଦ୍ଧଶତକ ମାରିବାରେ ସେ ବନି ଯାଇଛନ୍ତି ସର୍ବକନିଷ୍ଠ ଖେଳାଳି।

## ଡବ୍ଲୁଟିସି ୨୦୨୭ ଫାଇନାଲ୍ ତାରିଖ ଏବଂ ସ୍ଥାନ ଘୋଷଣା

ନୂଆଦିଲ୍ଲୀ: ବିଶ୍ୱ ଟେଷ୍ଟ ଚାମ୍ପିୟନସିପ୍ ପାଇଁ ଆଇସିସି ପକ୍ଷରୁ ଘୋଷଣା ହୋଇଛି ତାରିଖ ଏବଂ ସ୍ଥାନ । କେଉଁ ଷ୍ଟାଡିୟମରେ ଖେଳାଯିବ ତାହା ଘୋଷଣା ହୋଇଛି । ୨୦୨୫-୨୭ ସଂସ୍କରଣର ଫାଇନାଲ ମୁକାବିଲା ଲଣ୍ଡନର ପ୍ରସିଦ୍ଧ 'ଦ ଓଭାଲ' ଗ୍ରାଉଣ୍ଡରେ ଖେଳାଯିବ । ବିସିସିର କାର୍ଯ୍ୟସୂଚୀ ଅନୁଯାୟୀ ଜୁନ୍ ୯ରୁ ୧୩ ତାରିଖ ପର୍ଯ୍ୟନ୍ତ ଖେଳାଯିବ ବୋଲି ଘୋଷଣା କରାଯାଇଛି ।ଦ୍ୱିତୀୟଥର ଲାଗି ଐତିହାସିକ 'ଦ ଓଭାଲ' ଗ୍ରାଉଣ୍ଡରେ ଖେଳାଯିବ ଡବ୍ଲୁଟିସି ଫାଇନାଲ ମୁକାବିଲା । ଏହାପୂର୍ବରୁ ୨୦୨୩ ମସିହାରେ ଏହି ଗ୍ରାଉଣ୍ଡରେ ଆୟୋଜିତ ହୋଇଥିଲା ଫାଇନାଲ ମ୍ୟାଚ୍ । ୨୦୨୩ ଡଞ୍ଜଉ ଫାଇନାଲ୍ ମ୍ୟାଚରେ ଅଷ୍ଟ୍ରେଲିଆ ଦଳ ଭାରତକୁ ପରାସ୍ତ କରି ଚାମ୍ପିୟନ ହୋଇଥିଲା । ତେଣୁ ଏହି ମଇଦାନ ଭାରତୀୟ କ୍ରିକେଟ୍ ପ୍ରଶଂସକଙ୍କ ପାଇଁ ଏକ ବଡ଼ ସ୍ମୃତି ଜଡ଼ିତ ସ୍ଥାନ ଅଟେ।

୨୦୨୭ ର ଏହି ଫାଇନାଲ୍ ମ୍ୟାଚ୍ ଅତ୍ୟନ୍ତ ସ୍ୱତନ୍ତ୍ର ହେବାକୁ ଯାଉଛି, କାରଣ ଏହି ବର୍ଷ ଟେଷ୍ଟ କ୍ରିକେଟ୍ ତାର ୧୫୦ ବର୍ଷ ପୂରଣ କରିବ। ଏହାକୁ ସ୍ମରଣୀୟ କରିବା ପାଇଁ ଓଡଉ ଏବଂ ରଉଣ ପକ୍ଷରୁ ବ୍ୟାପକ ପ୍ରସ୍ତୁତି କରାଯାଉଛି। ଡଞ୍ଜଉର ଏହି ଚକ୍ରରେ ଏବେବି ୯ଟି ଯାକ ଦଳ ଫାଇନାଲ୍ ଟିକେଟ୍ ପାଇଁ ଲଢେଇ ଜାରି ରଖିଛନ୍ତି । ଅଷ୍ଟ୍ରେଲିଆ ଓ ଦକ୍ଷିଣ ଆଫ୍ରିକା ପଏଣ୍ଟ ତାଲିକାର ଶୀର୍ଷରେ ଥିବାବେଳେ ଭାରତୀୟ ଦଳ ମଧ୍ୟ ନିଜର ସ୍ଥିତି ମଜବୁତ କରିବାକୁ ପ୍ରୟାସରତ।

## ଦ୍ୱିତୀୟ ଯୁବ ଟେଷ୍ଟ

## ଶ୍ରୀଲଙ୍କାକୁ ହରାଇଲା ଭାରତ

କଲମ୍ବୋ: ଏଠାରେ ଚାଲିଥିବା ଘରୋଇ ଶ୍ରୀଲଙ୍କା ବିପକ୍ଷ ୧୯ ବର୍ଷରୁ କମ୍ (ଯୁବ) ଦ୍ୱିତୀୟ ଟେଷ୍ଟ୍‌କୁ ଭାରତ ୨୧୧ ରନ୍‌ରେ ଜିତି ନେଇଛି। ଫଳରେ ୨ ମ୍ୟାଚ୍ ବିଶିଷ୍ଟ ଏହି ଯୁବ ଟେଷ୍ଟ୍ ଶୃଙ୍ଖଳାକୁ ଭାରତ ମଧ୍ୟ ୧-୦ରେ ଜିତିଛି। ପ୍ରଥମ ଟେଷ୍ଟ୍ ଅମୀମାଂସିତ ଭାବେ ଶେଷ ହୋଇଥିଲା। ୪୭୨ ରନ୍‌ର ବିଶାଳ ବିଜୟ ଲକ୍ଷ୍ୟକୁ ପିଛା



କରୁଥିବା ଘରୋଇ ଶ୍ରୀଲଙ୍କା ତୃତୀୟ ଦିନ ଶେଷ ସୁଦ୍ଧା ୧୫୫/୪ କରିଥିଲା। ଫଳରେ ଗୁରୁବାର ଶେଷ ଦିନରେ ବିଜୟ ଲାଗି ଶ୍ରୀଲଙ୍କାକୁ ୩୧୭ ଏବଂ ଭାରତକୁ ୬ ୱିକେଟ୍‌ର ଆବଶ୍ୟକ ଥିଲା। ହେଲେ ଭାରତୀୟ ବୋଲର ଶ୍ରୀଲଙ୍କାକୁ ୨୬୦ ରନ୍‌ରେ ଅଲ୍‌ଆଉଟ୍ କରି ବିଜୟ ବାନା ଉଡାଇଥିଲା। ଶ୍ରୀଲଙ୍କା ପାଇଁ ୱେକୁନାଗୋଡା ଓ ଦିନ୍‌ସାରା ପ୍ରତ୍ୟେକ ୬୪ ରନ୍ ଲେଖାଏଁ କରିଥିଲେ। ଭାରତ ପକ୍ଷରୁ ରୋହିତ ଯାଦବ ୪ ଏବଂ ଚିଗୁରୁପତି ଭେଙ୍କଟ ୩ ୱିକେଟ୍ ନେଇଥିଲେ। ପୂର୍ବରୁ ଭାରତ ପ୍ରଥମ ପାଳିରେ ୪୧୧ ରନ୍ କରିଥିଲା ବେଳେ ଶ୍ରୀଲଙ୍କାକୁ ୧୪୮ ରନ୍‌ରେ ଅଲ୍‌ଆଉଟ୍ କରିଥିଲା। ଦ୍ୱିତୀୟ ପାଳିରେ ଭାରତ ୨୦୮/୩ (ଘୋଷିତ) କରି ଶ୍ରୀଲଙ୍କାକୁ ବଡ ବିଜୟ ଲକ୍ଷ୍ୟ ଦେଇଥିଲା। ଲକ୍ଷ୍ୟ ରାଇଚନ୍ଦାନି ଶତକ ହାସଲ କରିଥିଲେ।

## ଭାରତ ଫେରିବେ ଆଇପିଏଲ ପ୍ରତିଷ୍ଠାତା ଲଳିତ ମୋଦି !

ଓନ୍‌ଟାରିଓ (କାନାଡା): ୨୦୦୮ ମସିହାରେ ଭାରତୀୟ କ୍ରିକେଟରକୁ ନୂଆ ରୂପ ଦେଇଥିବା ଲଳିତ ମୋଦିଙ୍କୁ ନେଇ ଆସିଛି ବଡ ଖବର। ୨୦୦୮ରେ ଆଇପିଏଲକୁ ପ୍ରତିଷ୍ଠା କରିଥିବା ତଥା ଏହି ଟି-୨୦ ଲିଗର ପୂର୍ବତନ ଅଧ୍ୟକ୍ଷ ଲଳିତ ମୋଦି ଭାରତ ଆସିବେ।

ଦୀର୍ଘ ୧୬ ବର୍ଷ ହେଲା ଲଳିତ ମୋଦି ଆଇନଗତ ବିବାଦ ଯୋଗୁ ଭାରତ ବାହାରେ ରହୁଥିଲେ। ଏବେ ୧୬ ବର୍ଷ ପରେ ସେ ଭାରତ ଆସିବାକୁ ଯୋଜନା କରୁଥିବା କହିଛନ୍ତି। ୨୦୦୯ରେ ଦକ୍ଷିଣ ଆଫ୍ରିକାରେ ଆୟୋଜିତ ଆଇପିଏଲ ସହ ଜଡିତ ଫରେନ ଏକ୍ସଚେଞ୍ଜ ମ୍ୟାନେଜମେଣ୍ଟ ଆକ୍ଟ(ଫେମା) ମାମଲାରେ ଆପିଲେଟ୍ ଟ୍ରିବ୍ୟୁନାଲ ତାଙ୍କୁ ଆଶ୍ୱସ୍ତ ଦେଇଛନ୍ତି। ଏହାପରେ ଲଳିତ ମୋଦି ଭାରତ ଆସିବାକୁ ଯୋଜନା କରୁଥିବା ଘୋଷଣା କରିଛନ୍ତି।

୨୦୧୦ରୁ ଭାରତ ବାହାରେ ରହୁଥିବା ଲଳିତ ମୋଦିଙ୍କ କହିବା କଥା ଯେ ଟ୍ରିବ୍ୟୁନାଲଙ୍କ ରାୟ ୧୬ ବର୍ଷ ଧରି ଚାଲିଥିବା ଆଇନଗତ ଲଢ଼େଇରେ ପୂର୍ଣ୍ଣଚ୍ଛେଦ ଟାଣିଛି। ତେଣୁ ସେ ଚଳିତ ବର୍ଷ ଶେଷ ଭାଗରେ କିମ୍ବା ଆସନ୍ତାବର୍ଷ ଆରମ୍ଭରୁ ଭାରତକୁ ଫେରିବେ।

ସେ ଗୋଟିଏ ଭିଡିଓ ବାର୍ତ୍ତାରେ କହିଛନ୍ତି, "ମଙ୍ଗଳବାର ରାୟକୁ ନେଇ ମୁଁ ବହୁତ ଖୁସି। ଏହା ପ୍ରକୃତରେ ମୋ ପାଇଁ ଗୋଟିଏ ବଡ଼ ଦିନ। ୧୬ ବର୍ଷ ଧରି ମୁଁ ଲଢେଇ କରିଛି। ଗଣମାଧ୍ୟମ ଓ ସମସ୍ତଙ୍କୁ ଯାହା କହି ଆସୁଥିଲି, ଶେଷରେ ତାହା ସତ୍ୟ ପ୍ରମାଣିତ ହୋଇଛି। ଟ୍ରିବ୍ୟୁନାଲ୍ ମୋ ସପକ୍ଷରେ ରାୟ ଦେଇଥିବାରୁ ମୁଁ ବହୁତ ଖୁସି।ମୋର ଏକମାତ୍ର ଚିନ୍ତା ଥିଲା ଆଇପିଏଲ୍‌ର ଭଲ। ଏହା ମୋ ପାଇଁ ସବୁଠାରୁ ଅଧିକ ପ୍ରିୟ। ଏବେ ସେହି ଅଧ୍ୟାୟ ପଛରେ ରହିଗଲା। ମୁଁ ଏବେ ମୋ ଜୀବନରେ ଆଗକୁ ବଢ଼ିବାକୁ ଚାହୁଁଛି। ଭାରତ ଫେରିବାକୁ ଅପେକ୍ଷା କରିଛି।

ସମ୍ଭବତଃ ଚଳିତ ବର୍ଷ ଶେଷ ଭାଗରେ କିମ୍ବା ଆସନ୍ତା ବର୍ଷ ଆରମ୍ଭରେ ମୁଁ ଫେରିବି। ଅକ୍ଟୋବରରେ ମୋ ଝିଅର ସନ୍ତାନ ଜନ୍ମ ହେବାର ଆଶା ରହିଛି। ସବୁକିଛି ଭଲ ହେବ ବୋଲି ଆଶା କରୁଛି ଓ ତା'ପରେ ମୁଁ ଭାରତ ଫେରିବି।"

ଧୀନରେ ଥିବା ଆପିଲେଟ୍ ଟ୍ରିବ୍ୟୁନାଲ୍ ଦକ୍ଷିଣ ଆଫ୍ରିକାରେ ଆୟୋଜିତ ୨୦୦୯ ଆଇପିଏଲ୍ ସିଜନ୍ ସମ୍ପର୍କିତ ମୁଖ୍ୟ ମାମଲାରେ ଲଳିତ ମୋଦି ଓ ଅନ୍ୟମାନଙ୍କ ବିରୋଧରେ ବିରୋଧରେ ପ୍ରବର୍ତ୍ତନ ନିର୍ଦ୍ଦେଶାଳୟ ଦାଖଲ କରିଥିବା ଦସ୍ତାବିଜ ଏବଂ ଜୋରିମାନାକୁ ରଦ୍ଦ କରିଦେଇଛନ୍ତି। ଟ୍ରିବ୍ୟୁନାଲ୍ କହିଛନ୍ତି ଯେ ମୁଖ୍ୟ ମାମଲାରେ ଅଭିଯୋଗ ହୋଇଥିବା ଫେମାର ଉଲ୍ଲଂଘନ ପାଇଁ ଲଳିତ ମୋଦୀ ଦାୟୀ ବୋଲି ବୋଲି ପ୍ରମାଣ କରିବା ପାଇଁ କୌଣସି ଉପଯୁକ୍ତ ତଥ୍ୟ ନାହିଁ। ୨୦୦୯ ମସିହାରେ ଲୋକସଭା ନିର୍ବାଚନ ସହ ଆଇପିଏଲ୍‌ର ତାରିଖ ମେଳ ଖାଇବାରୁ ଟୁର୍ଣ୍ଣାମେଣ୍ଟକୁ ଭାରତରୁ ଦକ୍ଷିଣ ଆଫ୍ରିକାକୁ ସ୍ଥାନାନ୍ତର କରାଯାଇଥିଲା। ବିଦେଶରେ ଟୁର୍ଣ୍ଣାମେଣ୍ଟ ଆୟୋଜନ ପାଇଁ କରାଯାଇଥିବା ବିଦେଶୀ ମୁଦ୍ରା କାରବାର ସମ୍ପର୍କରେ ଇଡି ତଦନ୍ତ ଆରମ୍ଭ କରିଥିଲା। ଏଥିପାଇଁ ଭାରତୀୟ ରିଜର୍ଭ ବ୍ୟାଙ୍କର ପୂର୍ବ ଅନୁମତି ଆବଶ୍ୟକ ଥିଲା। ହେଲେ ଏହାକୁ ଉଲ୍ଲଙ୍ଘନ କରାଯାଇଥିଲା ବୋଲି ଇଡି ଅଭିଯୋଗ କରିଥିଲା।

## ବିଶ୍ୱ କନିଷ୍ଠ ସ୍କ୍ୱାସ କ୍ୱାର୍ଟରରେ ଆନାହତ

ଓନ୍‌ଟାରିଓ (କାନାଡା): ଭାରତର ଶୀର୍ଷ ମାନ୍ୟତାପ୍ରାପ୍ତ ସ୍କ୍ୱାସ୍ ଖେଳାଳି ଆନାହତ ସିଂହ ଏଠାରେ ଚାଲିଥିବା ବିଶ୍ୱ ସ୍କ୍ୱାସ କନିଷ୍ଠ ପ୍ରତିଯୋଗିତାର ବ୍ୟକ୍ତିଗତ ବର୍ଗର କ୍ୱାର୍ଟରଫାଇନାଲ୍‌ରେ ପ୍ରବେଶ କରିଛନ୍ତି। ଗୁରୁବାର



ପ୍ରିକ୍ୱାର୍ଟରଫାଇନାଲ୍‌ରେ ବିଶ୍ୱର ୨୦ ନମ୍ବର ଆନାହତ ୧୧-୪, ୧୧-୮, ୧୧-୩ରେ ମାଲେସିଆର ଡୋୟସେ ୟେ ସାନ୍ ଲିଙ୍କୁ ପରାସ୍ତ କରିଥିଲେ। ଗତ ଥରର କାଂସ୍ୟ ବିଜୟିନୀ ଆନାହତ କ୍ୱାର୍ଟରଫାଇନାଲ୍‌ରେ ଇଜିପ୍ଟର ହବିବା ରିଜ୍‌କଙ୍କୁ ଭେଟିବେ। ତେବେ ପୁରୁଷ ଏକକ ରାଉଣ୍ଡ ୧୬ରୁ ଏସୀୟ ୧୯ ବର୍ଷରୁ କମ୍ ବିଜେତା ଆର୍ଯ୍ୟବୀର ଦେୱାନ ୪-୧୧, ୧-୧୧, ୫-୧୧ରେ ଆମେରିକା ଯାସିନ ଶାଲାବେଙ୍କଠୁ ହାରି ଯାଇଥିଲେ।

## ରାଜ୍ୟଗୋଷ୍ଠୀ କ୍ରୀଡା ୨୦୨୬ର ଉଦଘାଟନ

# ଆଗୁଆ ପଦକ ପକ୍କା କଲେ ଲଭଲିନା

ଗ୍ଲାସଗୋ, ୨୩।୭: ରାଜ୍ୟଗୋଷ୍ଠୀ କ୍ରୀଡା ୨୦୨୬ର ଉଦଘାଟନ ସମାରୋହ ପୂର୍ବରୁ ଭାରତ ପାଇଁ ଆସିଛି ଖୁସି ଖବର। ଓପନିଂ ସେରିମନି ପୂର୍ବରୁ ବକ୍ସିଂରେ ଭାରତର ଗୋଟିଏ ପଦକ ପକ୍କା ହୋଇଛି।

ଭାରତର ଷ୍ଟାର ମହିଳା ବକ୍ସର ଲଭଲୀନା ବୋର୍ଗହେନ୍ ଦେଶ ପାଇଁ ଚଳିତ ରାଜ୍ୟଗୋଷ୍ଠୀ କ୍ରୀଡାରେ ପ୍ରଥମ ପଦକ ପକ୍କା କରିଛନ୍ତି। ସେ ୭୫ କେଜି ବକ୍ସିଂ ବର୍ଗର ସେମି ଫାଇନାଲରେ ସିଧାସଳଖ ପ୍ରବେଶ କରି ଭାରତ ପାଇଁ ଅତିକମରେ ବ୍ରୋଞ୍ଜ ପଦକ ନିଶ୍ଚିତ କରିବାକୁ ସକ୍ଷମ ହୋଇଛନ୍ତି। ଅଲିମ୍ପିକ୍ସରେ ଭାରତ ପାଇଁ ପଦକ ଜିତିଥିବା ଲଭଲୀନାଙ୍କୁ ତାଙ୍କ ବର୍ଗର ରାଉଣ୍ଡରେ ବାଏ ମିଳିଛି। ସେ ବାଇ ପାଇ ସିଧା ସେମି ଫାଇନାଲରେ ପହଞ୍ଚି ସାରିଛନ୍ତି। ରାଜ୍ୟଗୋଷ୍ଠୀର ବକ୍ସିଂ ଫର୍ମାଟ୍ ଅନୁଯାୟୀ ସେମିଫାଇନାଲରେ ପରାଜିତ ହେଉଥିବା ଉଭୟ ବକ୍ସରଙ୍କୁ କାଂସ୍ୟ ପଦକ ଦିଆଯାଏ। ତେଣୁ ଗ୍ଲାସଗୋରେ ରିଙ୍ଗକୁ ପ୍ରବେଶ କରିବା ପୂର୍ବରୁ ହିଁ ଲଭଲୀନାଙ୍କ ପୋଡିୟମ୍‌ରେ ସ୍ଥାନ ସୁରକ୍ଷିତ ହୋଇଯାଇଛି।ଅଲିମ୍ପିକ୍ସରେ ଭାରତ ପାଇଁ ପଦକ ଜିତିଥିବା ଲଭଲୀନାଙ୍କୁ ତାଙ୍କ ବର୍ଗର ରାଉଣ୍ଡରେ ବାଏ ମିଳିଛି। ସେ ବାଇ ପାଇ ସିଧା ସେମି ଫାଇନାଲରେ ପହଞ୍ଚି ସାରିଛନ୍ତି। ରାଜ୍ୟଗୋଷ୍ଠୀର ବକ୍ସିଂ ଫର୍ମାଟ୍ ଅନୁଯାୟୀ



ସେମିଫାଇନାଲରେ ପରାଜିତ ହେଉଥିବା ଉଭୟ ବକ୍ସରଙ୍କୁ କାଂସ୍ୟ ପଦକ ଦିଆଯାଏ। ତେଣୁ ଗ୍ଲାସଗୋରେ ରିଙ୍ଗକୁ ପ୍ରବେଶ କରିବା ପୂର୍ବରୁ ହିଁ ଲଭଲୀନାଙ୍କ ପୋଡିୟମ୍‌ରେ ସ୍ଥାନ ସୁରକ୍ଷିତ ହୋଇଯାଇଛି।

ଏବେ ଲଭଲୀନା ଜୁଲାଇ ୩୧ରେ ଟୁଭାଲର ଟିକେବିପି ଟାଫାକିଙ୍କ ବିପକ୍ଷରେ ତାଙ୍କ ଅଭିଯାନ ଆରମ୍ଭ କରିବେ। ସେ ଟାଫାକିଙ୍କ ବିପକ୍ଷରେ ଯଦି ବିଜୟୀ ହୁଅନ୍ତି, ତେବେ ସେ ଫାଇନାଲରେ ପ୍ରବେଶ କରିବେ।ମହିଳା ୭୫ କିଲୋଗ୍ରାମ୍ ମିଡିଲ୍‌ୱେଟ୍ ବର୍ଗରେ ନମ୍ବର-୧ ସିଡ୍ ଥିବା ଲଭଲୀନା ୫ ଜଣିଆ ପ୍ରତିଯୋଗିତାରେ ବାଏ ପାଇ ସିଧାସଳଖ ସେମିଫାଇନାଲରେ ପହଞ୍ଚିଛନ୍ତି। ଏହି ବର୍ଗରେ ମାତ୍ର ୫ ଜଣ ପ୍ରତିଯୋଗୀ ଥିବାରୁ ଲଭଲୀନାଙ୍କ ସମେତ ୩ ଜଣଙ୍କୁ ସିଧାସଳଖ ସେମିଫାଇନାଲ ଟିକେଟ ମିଳିଛି। ଅବଶିଷ୍ଟ ୨ ଜଣ ପ୍ରତିଯୋଗୀ ଏକମାତ୍ର କ୍ୱାର୍ଟର ଫାଇନାଲରେ ମୁହାଁମୁହିଁ ହେବେ।

ବର୍ମିଂହାମ୍ କମନ୍‌ୱେଲ୍‌ଥ ଗେମ୍ସରେ ଭାରତ ୬୧ଟି ପଦକ ଜିତିଥିଲା। କିନ୍ତୁ ଗ୍ଲାସଗୋରେ ଇଭେଣ୍ଟ ସଂଖ୍ୟା ମାତ୍ର ୧୦କୁ କମି ଯାଇଛି। ତଥାପି ଭାରତ ୪ ବର୍ଷ ପୂର୍ବର ସଫଳତା ମଧ୍ୟ ଏଥର ଦୋହରାଇବାକୁ ଲକ୍ଷ୍ୟ ରଖିଛି।

ବର୍ମିଂହାମରେ ଭାରତ କୁସ୍ତି, ବ୍ୟାଡମିଣ୍ଟନ୍, ଟେବୁଲ୍ ଟେନିସ୍, ହକି ଓ କ୍ରିକେଟ୍ ଭଳି କ୍ରୀଡ଼ାରୁ ପଦକ ଜିତିଥିଲା। କିନ୍ତୁ ଏଥର ଏହି ଖେଳ ଗୁଡିକକୁ ରାଜ୍ୟଗୋଷ୍ଠୀ କ୍ରୀଡାରେ ସାମିଲ କରାଯାଇ ନାହିଁ। ବର୍ମିଂହାମ୍‌ରେ ଏହି ସମସ୍ତ କ୍ରୀଡ଼ାରୁ ଭାରତକୁ ୨୮ଟି ପଦକ ମିଳିଥିଲା।

ଏଥର ଭାରତ ଆଥଲେଟିକ୍ସ ଓ ଭାରୋତ୍ତୋଳନରୁ ଅଧିକ ପଦକ ଆଶା ରଖିଛି। ହେଲେ ଏହାପୂର୍ବରୁ ବକ୍ସିଂରେ ଲଭଲୀନାଙ୍କୁ ବାଏ ମିଳିବା ଭାରତୀୟ ଦଳ ପାଇଁ ନିଶ୍ଚିତ ଭାବେ ଖୁସିର ଖବର। ଆସାମର ଏହି ବକ୍ସର ଗୁରୁବାର ହେବାକୁ ଥିବା ଉଦ୍‌ଘାଟନୀ ସମାରୋହରେ ଭାରତର ଧ୍ୱଜବାହକମାନଙ୍କ ମଧ୍ୟରୁ ଜଣେ।

## ବୋଲରଙ୍କ ପାଇଁ ବିସିସିଆଇର ବଡ଼ ଘୋଷଣା

ନୂଆଦିଲ୍ଲୀ, ୨୩।୭: ଭାରତୀୟ କ୍ରିକେଟ କଣ୍ଟ୍ରୋଲ ବୋର୍ଡ (ବିସିସିଆଇ) ୨୦୨୬-୨୭ ଘରୋଇ କ୍ରିକେଟ ସିଜନ ପୂର୍ବରୁ ଖେଳର ନିୟମରେ ଅନେକ ଗୁରୁତ୍ୱପୂର୍ଣ୍ଣ ପରିବର୍ତ୍ତନ କରିଛି। ନୂତନ ନିୟମଗୁଡ଼ିକର ପ୍ରଭାବ ମୁଖ୍ୟତଃ ବୋଲର୍ ? ଏବଂ ଉଇକେଟ୍ ? କିପରମାନଙ୍କ ଉପରେ ପଡ଼ିବ। ସବୁଠାରୁ ବଡ଼ ନିଷ୍ପତ୍ତି ସେହି ବୋଲର୍ ? ମାନଙ୍କୁ ନେଇ ନିଆଯାଇଛି ଯେଉଁମାନେ ଜାଣିଶୁଣି ନୋ-ବଲ ପକାନ୍ତି। ଏବେ ଏପରି କଲେ ବୋଲରଙ୍କୁ ସମଗ୍ର ମ୍ୟାଚ ପାଇଁ ବାସନ୍ଦ କରାଯିବ। ଏହାବ୍ୟତୀତ, ମଲ୍ଟି-ଡେ ମୁକାବିଲାରେ ଦିନର ଶେଷ ଓଭରକୁ ନେଇ ମଧ୍ୟ ଏକ ବଡ଼ ପରିବର୍ତ୍ତନ କରାଯାଇଛି। ବିସିସିଆଇ ଏହି ସଂଶୋଧିତ ନିୟମଗୁଡ଼ିକର ସୂଚନା ସମସ୍ତ ରାଜ୍ୟ କ୍ରିକେଟ ସଂଘକୁ ପଠାଇ ଦେଇଛି।

ବିସିସିଆଇର ନୂତନ ନିୟମ ଅନୁଯାୟୀ, ଯଦି କୌଣସି ବୋଲର ଜାଣିଶୁଣି ଫ୍ରଣ୍ଟ-ଫୁଟ ନୋ-ବଲ ପକାନ୍ତି, ତେବେ ତାଙ୍କୁ କେବଳ ସେହି ପାଳିରୁ ନୁହେଁ, ବରଂ ସମଗ୍ର ମ୍ୟାଚରୁ ବାହାର କରାଯିବ। ପୂର୍ବରୁ ଏପରି ମାମଲାରେ ବୋଲରଙ୍କୁ କେବଳ ସେହି ପାଳିରେ ବୋଲିଂ କରିବାରୁ ବାରଣ କରାଯାଉଥିଲା, କିନ୍ତୁ ସେ ଦ୍ୱିତୀୟ ପାଳିରେ ବୋଲିଂ କରିପାରୁଥିଲେ।

କିନ୍ତୁ ଏବେ ଏଭଳି ଭୁଲ କଲେ ବୋଲରଙ୍କୁ ସମଗ୍ର ମ୍ୟାଚରୁ ବାହାର କରିଦିଆଯିବ। ଏହାସହ ବୋଲର ଜାଣିଶୁଣି ଫ୍ରଣ୍ଟ-ଫୁଟ ନୋ-ବଲ ପକାଇଛନ୍ତି କି ନାହିଁ, ସେନେଇ ମଇଦାନରେ ଉପସ୍ଥିତ ଅମ୍ପାୟାର ହିଁ ଚୂଡ଼ାନ୍ତ ନିଷ୍ପତ୍ତି ନେବେ ବୋଲି ବୋର୍ଡ ପକ୍ଷରୁ ସ୍ପଷ୍ଟ କରାଯାଇଛି।

## ଦିନିକିଆ ର୍‍ୟାଙ୍କିଙ୍ଗରେ ଭାରତୀୟ ବ୍ୟାଟ୍ସମ୍ୟାନ୍‌ଙ୍କ ଦବ୍‌ଦବା

ନୂଆଦିଲ୍ଲୀ, ୨୩।୭: ଓଉଉ ଦ୍ୱାରା ବୁଧବାର ନୂତନ ରାଙ୍କିଂଗ ଜାରି କରାଯାଇଛି। ଦିନିକିଆ ବ୍ୟାଟିଂ ରାଙ୍କିଂଗ୍‌ରେ ଭାରତୀୟ ବ୍ୟାଟ୍ସମ୍ୟାନମାନଙ୍କ ଦବଦବା ଜାରି ରହିଥିବାବେଳେ କ୍ୟାପଟେନ ଶୁବମନ ଗିଲ୍ ନମ୍ବର-୧ ହେବାରୁ ଅଳ୍ପକେ ବର୍ତ୍ତିଯାଇଛନ୍ତି। ଟପ-୪ ଜଣଙ୍କ ମଧ୍ୟରେ ୩ ଜଣ ଭାରତୀୟ ଖେଳାଳି ସାମିଲ ଅଛନ୍ତି, ଯେଉଁଥିରେ କ୍ୟାପଟେନ ଗିଲ୍‌ଙ୍କ ସହିତ ରୋହିତ ଶର୍ମା ଏବଂ ବିରାଟ କୋହଲି ଅଛନ୍ତି। ଟପ-୧୦ କଥା କହିବାକୁ ଗଲେ ୩ଟି ପରିବର୍ତ୍ତନ ଘଟିଛି। ଟିମ ଇଣ୍ଡିଆ ବିରୁଦ୍ଧରେ ନିକଟରେ ଶେଷ ହୋଇଥିବା ଦିନିକିଆ ସିରିଜରେ ଚମତ୍କାର ପ୍ରଦର୍ଶନ କରିଥିବା ଜୋ ରୁଟ ୪ଟି ସ୍ଥାନ ଉପରକୁ ଉଠିଛନ୍ତି। ନ୍ୟୁଜିଲାଣ୍ଡର ଡେରିଲ ମିଚେଲ ଆଇସିସି ଦିନିକିଆ ବ୍ୟାଟିଂ ରାଙ୍କିଂଗ୍‌ର ପ୍ରଥମ ସ୍ଥାନରେ ଅଛନ୍ତି। ତାଙ୍କର ୮୦୨ ରେଟିଂ ରହିଥିବାବେଳେ ୮୦୧ ରେଟିଂ ସହିତ ଭାରତୀୟ କ୍ୟାପଟେନ ଶୁବମନ ଗିଲ ଦ୍ୱିତୀୟ ସ୍ଥାନରେ ଅଛନ୍ତି। ବିରାଟ କୋହଲି ଏହି ତାଲିକାର ତୃତୀୟ ସ୍ଥାନରେ ଥିବାବେଳେ ସେ ଇଂଲଣ୍ଡ ବିରୁଦ୍ଧରେ ଦ୍ୱିତୀୟ ଦିନିକିଆରେ ୬୫ ଏବଂ ତୃତୀୟ ଦିନିକିଆରେ ୭୪ ରନର ଚମତ୍କାର ଇନିଂସ ଖେଳିଥିଲେ। ରୋହିତ ଶର୍ମା ଚତୁର୍ଥ ସ୍ଥାନରେ ଥିବାବେଳେ ସେ ଇଂଲଣ୍ଡ ବିରୁଦ୍ଧରେ ତୃତୀୟ ଦିନିକିଆରେ ୧୩୮ ରନର ଏକ ଐତିହାସିକ ଇନିଂସ ଖେଳିଥିଲେ। ସେ ହେଉଛନ୍ତି ଲଡର୍ସରେ ଦିନିକିଆ ଶତକ ହାସଲ କରିଥିବା ଏକମାତ୍ର ଭାରତୀୟ ବ୍ୟାଟ୍ସମ୍ୟାନ। ରୋହିତଙ୍କର ୭୫୮ ରେଟିଂ ପଏଣ୍ଟ ରହିଛି।ଓଡଉ ପାଇଁ ଆଇସିସି ଦିନିକିଆ ବ୍ୟାଟିଂ ରାଙ୍କିଂଗ୍‌ର ଶୀର୍ଷ ୧୦ ଜଣ ଖେଳାଳିଙ୍କ ତାଲିକା: ୧. ଡେରିଲ ମିଚେଲ (ନ୍ୟୁଜିଲାଣ୍ଡ), ୨. ଶୁବମନ ଗିଲ (ଭାରତ) ୩. ବିରାଟ କୋହଲି (ଭାରତ), ୪. ରୋହିତ ଶର୍ମା (ଭାରତ), ୫. ଇବ୍ରାହିମ ଜାଦ୍ରାନ (ଆଫଗାନିସ୍ତାନ), ୬. ବାବର ଆଜମ (ପାକିସ୍ତାନ), ୭. ହ୍ୟାରି ଟ୍ରେକ୍ଟର (ଆୟର୍ଲ୍ୟାଣ୍ଡ), ୮. ଜୋ ରୁଟ (ଇଂଲଣ୍ଡ), ୯. ଶାଇ ହୋପ (ୱେଷ୍ଟଇଣ୍ଡିଜ) ୧୦. ଚରିଥ ଅସଲଙ୍କା (ଶ୍ରୀଲଙ୍କା)।

## ଅବସର ଘୋଷଣା ପରେ ପ୍ରଥମ ଥର ପଡିଆକୁ ଓହ୍ଲାଇଲେ ବେନ୍ ଷ୍ଟୋକ୍ସ

ଇଂଲଣ୍ଡ: ବିସ୍ଫୋରକ ବ୍ୟାଟର ବେନ୍ ଷ୍ଟୋକ୍ସ ଗତ ମାସ ଶେଷ ଭାଗରେ ଅନ୍ତର୍ଜାତୀୟ କ୍ରିକେଟରୁ ଅବସର ନେଇଥିଲେ। ନ୍ୟୁଜିଲାଣ୍ଡ ବିପକ୍ଷ ନଟିଂହାମ ଟେଷ୍ଟ ସମୟରେ ସେ ଡ୍ରେସିଂ ରୁମରେ ତାଙ୍କ ସାଥୀ ଖେଳାଳିମାନଙ୍କୁ ଜଣାଇଥିଲେ ଯେ ଏହା ତାଙ୍କର ଶେଷ ମ୍ୟାଚ୍ ହେବ। ଏବେ ତାଙ୍କ ଅବସରର ପ୍ରାୟ ଏକ ମାସ ପରେ ସେ ପଡିଆକୁ ଫେରି ଆସିଛନ୍ତି। ଷ୍ଟୋକ୍ସ ଇଂଲଣ୍ଡ ଦିନିକିଆ କପରେ ଡରହାମ ପାଇଁ ଶତକ ହାସଲ କରିଛନ୍ତି, ଯାହା ତାଙ୍କ ଦଳକୁ ଡରହାମକୁ ପରାସ୍ତ କରିବାରେ ସାହାଯ୍ୟ କରିଛି।ଇଂଲଣ୍ଡର ପୂର୍ବତନ ଅଧିନାୟକ ବେନ୍ ଷ୍ଟୋକ୍ସ ଡରହାମ ପାଇଁ ଚତୁର୍ଥ ନମ୍ବରରେ ବ୍ୟାଟିଂ କରିବାକୁ ଆସିଥିଲେ। ସେ ୧୦୮ ରନ କରିଥିଲେ। ସେ ୧୧୫ ବଲ୍‌ରେ ତାଙ୍କର ଶତକ ପୂରଣ କରିଥିଲେ। ସେ ତାଙ୍କ ଇନିଂସରେ ୧୦୮ ବଲ୍‌ର ସମ୍ମୁଖୀନ ହୋଇଥିଲେ, ଯେଉଁଥିରେ ୧୦ ଚୌକା ଏବଂ ତିନୋଟି ଛକା ଅନ୍ତର୍ଭୁକ୍ତ। ଏହା ଲିଷ୍ଟ ଏ କ୍ରିକେଟରେ ଷ୍ଟୋକ୍ସଙ୍କ ୧୦ମ ଶତକ। ଷ୍ଟୋକ୍ସ ତାଙ୍କ ଇନିଂସ ସମୟରେ ହାମଷ୍ଟ୍ରିଙ୍ଗ୍ ଆଘାତ ସହିତ ମଧ୍ୟ ସଂଘର୍ଷ କରିଥିଲେ। ସେ ବ୍ୟାଟିଂ ଜାରି ରଖି ତାଙ୍କ ଦଳକୁ ବିଜୟୀ



କରାଇଥିଲେ।ଡରହାମ ଡରହାମ ପାଇଁ ୨୬୦ ରନର ଲକ୍ଷ୍ୟ ଧାର୍ଯ୍ୟ କରିଥିଲା। ଉଭୟ ଓପନର ମାତ୍ର ୨୪ ରନ କରି ଆଉଟ ହୋଇଥିଲେ। ଏହା ପରେ, ୱିଲ୍ ରୋଡସଙ୍କ ସହିତ ବେନ୍ ଷ୍ଟୋକ୍ସ ଇନିଂସର ଦାୟିତ୍ୱ ନେଇଥିଲେ। ରୋଡ୍ସ ୬୦ ବଲ୍‌ରେ ୪୫ ରନ୍ କରିଥିଲେ। କଲିନ୍ ଆକରମ୍ୟାନ୍ ୨୮ ଏବଂ ଅଲିଭର ରବିନସନ୍ ୨୩ ରନ୍ କରିଥିଲେ। ଶେଷରେ କେସି ଆଲଡ୍ରିଜ୍ ୨୩ ରନ୍ କରିଥିଲେ ଏବଂ ବେନ୍ ଷ୍ଟୋକ୍ସଙ୍କ ସହ ମିଶି ଦଳକୁ ବିଜୟୀ କରାଇଥିଲେ। ବେନ୍ ଆଟିସନ୍ ୧୦ ଓଭରରେ ୩୧ ରନ୍ ଦେଇ ୩ ୱିକେଟ୍ ନେଇଥିଲେ। କାଉଣ୍ଟି ଗ୍ରାଉଣ୍ଡରେ ପ୍ରଥମେ ବ୍ୟାଟିଂ କରୁଥିବା ଡର୍ବିଶାୟାର ୯ ୱିକେଟ୍‌ରେ ୨୫୯ ରନ୍ କରିଥିଲେ। ଓପନର୍ ମାର୍ଟିନ୍ ଆଣ୍ଡରସନ୍ ସର୍ବାଧିକ ୧୧୨ ରନ୍‌ର ଇନିଂସ ଖେଳିଥିଲେ। ସେ ଦ୍ୱିତୀୟ ୱିକେଟ୍ ପାଇଁ ବ୍ରୁକ୍ ଗେଷ୍ଟଙ୍କ ସହ ୧୧୨ ରନ୍‌ର ପାର୍ଟନରସିପ୍ କରିଥିଲେ। ୱିକେଟ୍‌କିପର୍ ବ୍ୟାଟ୍ସମ୍ୟାନ୍ ଗେଷ୍ଟ ୪୮ ରନ୍ କରିଥିଲେ। ଅନ୍ୟ କୌଣସି ବ୍ୟାଟ୍ସମ୍ୟାନ୍ ସ୍ଥିର ଭାବରେ ଖେଳିପାରି ନଥିଲେ। ଲୁକ୍ ଷ୍ଟିଫେନ୍ ରବିନସନ୍ ସର୍ବାଧିକ ୩ ୱିକେଟ୍ ନେଇଥିଲେ।

Printed _ Published by Biswajit Samanta on behalf of Kusuma Samanta printed at Niyati Publication (P) Ltd., 166-B MANCHESWAR INDUSTRIAL ESTATE, BHUBANESWAR-751010 _ Published From LP-115, PRASANTI VIHAR, HOUSING BOARD COLONY BHUBANESWAR-751 024. Tele: (0674)2546981 Fax: (0674)2546982